

‘ଡନ୍-୩’କୁ ବିକ୍ରାନ୍ତଙ୍କ ନା

▶ପୃଷ୍ଠା ୧୨ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-25 •SATURDAY •19 JULY 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୨୫ •ଶନିବାର •୧୯ ଜୁଲାଇ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦

## ଜାତୀୟ ପରିସଂଖ୍ୟାନ ରିପୋର୍ଟ

# ଦେଶରେ ବେକାରୀ ସମସ୍ୟା ଭୟଙ୍କର

■ **ନୂଆଦିଲ୍ଲୀ, ୧୮।୭ (ସମିସ):** ପୁଣି ଦେଶରେ ତୀବ୍ର ହେଲାଣି ବେକାରୀ ସ୍ଥିତି। ଗାଁରୁ ସହରାଞ୍ଚଳ ସବୁଠି ଯୁବବର୍ଗ ବେକାର ବସିଛନ୍ତି। ବିଶେଷ ଭାବରେ ୧୫-୨୯ ବୟସ ବର୍ଗର ଯୁବକଯୁବତୀ ଏଥିରେ ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ଦେଶରେ ନିଯୁକ୍ତି କ୍ଷେତ୍ରରେ ସୃଷ୍ଟି ହୋଇଥିବା ସ୍ଥାଣୁତା ଓ ବେକାରୀ ବୃଦ୍ଧିର ଏପରି ଚିତ୍ର ପ୍ରତିଫଳିତ ହୋଇଛି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ସଦ୍ୟତମ ରିପୋର୍ଟରେ। ୨୦୨୫ ଜୁନ୍ ମାସରେ ଦେଶରେ ସାମଗ୍ରିକ ବେକାରୀ ହାର କେବଳ ବୃଦ୍ଧି ପାଇନାହିଁ, ସହରାଞ୍ଚଳରେ ଚାକିରି ନିମନ୍ତେ ସକ୍ଷମ ୧୫ ବର୍ଷରୁ ୨୦ ବର୍ଷ ବୟସର ଯୁବକଙ୍କ ବେକାରୀ ହାର ୧୮ ପ୍ରତିଶତରେ ପହଞ୍ଚିଛି। କ୍ରମାଗତ ଦ୍ୱିତୀୟ ମାସ ପାଇଁ ଦେଶରେ ବେକାରୀ ହାର ବୃଦ୍ଧି ପାଇଛି ।

ଗତ ମେ’ ମାସରେ ଦେଶର ଗ୍ରାମାଞ୍ଚଳରେ ୧୫-୨୯ ବର୍ଷ ବୟସ ବର୍ଗର ଯୁବକଯୁବତୀଙ୍କ ବେକାରୀ ହାର ୧୫% ରହିଥିଲା, ମାତ୍ର ଜୁନ୍ ମାସରେ ଏହା ବୃଦ୍ଧି ପାଇ ୧୫.୩ ପ୍ରତିଶତରେ ପହଞ୍ଚିଛି। ସେହିପରି ସହରାଞ୍ଚଳରେ ଏହି ବର୍ଗର ବେକାରୀ ହାର ୧୮ ପ୍ରତିଶତରେ ପହଞ୍ଚିଛି। ଗ୍ରାମାଞ୍ଚଳରେ, କୃଷି , ମନରେଗା ଭଳି ନିଯୁକ୍ତି ଯୋଜନା ଯୋଗୁଁ କିଛି ବେକାରୀହାର ସହରାଞ୍ଚଳଠାରୁ କିଞ୍ଚିତ୍ କମ୍ ରହିଛି। ମାତ୍ର ସହରାଞ୍ଚଳରେ ଶିକ୍ଷିତ ବେକାରଙ୍କ ନିଯୁକ୍ତି ନେଇ କୌଣସି ବ୍ୟବସ୍ଥା ହୋଇ ପାରି ନ ଥିବାରୁ ସଂଗଠିତ କ୍ଷେତ୍ରରେ ଚାକିରିର ଅଭାବ ଦେଖା ଦେଇଛି।

ଏନ୍ଏସ୍ଓ ଦେଶର ସାମ୍ପ୍ରତିକ ସାପ୍ତାହିକ ସ୍ଥିତି (ସିଡବ୍ଲ୍ୟୁଏସ୍) ଆଧାରରେ ବେକାରି ହାରର ଅନୁଧ୍ୟାନ କରିଥାଏ ଓ ପ୍ରତି ସପ୍ତାହର କାର୍ଯ୍ୟ ଅବଧିର ଆକଳନ କରି ରିପୋର୍ଟ ପ୍ରସ୍ତୁତ କରିଥାଏ। ଯଦି ଜଣେ ବ୍ୟକ୍ତି ସପ୍ତାହରେ ଗୋଟିଏ ଘଣ୍ଟା କିମ୍ବା କୌଣସି ଦିନ କାମ ପାଇନାହାଁନ୍ତି, ତେବେ ତାଙ୍କୁ ସପ୍ତାହରେ ବେକାର ବୋଲି ବିବେଚନା କରାଯାଏ।



### ସହରାଞ୍ଚଳରେ ୧୮% ଯୁବଗୋଷ୍ଠୀ ବେକାର

### ଗ୍ରାମାଞ୍ଚଳରେ ବେକାରୀ ଟପିଲା ୧୫ ପ୍ରତିଶତ

## ସୌମ୍ୟାଶ୍ରୀ ଆତ୍ମଦାହ

# ତିନି ତଦନ୍ତକାରୀ ଦଳର ତନାଘନା

### ୟୁଜିସି ଟିମ୍ ଓ ଉଚ୍ଚଶିକ୍ଷା ବିଭାଗ ତଦନ୍ତକାରୀ ଦଳର ପଚରାଉଚରା

### ଦ୍ୱିତୀୟ ଦିନରେ କ୍ରାଇମବ୍ରାଞ୍ଚର ଅନୁସନ୍ଧାନ ଜାରି

■ **ବାଲେଶ୍ୱର, ୧୮।୭ (ସମିସ):** ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣାର ନିରପେକ୍ଷ ତଦନ୍ତ ଦାବିରେ ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଂଗଠନ ଲଢ଼େଇ ଜାରି ରଖିଛନ୍ତି। ଏହାକୁ ନେଇ ରାଜ୍ୟ ସରକାର ଏକପ୍ରକାର ଚାପରେ ଥିବା ବେଳେ ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଛନ୍ତି। ଦୁଇ ଦିନ ହେବ କ୍ରାଇମବ୍ରାଞ୍ଚର ଟିମ୍ ତନାଘନା ଜାରି ରଖିଥିବା ବେଳେ ଆଜି ଦିଲ୍ଲୀରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ୪ଜଣିଆ ଏକ ଟିମ୍ ଓ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ତଦନ୍ତକାରୀ ଦଳ କଲେଜରେ ପହଞ୍ଚି ତନାଘନା କରିଛନ୍ତି। ଦିନକରେ ତିନି ତିନିଟି ଉଚ୍ଚସ୍ତରୀୟ ଟିମ୍‌ର ▶ପୃଷ୍ଠା-୭

## ଅଧ୍ୟାପକଙ୍କ ବିରୋଧରେ ମିଳିଛି ପ୍ରମାଣ: ନିର୍ଦ୍ଦେଶକ

■ **ବାଲେଶ୍ୱର, ୧୮।୭ (ସମିସ):** ଏଫ୍ଏମ୍ ସୌମ୍ୟାଶ୍ରୀ ଆତ୍ମଦାହ ଘଟଣାରେ ଅଭିଯୁକ୍ତ ଅଧ୍ୟାପକ ସମୀର ସାହୁଙ୍କ ବିରୁଦ୍ଧରେ ବଳିଷ୍ଠ ପ୍ରମାଣ ମିଳିଥିବା ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ସମୀରଙ୍କ ବିରୁଦ୍ଧରେ କିଛି ପ୍ରମାଣ ମିଳିଛି। ଆସନ୍ତାକାଲି କମିଟିର ତଦନ୍ତ ଶେଷ ହେବ। ପ୍ରଥମ ଦିନ ୪ ଜଣ ଛାତ୍ରଛାତ୍ରୀ, ଆଇସିସି ସଦସ୍ୟ ଏବଂ କିଛି କର୍ମଚାରୀଙ୍କୁ ପଚରାଉଚରା କରାଯାଇଛି। ଖୁବଶୀଘ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ।

## ଛାତ୍ରୀ ଓ ମହିଳାଙ୍କ ସୁରକ୍ଷା ଚିନ୍ତା

# ହେଲ୍ପଲାଇନ ନମ୍ବର ଜାରି

■ **ଭୁବନେଶ୍ୱର, ୧୮।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଘଟଣା ପରେ ସରକାରଙ୍କ ଚେତା ପଶିଛି। ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ପାଇଁ ତତ୍ପର ହୋଇଛି ଉଚ୍ଚଶିକ୍ଷା ବିଭାଗ। ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ୨୪ ଘଣ୍ଟା ମଧ୍ୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରିବାକୁ ନିର୍ଦ୍ଦେଶ ଦେବା ପରେ ଆଜି ହେଲ୍ପଲାଇନ୍ (ନମ୍ବର-୧୮୧) ଜାରି କରିଛି। ସମସ୍ତ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଓ ବେସରକାରୀ ମହାବିଦ୍ୟାଳୟର ପ୍ରମୁଖ ସ୍ଥାନରେ ▶ପୃଷ୍ଠା-୭

## ଯୁକ୍ତ ୨ ଇନଷ୍ଟାଣ୍ଟ ପରୀକ୍ଷାଫଳ ପ୍ରକାଶ

# ପାସହାର ୯୦.୫୭%

■ **ଭୁବନେଶ୍ୱର, ୧୮।୭ (ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ପରିଚାଳିତ ଯୁକ୍ତ ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷାଫଳ ପ୍ରକାଶ ପାଇଛି। ଚଳିତବର୍ଷ ପାସହାର ୯୦.୫୭ପ୍ରତିଶତ ରହିଛି। ତନ୍ମଧ୍ୟରେ ଛାତ୍ରୀଙ୍କ ପାସହାର ୯୨.୯୧ପ୍ରତିଶତ ଥିବା ବେଳେ ଛାତ୍ରଙ୍କ ୮୮.୪୩ ପ୍ରତିଶତ ରହିଛି।

ପରୀକ୍ଷା ଦେଇଥିବା ୧୦୦୮ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୧୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। କଳାରେ ସର୍ବାଧିକ ୪୯୫ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୪୪୯ପାସ କରିଛନ୍ତି। ମୋଟ୍ ପାସହାର ୯୦.୫୦% ଥିବା ▶ପୃଷ୍ଠା-୭

# ୬୪ କୋଟିର ଦୁର୍ନୀତି ଧରିବାକୁ ୨୫୦ କୋଟି ଖର୍ଚ୍ଚ

■ **ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି):** ୧୯୮୦ ଦଶକରେ ଭାରତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଥିବା ବୋଫର୍ସ ଦୁର୍ନୀତି ଏବଂ ଏଥିପାଇଁ ଖର୍ଚ୍ଚ ହୋଇଥିବା ଅର୍ଥକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ସାମନାକୁ ଆସିଛି। ସୁଇଡେନର ବୋଫର୍ସ କଂପାନୀରୁ ଟ୍ୟାଙ୍କ୍ କିଣିବା ଲାଗି ୧୫୩୭ ଟଙ୍କାର ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଭାରତ ସରକାର ଓ ବୋଫର୍ସ କଂପାନୀ ମଧ୍ୟରେ ମାର୍ଚ୍ଚ ୧୯୮୬ରେ ଏହି ଚୁକ୍ତି ହୋଇଥିଲା। ଚୁକ୍ତି ହେବାର ଗୋଟିଏ ବର୍ଷ ପରେ ଅଭିଯୋଗ ହୋଇଥିଲା ଯେ ଏହି ଚୁକ୍ତିରେ ୬୪ କୋଟି ଟଙ୍କାର କମିସନି କାରବାର ହୋଇଛି। ଏଥିରେ ନେତା, ଅଫିସର ଓ କିଛି ମଧ୍ୟସ୍ଥି ସଂପୃକ୍ତ ଥିଲେ ବୋଲି ଅଭିଯୋଗ ହୋଇଥିଲା। ଏଥିରେ ଇଟାଲୀୟ ବ୍ୟବସାୟୀ ଓଟ୍ଟାଭିଓ କ୍ୱାତ୍ରୋଚିଙ୍କୁ ଅନ୍ୟତମ ପ୍ରମୁଖ ଅଭିଯୁକ୍ତ ଦର୍ଶାଯାଇଥିଲା। ତେବେ ସବୁଠାରୁ ଆଲୋଡ଼ନ ସୃଷ୍ଟି କରିଥିବା କଥାଟି ହେଲା ଯେ ମଧ୍ୟସ୍ଥିଙ୍କୁ ଧରିବା ପାଇଁ ହୋଇଥିବା ଖର୍ଚ୍ଚର ପରିମାଣ କମିସନି ଟଙ୍କାଠାରୁ ବଢ଼ିଯାଇଥିଲା। କୁହାଯାଇଥିଲା ଯେ ୬୪ କୋଟି ଟଙ୍କାର କମିସନି କାରବାର ପାଇଁ ମଧ୍ୟସ୍ଥିକୁ ଧରିବା ଲାଗି ୨୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। କିନ୍ତୁ ପରିଣାମ ଶୂନ। ଅହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଏହି କମିସନି କାରବାର ଏମିତି ବିସ୍ଫୋରକ ରୂପ ଧରିଥିଲା ଯେ କେନ୍ଦ୍ରରେ ସରକାର ବଦଳିଯାଇଥିଲା। ▶ପୃଷ୍ଠା-୭

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ
ଭାରତ ସରକାର

“ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନିଶ୍ଚିତ ପାଣିପାଗ ସହ ଜଡ଼ିତ ବିପଦକୁ କମ କରିବା ସହିତ ପରିଶ୍ରମୀ ଚାଷୀ ଭାଇଭଉଣୀଙ୍କ ଆର୍ଥିକ ହିତ ରକ୍ଷା କରିବାରେ ଲଗାତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଚାଷୀ ହିତୈଷୀ ବୀମା ଯୋଜନାର ଲାଭ ଆଜି କୋଟି କୋଟି ଚାଷୀଙ୍କୁ ମିଳୁଛି।”
- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ





ଫସଲକୁ ବୀମାଭୁକ୍ତ ଓ ପରିଶ୍ରମକୁ ସଫଳ କରନ୍ତୁ

ଫସଲ ବୀମା କରାନ୍ତୁ
ସୁରକ୍ଷା କବଚ ପାଆନ୍ତୁ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଲାଭ ବିଷୟରେ
• 23+ କୋଟି କୃଷକ ଭାଇ ଭଉଣୀଙ୍କୁ ଏପର୍ଯ୍ୟନ୍ତ ଫସଲବୀମାର ଲାଭ ମିଳିସାରିଛି
• ₹1.75+ ଲକ୍ଷ କୋଟି ର ଦାବି କୃଷକମାନଙ୍କୁ ପୈଠ କରାଯାଇଛି
• 78+ କୋଟି ରୁ ଅଧିକ କୃଷକଙ୍କର ଆବେଦନ ପ୍ରାପ୍ତ କରାଯାଇଛି
• ରାଷ୍ଟ୍ରୀୟ ଫସଲ ବୀମା ପୋର୍ଟାଲ ଦ୍ୱାରା ସ୍ୱଚ୍ଛ ଏବଂ ଦ୍ରୁତ ଦାବି ପୈଠ

ଦେଶବ୍ୟାପୀ ହେଲ୍ପଲାଇନ୍ 14447

ପଞ୍ଜିକରଣର ଶେଷ ତାରିଖ 31 ଜୁଲାଇ, 2025

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା




ବୀମା ଅଂଶୀଦାରୀ AIC | Chola MS | Future Generali | HDFC ERGO | ICICI Lombard Nibhaye Vaade | Kshema | Oriental Insurance | Reliance General Insurance | SBI general | Universal Sompo General Insurance

ନିଜର ଫସଲକୁ ଆଜି ହିଁ ବୀମାଭୁକ୍ତ କରିବା ପାଇଁ ଯୋଗାଯୋଗ କରନ୍ତୁ

ଜନସେବା କେନ୍ଦ୍ର | କ୍ରପ୍ ଇନସ୍ୟୁରାନ୍ସ ଆପ୍ https://play.google.com | ପୋଷ୍ଟ ଅଫିସ | ବ୍ୟାଙ୍କ ଶାଖା | @PMFBY

ଯୋଜନା ସମ୍ବନ୍ଧିତ ଅଧିକ ସୂଚନା ପାଇଁ QR କୋଡ୍ ସ୍କାନ୍ କରନ୍ତୁ




ସକାଳ
THE SAKALA
www.sakalaepaper.com

# ମଙ୍ଗଳଗ୍ରହର ପଥର ୪୬ କୋଟିରେ ନିଲାମ



ନ୍ୟୁୟର୍କ, ୧୮ ।୭(ଏଜେନ୍ସି): ମଙ୍ଗଳ ଗ୍ରହରୁ ପୃଥିବୀକୁ ଆସିଥିବା ସବୁଠାରୁ ବଡ଼ ପଥରକୁ ନ୍ୟୁୟର୍କରେ ନିଲାମ କରାଯାଇଛି । ଏହି ପଥର ପାଖାପାଖି ୪୬ କୋଟି ଟଙ୍କାରେ ବିକ୍ରି ହୋଇଛି । ୨୫ କେଜି ଓଜନ ବିଶିଷ୍ଟ ଏହି ପଥରର ନାମ 'ଏନ୍‌ଡବ୍ଲ୍ୟୁଏ ୧୬୭୮୮' ରଖାଯାଇଛି । ୨୦୨୩ ନଭେମ୍ବରରେ ନାଇଜର ସାହରା ମରୁଭୂମିର ଅଗାଡେଜ କ୍ଷେତ୍ରରୁ ଏହାକୁ ଆବିଷ୍କାର କରାଯାଇଥିଲା । ଏକ ବିରାଟ ଉଲକା ପିଣ୍ଡ ମାଡ଼ ହେବା ଦ୍ୱାରା ମଙ୍ଗଳଗ୍ରହରୁ ଏହି ପଥର ଉଡ଼ି ଆସି ୨୨.୫ କୋଟି କିମି ଯାତ୍ରା କରି ପୃଥିବୀ ପୃଷ୍ଠରେ ପଡ଼ିଥିଲା । ଜଣେ ଉଲକାପିଣ୍ଡ ଅନୁସନ୍ଧାନକାରୀ ଏହି ପଥରର ସନ୍ଧାନ କରିଥିଲେ ।

## ମହାରାଷ୍ଟ୍ର ବିଧାନସଭାରେ ମାର୍‌ପିଟ୍



ମୁମ୍ବଇ, ୧୮ ।୭(ଏଜେନ୍ସି): ମହାରାଷ୍ଟ୍ର ବିଧାନସଭାରେ ଏକ ଅଭାବନୀୟ ଘଟଣା ଘଟିଛି । ବିଜେପି ଓ ଶରଦ ପାୱାରଙ୍କ ଏନ୍‌ସିପି ପାର୍ଟିର ବିଧାୟକମାନେ ଗୁରୁବାର ହାତାହାତି ହୋଇଛନ୍ତି । ଶୁକ୍ରବାର ଏ ନେଇ ମାମଲା ରୁଜୁ କରାଯାଇଛି । ଏହି ମାମଲାରେ ମୁମ୍ବଇ ପୁଲିସ ୨ ଜଣଙ୍କୁ ଗିରଫ କରିଛି । ବିଧାନସଭାରେ ଲାମ୍ବିର ବିଜେପି ବିଧାୟକ ଗୋପୀଚାନ୍ଦ ପଡଲକର ଓ ଏନ୍‌ସିପି (ଏସ୍‌ପି) ବିଧାୟକ ଜିତେନ୍ଦ୍ର ଆହ୍ୱାଡ୍‌ଙ୍କ ସମର୍ଥକ ହାତାହାତି ହୋଇଥିଲେ । ମାର୍‌ପିଟ୍‌ର ଏହି ଭିଡିଓ ସାମାଜିକ ଗଣମାଧ୍ୟମ ଭାଇରାଲ ହୋଇଛି । ଦୁଇ ବିଧାୟକଙ୍କ ସମର୍ଥକ ପରସ୍ପରକୁ ଗାଳି କରିଥିଲେ । ଏ ନେଇ ଏନ୍‌ସିପି ସମର୍ଥକ ଗୁରୁବାର ରାତିରେ ମେରାଇନ ଡ୍ରାଇଭ ଥାନା ସାମ୍ନାରେ ପ୍ରଦର୍ଶନ କରିଥିଲେ । ତେବେ ମାର୍‌ପିଟ୍‌ର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ ।

## ପିଲା ସହ ରୁଷ୍ ମହିଳା ଭାରତରେ ନିଖୋଜ

ନୂଆଦିଲ୍ଲୀ, ୧୮ ।୭(ଏଜେନ୍ସି): ସନ୍ତାନର ହେପାଜତ ପାଇଁ ସ୍ୱାମୀ କରିଥିବା ଏକ ମାମଲାରେ ସୁପ୍ରିମକୋର୍ଟ ରୁଷ୍ ମହିଳା ଭିକ୍ଟୋରିଆଙ୍କ ବିରୋଧରେ ଲୁକ୍‌ଆଉଟ୍ ନୋଟିସ ଜାରି କରିଛନ୍ତି । ଗତ ମେ' ୭ ତାରିଖରୁ ଏହି ମହିଳା ନିଜ ପିଲା ସହ ନିଖୋଜ ଅଛନ୍ତି । ଉଭୟଙ୍କୁ ଖୋଜିବା ପାଇଁ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମହିଳା ଦେଶ ଛାଡି ନ ଯିବା ଦରକାର । ସନ୍ଧାନ ମିଳିବା ପରେ ପିଲାକୁ ତା'ର ଭାରତୀୟ ପିତା ସେକତ ବାସୁଙ୍କୁ ହସ୍ତାନ୍ତର ପାଇଁ କୋର୍ଟ ଆଦେଶ ଦେଇଛନ୍ତି । ମହିଳା ଓ ପିଲା ଜଙ୍ଗଲରେ ନିଖୋଜ ହୋଇ ଯାଇଛନ୍ତି ବୋଲି କୋର୍ଟଙ୍କୁ କୁହାଯାଇଛି । ଭିକ୍ଟୋରିଆ ଭାରତରେ ଗୁପ୍ତଚର ଭାବେ କାର୍ଯ୍ୟକରି ରୁଷିଆ ପ୍ରତ୍ୟାବର୍ତ୍ତନ କରିବାକୁ ଚାହୁଁଥିଲେ ବୋଲି ସକେତ ଓ ତାଙ୍କ ପରିବାର ସନ୍ଦେହ କରୁଛନ୍ତି । ସେ ଏକ୍ସ-୧ ଭିସାରେ ଭାରତ ଆସିଥିଲେ ।

## ପଶ୍ଚିମବଙ୍ଗ ବିକାଶରେ ମମତା ବାଧକ: ମୋଦୀ

କୋଲକାତା, ୧୮ ।୭ (ଏଜେନ୍ସି): ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍‌ସି ପଶ୍ଚିମବଙ୍ଗର ବିକାଶ ଆଗରେ ପ୍ରାଚୀର ଭାବେ ଛିଡ଼ା ହୋଇଛି । ଯେଉଁ ଦିନ ଏହି ପ୍ରାଚୀର ଭାଙ୍ଗିଯିବ ସେହିଦିନ ରାଜ୍ୟରେ ବିକାଶ ତୀବ୍ର ହେବ ଏବଂ ଅସଲ ପରିବର୍ତ୍ତନ ଆସିବ । ନିଜ ସ୍ୱାର୍ଥ ପାଇଁ ଟିଏମସି ପଶ୍ଚିମବଙ୍ଗରେ ଅନୁପ୍ରବେଶକୁ ମଧ୍ୟ ପ୍ରୋତ୍ସାହନ ଦେଉଛି । ଏଥିପାଇଁ ସମ୍ପୂର୍ଣ୍ଣ ବ୍ୟବସ୍ଥା ଗଠନ କରାଯାଉଛି । ଏହା ରାଜ୍ୟ, ଦେଶ ଏବଂ ବଙ୍ଗୀୟ ସଂସ୍କୃତି ପାଇଁ ବିପଦ । ଏବେ ଟିଏମ୍‌ସି ଅନୁପ୍ରବେଶକାରୀଙ୍କ ସପକ୍ଷରେ ନୂଆ ଅଭିଯାନ ଆରମ୍ଭ କରିଛି । କିନ୍ତୁ ଯିଏ ଭାରତୀୟ ନାଗରିକ ନୁହେଁ ଏବଂ ଅନୁପ୍ରବେଶ କରି ଆସିଛି ତା ବିରୋଧରେ ସମ୍ବିଧାନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ । ରାଜ୍ୟ ବିରୋଧୀ ଷଡ଼ଯନ୍ତ୍ରକୁ ବିଜେପି କଦାପି ସଫଳ ହେବାକୁ ଦେବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ସେ ଦୁର୍ଗାପୁରରେ ୫ ହଜାର କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପକୁ ଶୁକ୍ରବାର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରି ଏହି ମନ୍ତବ୍ୟ ଦେଇଛନ୍ତି । ମୋଦୀ ରାଜ୍ୟ ସରକାରଙ୍କୁ ସମାଲୋଚନା କରି କହିଛନ୍ତି ଯେ ଆଜି ରାଜ୍ୟରେ ହସ୍ପିଟାଲଗୁଡ଼ିକ ବି ସୁରକ୍ଷିତ ନାହିଁ । ଡାକ୍ତର ଝିଅ ସହ ଅତ୍ୟାଚାର ହେବା ପରେ ଟିଏମସି ଅପରାଧୀକୁ ବଞ୍ଚାଇବାକୁ ଲାଗିଯାଇଥିଲା ।

## ବିହାର ବଜ୍ରପାତରେ ୧୭ ମୃତ

ନୂଆଦିଲ୍ଲୀ, ୧୮ ।୭(ଏଜେନ୍ସି): ବଜ୍ରପାତରେ ଗତ ୨୪ ଘଣ୍ଟାରେ ବିହାରରେ ୧୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । କେବଳ ନାଳନ୍ଦାରେ ୫ଜଣ ପ୍ରାଣ ହରାଇଛନ୍ତି । ବୈଶାଳୀରେ ୪, ବାଙ୍କା ଓ ପାଟଣାରେ ୨ ଜଣ ଲେଖାଏଁ ବଜ୍ରପାତରେ ଜୀବନ ହରାଇଛନ୍ତି । ତେଣେ ପାଟନାରେ ଗଙ୍ଗାନଦୀ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । ରାଜସ୍ଥାନ, ଉତ୍ତରପ୍ରଦେଶ, ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟାସ୍ଥିତି ଗମ୍ଭୀର ହୋଇଛି । ହିମାଚଳ ପ୍ରଦେଶରେ ବର୍ଷା ଜନିତ ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୧୧୦ ଲୋକ ମୃତ୍ୟୁବରଣ କଲେଣି । ସେହିପରି ଭୂସ୍ଖଳନ ଯୋଗୁଁ ସ୍ଥଗିତ ରହିଥିବା ଅମରନାଥ ଯାତ୍ରା ଶୁକ୍ରବାର ପୁଣି ଆରମ୍ଭ ହୋଇଛି ।

# ଟଙ୍କା ଜବତ ମାମଲା: ଜଷ୍ଟିସ୍ ବର୍ମା ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ

ନୂଆଦିଲ୍ଲୀ, ୧୮ ।୭(ଏଜେନ୍ସି): ଘରୁ ଟଙ୍କା ଜବତ ମାମଲାରେ ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବା ଲାଗି ସଂସଦରେ ପ୍ରସ୍ତୁତି ଚାଲିଛି । ଏପରି ସମୟରେ ଜଷ୍ଟିସ ବର୍ମା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏହି ମାମଲାରେ କୋର୍ଟ କମିଟି ପକ୍ଷରୁ ଦିଆଯାଇଥିବା ରିପୋର୍ଟରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି । ତେବେ ସେ ଏହି ରିପୋର୍ଟକୁ ରଦ୍ଦ କରିବାକୁ ସୁପ୍ରିମକୋର୍ଟରେ ଆବେଦନ ଦାଖଲ କରିଛନ୍ତି । ସେ କହିଛନ୍ତି, ମୋ ବିରୋଧରେ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା ନ୍ୟାୟିକ ସିଦ୍ଧାନ୍ତର ବିରୋଧୀ । ନିଜର କଥା ରଖିବାକୁ ଓ ନିର୍ଦ୍ଦୋଷ ସାବ୍ୟସ୍ତ କରିବାକୁ ମୋତେ କୌଣସି ସୁଯୋଗ ଦିଆଯାଇନାହିଁ । ଏହି କ୍ରମରେ ଜଣେ ବ୍ୟକ୍ତି ଓ ତାଙ୍କ ସାମ୍ବିଧାନିକ ଅଧିକାରରର ଉଲ୍ଲଂଘନ ହୋଇଛି ।



ଜୁଲାଇ ୨୧ରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ସେ ଏହି ଆବେଦନ ଦାଖଲ କରିଛନ୍ତି । ଏହି ଅଧିବେଶନରେ ଜଷ୍ଟିସ୍ ବର୍ମାଙ୍କୁ ହଟାଇବା ପାଇଁ ମହାଭିଯୋଗ ପ୍ରସ୍ତାବ ପାରିତ କରିବାକୁ ପ୍ରସ୍ତୁତି କରାଯାଇଛି । ଆଇନ ଅନୁଯାୟୀ ଏହି ପଦକ୍ଷେପ ନିଆଯାଉଛି ବୋଲି ଆଇନମନ୍ତ୍ରୀ କହିଛନ୍ତି । ଏହି ପ୍ରସ୍ତାବକୁ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ସମର୍ଥନ ଓ ସ୍ୱାକ୍ଷର କରିବେ ବୋଲି ଘୋଷଣା କରିସାରିଛନ୍ତି । ନିଜର ସ୍ଥିତି ବିପଦରେ ଥିବା ହୃଦୟଙ୍ଗମ କରି ଜଷ୍ଟିସ୍ ବର୍ମା ଏବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ।


ଉଲ୍ଲେଖଯୋଗ୍ୟ ଯେ, ଗତ ମାର୍ଚ୍ଚ ୧୪ରେ ଜଷ୍ଟିସ ବର୍ମାଙ୍କ ଦିଲ୍ଲୀ ଘରେ ରାତି ୧୧.୩୫ରେ ନିଆଁ ଲାଗିଥିଲା । ସେତେବେଳେ ବର୍ମା ବାହାରେ ଥିଲେ । କିନ୍ତୁ ତାଙ୍କ ବଙ୍ଗଳାରୁ ୧୫ କୋଟି ନଗଦ ଟଙ୍କା ମିଳିଥିଲା । ଏଥିମଧ୍ୟରୁ ଅଧିକାଂଶ ନୋଟ ଅଧା ଜଳିଯାଇଥିଲା । ଏହି ଅଧାଜଳା ଟଙ୍କା ନେଇ ଜଷ୍ଟିସ ବର୍ମାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ଓ ତଦନ୍ତ ପରେ ରିପୋର୍ଟ ପ୍ରକାଶ ପାଇଥିଲା । ସେତେବେଳେ ଜଷ୍ଟିସ ବର୍ମା ଦିଲ୍ଲୀ ହାଇକୋର୍ଟର ବିଚାରପତି ଥିଲେ ।

# ଇଣ୍ଡି ମେଣ୍ଟରୁ ଅଲଗା ହେଲେ କେଜ୍ରିୱାଲ

ନୂଆଦିଲ୍ଲୀ, ୧୮ ।୭(ଏଜେନ୍ସି): ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ଆମ ଆଦମୀ ପାର୍ଟି (ଆପ୍) ବିରୋଧୀ ଇଣ୍ଡିଆ ମେଣ୍ଟରୁ ଅଲଗା ହୋଇଛି । ଦଳର ରାଜ୍ୟସଭା ସାଂସଦ ସଞ୍ଜୟ ସିଂ ଶୁକ୍ରବାର ଏହି ସୂଚନା ଦେଇଛନ୍ତି । ତେବେ ଏହା କୌଣସି ନୂଆ କଥା ନୁହଁ । ଲୋକସଭା ନିର୍ବାଚନ ପରେ ଆପ୍ ଇଣ୍ଡିଆ ମେଣ୍ଟରୁ ପ୍ରାୟତଃ ଅଲଗା ହୋଇସାରିଥିଲା । କେବଳ ଔପଚାରିକ ଘୋଷଣା ବାକିଥିଲା । ଦିଲ୍ଲୀ ନିର୍ବାଚନ ହାରିବା ପରେ ଆପ୍ ଇଣ୍ଡିଆ ମେଣ୍ଟ ସହ ରହିବ ବୋଲି ଅନୁମାନ କରାଯାଉଥିଲା । କିନ୍ତୁ ନିକଟରେ ହୋଇଥିବା ବିଧାନସଭା ଉପ- ନିର୍ବାଚନରେ ଆପ୍ ଗୁଜରାଟ ଓ ପଞ୍ଜାବରେ ଭଲ ପ୍ରଦର୍ଶନ କରିଥିଲା । ଫଳରେ ଆପ୍ ଏବେ ନିଶ୍ଚିହ୍ନ ହୋଇନାହିଁ ବୋଲି ସ୍ପଷ୍ଟ ହୋଇଛି । ଗୁଜରାଟ ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ବୋଲି ଆପ୍ ଆଶାବାଦୀ ଅଛି । କଂଗ୍ରେସ ସହ ନିର୍ବାଚନ ଲଢ଼ିଲେ ଆପ୍ ବେଶି ଲାଭବାନ ହେବ ନାହିଁ ବୋଲି ହୃଦୟଙ୍ଗମ କରିଛି । ତେଣୁ ଆପ୍ ଇଣ୍ଡିଆ ମେଣ୍ଟରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛି । ଏହି ମେଣ୍ଟ କେବଳ ୨୦୨୪ ଲୋକସଭା ନିର୍ବାଚନ ପାଇଁ ଉଦ୍ଦିଷ୍ଟ ଥିଲା । ଏହା ପରେ ଆମେ ଦିଲ୍ଲୀ ଓ ହରିୟାଣାରେ ଏକାକି ନିର୍ବାଚନ ଲଢ଼ିଥିଲୁ ବୋଲି ସଞ୍ଜୟ କହିଛନ୍ତି । ଏହିକ୍ରମରେ ସେ କଂଗ୍ରେସ ପାର୍ଟିକୁ ସମାଲୋଚନା କରିଛନ୍ତି । କଂଗ୍ରେସ ଇଣ୍ଡିଆ ମେଣ୍ଟର ନେତୃତ୍ୱ ନେବାରେ ବିଫଳ ହୋଇଛି । ଲୋକସଭା ନିର୍ବାଚନ ପରେ କଂଗ୍ରେସ ଇଣ୍ଡିଆ ମେଣ୍ଟର କୌଣସି ବୈଠକ ଡାକିନାହିଁ । ତେଣୁ ଏହା ଏକ ପିଲା ଖେଳ ନୁହେଁ ବୋଲି ସେ କହିଛନ୍ତି । ଏବେ ଆପ୍ ଏକାକୀ ନିର୍ବାଚନ ଲଢ଼ିବ ବୋଲି ସେ ସ୍ପଷ୍ଟ କରିଛନ୍ତି ।

## ୨୧୭୪ କୋଟିର ମଦ ଦୁର୍ନୀତି ମାମଲା

# ଜନ୍ମଦିନରେ ବଘେଲଙ୍କ ପୁଅଙ୍କୁ ଗିରଫ କଲା ଇଡି



ରାୟପୁର, ୧୮ ।୭ (ଏଜେନ୍ସି): ମଦ ଦୁର୍ନୀତି ସମ୍ବନ୍ଧିତ ବହୁ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି । ଶୁକ୍ରବାର ବଡ଼ି ଭୋର୍‌ରେ ଭିଲାଇ ସ୍ଥିତ ବାସଭବନରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ପୁଅ ତଥା ବ୍ୟବସାୟୀ ଚୈତନ୍ୟ ବଘେଲଙ୍କୁ ଗିରଫ କରାଯାଇଛି । ତାଙ୍କୁ ରାୟପୁରର ସ୍ୱତନ୍ତ୍ର କୋର୍ଟରେ ଉପସ୍ଥାପନ କରାଯାଇଛି । କୋର୍ଟ ଚୈତନ୍ୟଙ୍କୁ ୨୨ ତାରିଖ ପର୍ଯ୍ୟନ୍ତ ଇଡି ରିମାଣ୍ଡକୁ ପଠାଇ ଦେଇଛନ୍ତି । ଏହି ସମୟରେ କୋର୍ଟରେ ଭୂପେଶ ବଘେଲ, ଚରଣଦାସ ମହନ୍ତ, ମହମ୍ମଦ ଆକବର ସମେତ କଂଗ୍ରେସର ବହୁ ବଡ଼ ନେତା ଉପସ୍ଥିତ ଥିଲେ । ଏହି ଗିରଫକୁ ବିରୋଧ କରି କଂଗ୍ରେସ କର୍ମୀ ହଙ୍ଗାମା କରିଛନ୍ତି । ଗିରଫ ସମୟରେ ଇଡି ଗାଡ଼ିକୁ ଅଟକାଇବାକୁ ପ୍ରୟାସ କରିଥିଲେ । ପୁଲିସ ସହ ମୁହାଁମୁହିଁ ହୋଇଥିଲେ । ଏହା ସତ୍ତ୍ୱେ ଇଡି ଚୈତନ୍ୟଙ୍କୁ ଧରି କୋର୍ଟରେ ହାଜର କରିଥିଲା ।

ଜନ୍ମଦିନରେ ଆଜି ଚୈତନ୍ୟଙ୍କୁ ଗିରଫ କରାଯାଇଛି । ଏହାକୁ ନେଇ ବଘେଲ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତାତ୍ସଲ୍ୟ କରିଛନ୍ତି । ପୂର୍ବରୁ ମୋ ଜନ୍ମଦିନରେ ପରାମର୍ଶଦାତା ଏବଂ ସ୍ୱତନ୍ତ୍ର ଦାୟିତ୍ୱରେ ଥିବା ଦୁଇ ଅଧିକାରୀ (ଓଏସ୍‌ଡି)ଙ୍କ ଘରେ ଇଡି ଚଢ଼ଉ କରାଯାଇଥିଲା । ଏବେ ପୁଅ ଜନ୍ମଦିନରେ ଯେଉଁ ଭଳି ଉପହାର ଦେଲେ ତାହା ବିଶ୍ୱର କୌଣସି ଗଣତନ୍ତ୍ରରେ ଦିଆଯାଇ ନ ଥିଲା । ଏଭଳି ଉପହାର ଦେଇଥିବାରୁ ମୋଦୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଧନ୍ୟବାଦ । ନିଜ ମାଲିକଙ୍କୁ ଖୁସି କରିବା ପାଇଁ ମୋଦୀ-ଶାହା ଇଡି ପଠାଇ ଦେଲେ । ଏହା ସାରା ଜୀବନ ମନେ ରହିବ । ବଘେଲ କେବେ ନଇଁନି କି ଡରିବନି । ଏହା ପୂର୍ବରୁ ବଘେଲ କହିଥିଲେ ଯେ ଆଜି ବିଧାନସଭା ଅଧିବେଶନର ଶେଷ ଦିନ । ତମନାରରେ ଆଦାନୀ କାଟୁଥିବା ଗଛ ପ୍ରସଙ୍ଗ ଆଜି ଗୃହରେ ଉଠା ଯାଇଥାନ୍ତା । କିନ୍ତୁ ଏହା ପୂର୍ବରୁ ଭିଲାଇ ଆବାସକୁ ସାହେବ ଇଡି ପଠାଇ ଦେଲେ ।

ସୂଚନା ଅନୁଯାୟୀ ଚୈତନ୍ୟ ରିୟଲ ଇଷ୍ଟେଟ ବ୍ୟବସାୟରେ ଜଡ଼ିତ ଥିଲେ । ତେବେ ସେ କଂଗ୍ରେସ ସଦସ୍ୟ ଅଛନ୍ତି । ମଦ ଦୁର୍ନୀତି ସହିତ କୋଲ୍ ଲେଭି, ମହାଦେବ ଆପ୍ ଏବଂ ହାୱଲା ମାଧ୍ୟମରେ ମନି ଲଣ୍ଡରିଂ ଆଦି ମାମଲାରେ ଚୈତନ୍ୟଙ୍କ ନାମ ଆସିଛି । ୨୧୭୪ କୋଟିର ମଦ ଦୁର୍ନୀତି ମାମଲାର ଯାଞ୍ଚରୁ ଜଣାପଡ଼ିଛି ଯେ ଭୂପେଶଙ୍କ କାର୍ଯ୍ୟକାଳରେ ଆଇଏଏସ ଅଧିକାରୀ ଅନିଲ ଟୁଟେଜା, ଅବକାରୀ ବିଭାଗର ଏମଡି ଏପି ତ୍ରିପାଠୀ ଏବଂ ବ୍ୟବସାୟୀ ଅନୱର ଢେବରଙ୍କ ସିଣ୍ଡିକେଟ ମାଧ୍ୟମରେ ଦୁର୍ନୀତି ହୋଇଥିଲା । ଇଓଡବ୍ଲ୍ୟୁ ଆରୋପପତ୍ର ଅନୁଯାୟୀ ୧୩୯୨ କୋଟି ୪୫ ଲକ୍ଷ ୩୯ ହଜାର ଟଙ୍କା କେବଳ ନେତାମନ୍ତ୍ରୀଙ୍କୁ ବଣ୍ଟା ଯାଇଥିଲା । ୩ ମଦ ଯୋଗାଣକାରୀଙ୍କୁ ୩୫୮ କୋଟି ୬୫ ଲକ୍ଷ ୩୨ ହଜାର, ଅନୱର ଢେବର ଓ ଅନିଲ ଟୁଟେଜାଙ୍କୁ ୧୮୧ କୋଟି ୫୨ ଲକ୍ଷ ୮୫ ହଜାର, ଅବକାରୀ ବିଭାଗକୁ ୯୦ କୋଟି ୭୬ ଲକ୍ଷ ୪୨ ହଜାର ୫୦୦ ଟଙ୍କା, ଅରବିନ୍ଦ ସିଂହ ଏବଂ ବିକାଶ ଅଗ୍ରୱାଲଙ୍କୁ ୬୦ କୋଟି ୫୦ ଲକ୍ଷ ୯୫ ହଜାର, ଜିଲ୍ଲା ଅବକାରୀ ଅଧିକାରୀ ଏବଂ ମଦ ଦୋକାନର କର୍ମଚାରୀଙ୍କୁ ୯୦ କୋଟି ୭୬ ଲକ୍ଷ ୪୨ ହଜାର ୫୦୦ ଟଙ୍କା ବଣ୍ଟା ଯାଇଥିଲା ।

# ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ ଗଠନ ନ କଲେ ବିଚାରାଧୀନଙ୍କୁ ଜାମିନ ଦେବୁ: ସୁପ୍ରିମକୋର୍ଟ


ନୂଆଦିଲ୍ଲୀ, ୧୮ ।୭ (ଏଜେନ୍ସି): ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନଆଇଏ)କୁ ନେଇ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ବଡ଼ ଚେତାବନୀ ଦେଇଛନ୍ତି । ଏନ୍‌ଆଇଏ ମାମଲାର ଶୀଘ୍ର ଶୁଣାଣି ଲାଗି ଉପଯୁକ୍ତ ଭିତ୍ତିଭୂମି ସହିତ ଅଲଗା କୋର୍ଟ ଗଠନ କଲେ ବିଚାରାଧୀନ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିବୁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଦେଇଛନ୍ତି । କେତେ ଦିନ ପର୍ଯ୍ୟନ୍ତ ବିଚାରାଧୀନ ଅଭିଯୁକ୍ତଙ୍କୁ ହେପାଜତରେ ରଖିବ ବୋଲି କେନ୍ଦ୍ର ଏବଂ ସମ୍ବନ୍ଧିତ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ଏଭଳି ମାମଲାର ସମାଧାନ ଲାଗି ସ୍ୱତନ୍ତ୍ର କୋର୍ଟ ଗଠନ ନିମନ୍ତେ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟୋମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କେନ୍ଦ୍ରକୁ ଶେଷ ସୁଯୋଗ ଦେଇଛନ୍ତି । ଦୀର୍ଘଦିନ ପର୍ଯ୍ୟନ୍ତ ଜେଲ୍‌ରେ ଥାଇ ଶୁଣାଣି ଆରମ୍ଭ ହୋଇ ନ ଥିବା ଜଣେ ଅଭିଯୁକ୍ତଙ୍କ ଆବେଦନର ବିଚାର କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି । ଖଣ୍ଡପୀଠ କହିଛନ୍ତି ଯେ ବର୍ତ୍ତମାନ ଥିବା ଅଦାଲତକୁ ଖାଲି ସ୍ୱତନ୍ତ୍ର କୋର୍ଟ ଘୋଷଣା କରିଦେଲେ ପର୍ଯ୍ୟାପ୍ତ ହେବ ନାହିଁ । ଏଭଳି କରିବା ଦ୍ୱାରା ବିଚାରାଧୀନ କଏଦୀ, ବୃଦ୍ଧ, ଗରିବ ଏବଂ ବୈବାହିକ ବିବାଦ ଭଳି ଅନ୍ୟ ଜରୁରୀ ମାମଲା ପ୍ରଭାବିତ ହେବ । ୟୁଏପିଏ ଏବଂ ଏମକୋକା ଭଳି ଗମ୍ଭୀର ମାମଲାରେ ତ୍ୱରିତ ଶୁଣାଣି ପାଇଁ ଅଲଗା ସ୍ୱତନ୍ତ୍ର କୋର୍ଟ ଆବଶ୍ୟକ । କୋର୍ଟ ଏନଆଇଏ ସଚିବଙ୍କ ସତ୍ୟପାଠ ଉପରେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି । କହିଛନ୍ତି ଯେ ସରକାର ବିଚାରକୁ ତ୍ୱରାନ୍ୱିତ କରିବା ପାଇଁ କ'ଣ ଠୋସ୍ ପଦକ୍ଷେପ ନେଇଛନ୍ତି ତାହା ଏଥିରେ କୁହାଯାଇ ନାହିଁ । ଏନଆଇଏ ମାମଲା ଚଳାଇବାକୁ ଚାହୁଁଛି, କିନ୍ତୁ ଟ୍ରାଏଲ ଶୀଘ୍ର କରିବାକୁ ଚାହୁଁନାହିଁ । ଯଦି ପରବର୍ତ୍ତୀ ଶୁଣାଣି ସୁଦ୍ଧା ଏହା ଉପରେ ନିଷ୍ପତ୍ତି ନିଆ ନ ଯାଏ ତେବେ କୋର୍ଟ ଅଭିଯୁକ୍ତଙ୍କୁ ମୁକ୍ତ କରିଦେବେ ବୋଲି ସ୍ପଷ୍ଟ କରିଛନ୍ତି ।

# ପାକିସ୍ତାନୀ ଟିଆରଏଫ୍‌କୁ ଆତଙ୍କୀ ସଂଗଠନ ଘୋଷଣା କଲା ଆମେରିକା

ୱାସିଂଟନ, ୧୮ ।୭(ଏଜେନ୍ସି): ପାକିସ୍ତାନ ସମର୍ଥିତ ଦି ରେସିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ୍)କୁ ଆମେରିକା ଆତଙ୍କବାଦୀ ସଂଗଠନ ଘୋଷଣା କରିଛି । ଟିଆରଏଫ୍‌କୁ ଫରେନ ଟେରରିଷ୍ଟ ଅର୍ଗାନାଇଜେସନ (ଏଫ୍‌ଟିଓ) ଓ ସ୍ପେଶିଆଲି ଡେଜିଗନେଟେଡ ଗ୍ଲୋବାଲ ଟେରରିଷ୍ଟ (ଏସ୍‌ଡିଜିଟି) ତାଲିକାରେ ସାମିଲ କରିଛି । ଆମେରିକା ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଆ ଶୁକ୍ରବାର ଏହି ଘୋଷଣା କରିଛନ୍ତି । ଟିଆରଏଫ୍ ହେଉଛି ଲସ୍କର- ଇ- ତୋଇବା (ଏଲ୍‌ଇଟି)ର ଏକ ଛାମୁଆ ସଂଗଠନ । ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପାଇଁ ଟିଆରଏଫ୍ ନିଜକୁ ଦାୟୀ କରିଥିଲା । ଏଥିରେ ଧାର୍ମିକ ପରିଚୟ ପଚାରି ୨୬ ଜଣ ଲୋକଙ୍କୁ ଅତି ନିର୍ମମ ଭାବେ ଗୁଳି ମାରି ହତ୍ୟା କରାଯାଇଥିଲା ବୋଲି ରୁବିଆ କହିଛନ୍ତି । ଭାରତୀୟ ସେନା ଉପରେ କେତୋଟି ଆକ୍ରମଣ ଘଟଣାରେ ମଧ୍ୟ ଟିଆରଏଫ୍ ନିଜକୁ ଦାୟୀ କରିଛି । ଆତଙ୍କବାଦ ବିରୋଧରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର କଡ଼ା ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି ବୋଲି ସେ କହିଛନ୍ତି ।

# ବୌଦ୍ଧ ଭିକ୍ଷୁଙ୍କୁ ଫସାଇ ୧୦୨ କୋଟି ଲୁଟ୍

ବ୍ୟାଙ୍କକ, ୧୮ ।୭ (ଏଜେନ୍ସି): ଧର୍ମ ପରାୟଣ ଥାଇଲାଣ୍ଡରେ ଏକ ସେକ୍ସ ସ୍କାଣ୍ଡାଲକୁ ନେଇ ଚାଞ୍ଚଲ୍ୟ ଖେଳି ଯାଇଛି । ଏହି ସ୍କାଣ୍ଡାଲରେ ବୌଦ୍ଧ ସନ୍ୟାସୀ ଫସିଛନ୍ତି । ଜଣେ ଯୁବତୀ ସୋସିଆଲ ମିଡିଆରେ ଆକାଉଣ୍ଟ ଖୋଲି ବୌଦ୍ଧ ସନ୍ୟାସୀଙ୍କ ସହ ବନ୍ଧୁତା କରୁଥିଲା । ନିଜ ମାୟାଜାଲରେ ଫସାଇ ସନ୍ୟାସୀଙ୍କ ବ୍ରହ୍ମଚର୍ଯ୍ୟ ଭଙ୍ଗ କରି ଶାରୀରୀକ ସମ୍ପର୍କ ରଖୁଥିଲା । ଗୋପନୀୟ ଭାବେ ଏହି ସମୟର ଫଟୋ ଏବଂ ଭିଡିଓ ରେକର୍ଡିଂ କରୁଥିଲା । ପରେ ଏହା ଆଧାରରେ ବୌଦ୍ଧ ସନ୍ୟାସୀଙ୍କୁ ବ୍ଲାକମେଲ୍ କରି କୋଟି କୋଟି ଟଙ୍କା ଏବଂ ସାମଗ୍ରୀ ଲୁଟି ନେଉଥିଲା । ଏହି ମାମଲାରେ ଥାଇଲାଣ୍ଡ ପୁଲିସ ଯୁବତୀ ୱିଲୱାନ ଏମସାୱତ (୩୦)ଙ୍କୁ ଗିରଫ କରିଛି । ଏହି ସ୍କାଣ୍ଡାଲରେ ଫସିଥିବା ୯ ମଠାଧୀଶ ଏବଂ ବରିଷ୍ଠ ଭିକ୍ଷୁଙ୍କ ମୁଖା ଖୋଲି ଯାଇଛି । ସେମାନଙ୍କୁ



ଭିକ୍ଷୁ ପଦରୁ ବାହାର କରିଦିଆଯାଇଛି । ଏହା ଜଣାପଡ଼ିବା ପରେ ଥାଇ ରାଜା ନିଜ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ବୌଦ୍ଧ ସନ୍ୟାସୀଙ୍କୁ ଦେଇଥିବା ନିମନ୍ତ୍ରଣ ପ୍ରତ୍ୟାହାର କରି ନେଇଛନ୍ତି ।

ଏହି ମହିଳା ମିସ୍ ଗଲ୍ଫ ନାମରେ ପରିଚିତ ଥିଲେ । ତାଙ୍କ ଫୋନରୁ ବୌଦ୍ଧ ସନ୍ୟାସୀଙ୍କୁ ପଠା ଯାଇଥିବା ମେସେଜ ଏବଂ ଭିଡିଓ ମିଳିଛି । ୮୦ ହଜାର ଉଲଗ୍ନ ଫଟୋ ମଧ୍ୟ ଜବତ କରାଯାଇଛି । ସେ ନିଜ ଘରକୁ ଡକାଇ ବୌଦ୍ଧ ସନ୍ୟାସୀଙ୍କ ସହ ସମ୍ବନ୍ଧ ରଖୁଥିଲା । ସେ ବ୍ଲାକମେଲ୍ କରି ଗତ ତିନି ବର୍ଷ ମଧ୍ୟରେ ବୌଦ୍ଧ ଭିକ୍ଷୁଙ୍କଠାରୁ ୧୦୨ କୋଟି ଟଙ୍କା ଲୁଟି ନେଇଥିଲା । ଏହି ଅର୍ଥକୁ ଅନ୍‌ଲାଇନ ଜୁଆଖେଳରେ ଲଗାଉ ଥିଲା । କିଛି ବୌଦ୍ଧ ସନ୍ୟାସୀ ମଧ୍ୟ ମିସ୍ ଗଲ୍ଫଙ୍କ ସହ ସମ୍ପର୍କ ରଖିଥିବା ସ୍ୱୀକାର କରିଛନ୍ତି । ଜଣେ ଭିକ୍ଷୁଙ୍କୁ ସେ କାର୍ ଉପହାର ଦେଇଥିଲା । ମାତ୍ର ଅନ୍ୟ ଜଣେ ଭିକ୍ଷୁଙ୍କ ସହ ଦେଖିଦେବା ପରେ ମହିଳା ତାଙ୍କୁ ଟଙ୍କା ମାଗିଥିଲେ । ପ୍ରଥମେ ଜୁନ୍ ମଧ୍ୟଭାଗରେ ୱାଟ ତ୍ରି ଥୋଟସାଥିପ ମଠର ମଠାଧିଶ ନିଖୋଜ ହେବା ପରେ ଏହି ମାମଲା ସାମ୍‌ନାକୁ ଆସିଥିଲା ।

# ଦିଲ୍ଲୀର ୪୫, ବେଙ୍ଗାଲୁରୁର ୫୦ ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ, ୧୮ ।୭(ଏଜେନ୍ସି): ରାଜଧାନୀ ଦିଲ୍ଲୀ ଓ ବେଙ୍ଗାଲୁରୁରେ ଶୁକ୍ରବାର ସକାଳେ ୯୫ରୁ ଊର୍ଦ୍ଧ୍ୱ ସ୍କୁଲକୁ ବୋମାରେ ଉଡାଇଦେବାକୁ ଧମକ ମିଳିଛି । ଦିଲ୍ଲୀର ୪୫ରୁ ଅଧିକ ସ୍କୁଲକୁ ଉଡାଇଦେବାକୁ ଇମେଲ ଜରିଆରେ ଧମକ ମିଳିଛି । ଏଥିରେ ପୀତମପୁରା, ଦ୍ୱାରକା, ପଶ୍ଚିମବିହାର, ରୋହିଣୀ, ସଙ୍ଗମ ବିହାର ସମେତ ଅନ୍ୟସ୍ଥାନରେ ଥିବା ସ୍କୁଲ ସାମିଲ ରହିଛି । ସୂଚନା ମିଳିବା ପରେ ଦିଲ୍ଲୀ ପୁଲିସ୍, ବୋମା ନିଷ୍କ୍ରିୟ ଦଳ ଓ ଦମକଳ ବାହିନୀ ବିଭିନ୍ନ ସ୍କୁଲ୍‌ରେ ପହଞ୍ଚିଥିଲେ । ସ୍କୁଲଗୁଡ଼ିକୁ ତୁରନ୍ତ ଖାଲି କରିଦିଆଯାଇଥିଲା ଓ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା । ସେହିପରି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ୩ଟି କଲେଜକୁ ମଧ୍ୟ ସମାନ ଧମକ ମିଳିଥିଲା । ଗତ ୫ ଦିନ ମଧ୍ୟରେ ଚତୁର୍ଥ ଥର ପାଇଁ ଦିଲ୍ଲୀରେ ଇମେଲ ଜରିଆରେ ଏପରି ଧମକ ମିଳିଛି । ଏହାପୂର୍ବରୁ ଜୁଲାଇ ୧୪, ୧୫ ଓ ୧୬ ତାରିଖରେ ଏପରି ଧମକ ମିଳିଥିଲା । ସେହିପରି ବେଙ୍ଗାଲୁରୁର ୫୦ଟି ସ୍କୁଲକୁ ଇମେଲ ଜରିଆରେ ସମାନ ଧମକ ମିଳିଛି । ସୂଚନା ମିଳିବା ପରେ ହିଁ ପୁଲିସ ଓ ବୋମା ନିଷ୍କ୍ରିୟ ଦଳ ଭିନ୍ନ ଭିନ୍ନ ସ୍କୁଲରେ ପହଞ୍ଚି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲେ ।

ଧନୀ ବ୍ୟବସାୟୀଙ୍କୁ ଲୋଭ ଦେଖାଇ ଲୁଟ୍ /

# ୫୦୦ କୋଟି ଠକେଇର ସୂତ୍ରଧର ଗିରଫ

ବେଙ୍ଗାଲୁରୁ, ୧୮ ।୭ (ଏଜେନ୍ସି): ଧନ ସମ୍ପତ୍ତିର ଲୋଭ ମଣିଷକୁ ଅନ୍ଧ କରିଦିଏ । ପାଖରେ ଯେତେ ଧନ ଥିଲେ ବି ଅଧିକରୁ ଅଧିକ ଅର୍ଜନ କରିବାର ଆଶା ବିପଦ ସୃଷ୍ଟି କରିଥାଏ । ଠକ ଏହାର ସୁଯୋଗ ନେଇ ଠକେଇ କରିଥାନ୍ତି । ଏଭଳି ଏକ ଠକେଇ ମାମଲା ମାଙ୍ଗାଲୁରୁ ସହରରୁ ସାମ୍‌ନାକୁ ଆସିଛି । ଅଧିକ ଟଙ୍କାର ଋଣ ଲୋଭ ଏବଂ ଜମି ଚୁକ୍ତି କରିଦେବାକୁ କହି ଧନୀ ବ୍ୟବସାୟୀଙ୍କୁ ନିଶାଣ କରୁଥିଲା । ବ୍ୟାଙ୍କ ସହ ଚିହ୍ନା ପରିଚୟ ଥିବା ଦର୍ଶାଇ ଆସ୍ଥା ଭାଜନ ହେଉଥିଲା । ପରେ ବ୍ୟବସାୟ ବଢ଼ାଇବା ପାଇଁ ୫୦୦ରୁ ୬୦୦ କୋଟି ଋଣ କରିଦେବାକୁ କହୁଥିଲା । ରାଜି ହେବା ପରେ ପ୍ରୋସେସିଂ ଫି, ଆଇନଗତ କାର୍ଯ୍ୟ କରିବାକୁ କହି ୫୦ ଲକ୍ଷ ଟଙ୍କାରୁ ୪ କୋଟି ପର୍ଯ୍ୟନ୍ତ ଅଗ୍ରୀମ ମାଗୁଥିଲା । ଆଉ ଟଙ୍କା ପାଇବା



ପରେ ଫୋନ ସ୍ୱିଚ୍‌ଅଫ୍ କରି ଦେଉଥିଲା । ବ୍ୟବସାୟୀଙ୍କ ସହ କୌଣସି ଯୋଗାଯୋଗ ରଖୁ ନ ଥିଲା । ଗାଏବ ହେଇ ଯାଉଥିଲା । ଜଣେକି ଦୁଇ ଜଣ ନୁହେଁ, ଦେଶର ଅନେକ ଧନୀ ବ୍ୟବସାୟୀଙ୍କଠାରୁ ୫୦୦ କୋଟିରୁ ଅଧିକ ଟଙ୍କା ଠକି ନେଇଥିବା ଠକ ରୋହନ ସାଲ୍‌ଦାନାକୁ ମାଙ୍ଗାଲୁରୁ ସହର ପୁଲିସ ଗିରଫ କରିଛି ।

ପୁଲିସ କମିଶନର ସୁଧୀର କୁମାର ରେଡ୍ଡୀ ଏବଂ ଏସିପି ରବୀଶ ନାୟକଙ୍କ ନେତୃତ୍ୱାଧୀନ ଟିମ୍ ରାତି ଅଧରେ ଅଭିଯାନ ଚଳାଇ ଜେପିନାମୋଗାରୁ ଅଞ୍ଚଳରୁ ତାକୁ ଗିରଫ କରିଛନ୍ତି । ଏହି ଠକ ନିଜେ ରହିବା ଏବଂ କଳା କାରବାରକୁ ଲୁଚାଇବା ପାଇଁ ମହଲ ଗଢ଼ି ଗୁପ୍ତ କୋଠରୀ ବନାଇ ଥିଲା । ଏହା ଦେଖି ପୁଲିସ ଅବାକ ହୋଇ ଯାଇଥିଲା । ସେ କବାଟ ପଛରେ ଥିବା ଗୋପନୀୟ ପ୍ରକୋଷ୍ଠରେ ରହୁଥିଲା । ଠକେଇ ଟଙ୍କାରେ ଅୟସ କରୁଥିଲା । ମହଙ୍ଗା ସାମଗ୍ରୀ କିଣି ସଜେଇ ରଖିଥିଲା । ଏହା ଭିତରେ ବାର୍‌ଠାରୁ ଆରମ୍ଭ କରି ସବୁ ସୁବିଧା ଥିଲା । ବାହାରିବା ପାଇଁ ଗୁପ୍ତ ପଥ ରହିଥିଲା । ଆଗନ୍ତୁକଙ୍କ ଉପରେ ନଜର ରଖିବା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରିଥିଲା । ଉଚ୍ଚ କ୍ଷମତା ସମ୍ପନ୍ନ ସିସିଟିଭି ଲଗାଇ ଥିଲା । ଆଉ ଏହା ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ଥିଲା । ପୁଲିସ ଯାଞ୍ଚରୁ ଜଣାପଡ଼ିଛି ଯେ ଗତ ତିନି ମାସରେ ତାର ଖାତାରେ ୪୦ କୋଟି ଟଙ୍କାର କାରବାର ହୋଇଛି । ତା' କୋଠାରେ ୩ରୁ ୫ ଲକ୍ଷ ଟଙ୍କା ମୂଲ୍ୟର ବିରଳ ସାମଗ୍ରୀ ଜବତ କରାଯାଇଛି । ମଦ ଭଣ୍ଡାର ମଧ୍ୟ ରହିଛି । ଆର୍ଥିକ ପ୍ରତିଷ୍ଠାନ ସହ ସମ୍ପର୍କ ଥିବା ଦର୍ଶାଇ ସେ ଦେଶର ଅନେକ ବ୍ୟବସାୟୀଙ୍କୁ ଠକିଥିଲା । ସେ ପୀଡ଼ିତଙ୍କୁ ପ୍ରଥମେ ନିଜ କ୍ଷମତା ଦେଖାଉ ଥିଲା । ପରେ ଠକି ଚାଲି ଯାଉଥିଲା । ଏବେ ସେ କେମିତି ଏହି କାରବାର କରୁଥିଲା ତାହା ଜାଣିବା ପାଇଁ ତଦନ୍ତ ଜାରି ରହିଛି ।

**ଅସହିଷ୍ଣୁ ହୋଇ ବନ୍ଦ କରିଥିଲେ '୫-ଟି' ଓ 'ମୋ ସରକାର'**

# ଜୀବନ ଗଲା ପରେ ଚେତା ପଶିଲା

ଭୁବନେଶ୍ୱର, ୧୮।୭(ସମିସ): ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣାଣି ନିମନ୍ତେ ପୂର୍ବ ସରକାର କରିଥିଲେ '୫-ଟି' ଓ 'ମୋ ସରକାର' ବ୍ୟବସ୍ଥା। ପ୍ରଶାସନକୁ ଶୃଙ୍ଖଳିତ କରିବା ପାଇଁ ପୂର୍ବ ସରକାରଙ୍କ ଏହି ଦୁଇ ବ୍ୟବସ୍ଥା ଅଭୂତପୂର୍ବ ସଫଳତା ପାଇଥିଲା, ସାରା ଦେଶରେ ଆଦୃତି ଲାଭ କରିଥିଲା। 'ମୋ ସରକାର'ରେ ଲୋକମାନଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସିଧାସଳଖ ଆପତ୍ତି ଅଭିଯୋଗ ଶୁଣୁଥିଲା ଓ ସ୍ଥଳବିଶେଷରେ ନିଜଆଡୁ ଫୋନ୍ କରାଯାଇ ସାଧାରଣ ଲୋକଙ୍କଠାରୁ ମତାମତ ନିଆଯାଉଥିଲା। ମାତ୍ର ସରକାର ପରିବର୍ତ୍ତନ ପରେ ସରକାରୀ ଅସହିଷ୍ଣୁତାର ଶିକାର ହୋଇଥିଲା ଏହି ଦୁଇ କାର୍ଯ୍ୟକ୍ରମ। ଦୁଇଟି ବ୍ୟବସ୍ଥାକୁ ବନ୍ଦ କରି ଦିଆଯାଇଥିଲା। ମାତ୍ର ଏବେ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଘଟଣା ପରେ ସରକାରଙ୍କ ଚେତା ପଶିଛି। ପ୍ରତ୍ୟେକ ସରକାରୀ ବିଭାଗ ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ନିଜକୁ ସକ୍ରିୟ କରିଛି ଓ ଆପତ୍ତି ଅଭିଯୋଗ ଶୁଣାଣି ପାଇଁ ପଥ ପରିଷ୍କାର କରିଛି। 'ଏକ୍ସ' ମାଧ୍ୟମରେ ହେଉଥିବା ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ତୁରନ୍ତ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ବର୍ତ୍ତମାନ ସମୟରେ ସରକାର ଅଭିଯୋଗଗୁଡ଼ିକୁ ଯେଭଳି ଗମ୍ଭୀରତାର ସହ ନିରୀକ୍ଷଣ କରୁଛନ୍ତି, ଗତ ୧ ତାରିଖରେ

## ଅଭିଯୋଗ ଶୁଣିଥିଲେ ଆଜି ବଞ୍ଚିଥାନ୍ତେ ସୌମ୍ୟାଶ୍ରୀ

ସୌମ୍ୟାଶ୍ରୀ କରିଥିବା ଅଭିଯୋଗକୁ ଯଦି ସେତିକି ଗୁରୁତ୍ୱ ଦେଇଥା'ନ୍ତେ, ତେବେ ଜଣେ ନିରୀହ ଛାତ୍ରୀଙ୍କର ଏଭଳି ଯନ୍ତ୍ରଣାସିକ୍ତ ମୃତ୍ୟୁ ହୋଇନଥା'ନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି।

ସରକାରଙ୍କର ୪୦ଟି ସରକାରୀ ବିଭାଗ ରହିଛି। ଏହି ସମସ୍ତ ବିଭାଗର 'ଏକ୍ସ', 'ଫେସ୍‌ବୁକ୍', 'ଇନ୍‌ଷ୍ଟାଗ୍ରାମ୍' ଆଦି ସାମାଜିକ ଗଣମାଧ୍ୟମ ଆକାଉଣ୍ଟ୍ ଅଛି। ଏହି ଆକାଉଣ୍ଟର ପରିଚାଳନା ପାଇଁ ରାଜକୋଷରୁ ମାସକୁ ଲକ୍ଷଲକ୍ଷ ଟଙ୍କା ବ୍ୟୟ ହେଉଛି। ଏଥିପାଇଁ ନିର୍ଦ୍ଦିଷ୍ଟ ସଂସ୍ଥାଙ୍କୁ ନିଯୁକ୍ତି ଦିଆଯାଇଛି। ହେଲେ ସେମାନେ ସାଧାରଣ ଲୋକଙ୍କ ମୌଳିକ ଦାବିକୁ ଅଣଦେଖା କରି କେବଳ ସରକାରୀ ପ୍ରଚାର ପ୍ରସାରରେ ମାତିଛନ୍ତି ବୋଲି ସାଧାରଣଲୋକ ଅଭିଯୋଗ କରିଛନ୍ତି। ପୂର୍ବ ସରକାର ସମୟରେ ଏହି ମାଧ୍ୟମରେ ଆସୁଥିବା ଅଭିଯୋଗଗୁଡ଼ିକର ଗୁରୁତ୍ୱର ସହ ନିଆଯାଉଥିଲା। ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ହୋଇଥିବା ଏକାଧିକ ନଜିର୍ ରହିଛି। ମାତ୍ର ସରକାର ବଦଳିବାରେ ଅନ୍ୟ ବ୍ୟବସ୍ଥା ପରି ସାମାଜିକ ଗଣମାଧ୍ୟମରେ ହେଉଥିବା ଆପତ୍ତି ଓ ଅଭିଯୋଗ ବ୍ୟବସ୍ଥା ବି ସ୍ଥାଣୁ ପାଲଟି ଯାଇଛି। ଏହାର ନଗ୍ନ ଉଦାହରଣ ମଧ୍ୟ ସୌମ୍ୟାଶ୍ରୀଙ୍କ ଘଟଣାରେ ଦେଖିବାକୁ ମିଳିଛି।

ଅପରପକ୍ଷେ, ବିଭାଗୀୟ ମନ୍ତ୍ରୀମାନଙ୍କର ସାମାଜିକଗଣମାଧ୍ୟମରେବିଭିନ୍ନପ୍ଲାଟ୍‌ଫର୍ମରେ ଆକାଉଣ୍ଟ ରହିଛି। ସେଠି ସେମାନେ ଏକାଧିକ ସୂଚନା ପ୍ରଦାନ କରିବା ସହ ନିଜ ସଭା ସମିତିର ଫଟୋ ଆଦି ଅପ୍‌ଲୋଡ୍ କରୁଛନ୍ତି। ମାତ୍ର ସେମାନଙ୍କୁ ଟ୍ୟାଗ୍ କରି କୌଣସି ଏକ ବିଷୟରେ ନ୍ୟାୟ ମାଗିଲେ, ସେମାନେ ଏହାର ଉତ୍ତର ମିଳୁନାହିଁ। ମନ୍ତ୍ରୀମାନଙ୍କ ଆକାଉଣ୍ଟ୍ ପାଇଁ ମଧ୍ୟ ବିଭାଗୀୟ ଦପ୍ତରରୁ ଟଙ୍କା ଖର୍ଚ୍ଚ ହେଉଛି; ହେଲେ ଏହା ଲୋକଙ୍କ ହିତରେ କମ୍ ଓ ମନ୍ତ୍ରୀଙ୍କ ପ୍ରଚାରରେ ଅଧିକ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ପୂର୍ବ ସରକାରରେ 'ମୋ ସରକାର' ପ୍ରଶାସନକୁ କ୍ରିୟାଶୀଳ କରିଥିଲା। ସରକାରୀ ବାବୁମାନେ ଏହାକୁ ଗୁରୁତ୍ୱ ଦେଉଥିଲେ। ସାମାଜିକ ଗଣମାଧ୍ୟମରେ ଆସୁଥିବା ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେଉଥିଲେ। ବିଶେଷକରି '୫-ଟି' ବ୍ୟବସ୍ଥାରେ ଭିତରେ ସାମାଜିକ ଗଣମାଧ୍ୟମରେ ଅଭିଯୋଗ ସମାଧାନର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା। ମାତ୍ର ବର୍ତ୍ତମାନର ସରକାର ଅସହିଷ୍ଣୁ ହୋଇ ଏସବୁ ବ୍ୟବସ୍ଥା ବନ୍ଦ କରିଦେବା ସାଧାରଣ ଲୋକଙ୍କ ଯନ୍ତ୍ରଣାକୁ ବଢ଼ାଇ ଦେଇଛି ଓ ପ୍ରଶାସନିକ ବ୍ୟବସ୍ଥାକୁ ଅନ୍ଧ-ମୂକ-ବଧିର କରିଦେଇଥିବା ଅଭିଯୋଗ ହୋଇଛି।

# ୨୧ରେ ସବୁ ଆର୍‌ଡିସି ଅଫିସ୍ ଘେରିବ ବିଜେଡି



**'ସୌମ୍ୟାଶ୍ରୀଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ'**

**ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଓ ବିଚାର ବିଭାଗୀୟ ତଦନ୍ତ ଦାବିରେ ଦଳ ଅଟଳ**

ଭୁବନେଶ୍ୱର, ୧୮।୭ (ସମିସ): ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣା ପାଇଁ ସରକାରୀ ବ୍ୟବସ୍ଥାଗତ ବିଫଳତାକୁ ଦାୟୀ କରିଛି ବିଜେଡି। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଦଳ ପକ୍ଷରୁ ବିଭିନ୍ନ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରହିଛି। ଏହି କ୍ରମରେ ଆସନ୍ତା ଜୁଲାଇ ୨୧ରେ ଦଳ ତରଫରୁ ରାଜ୍ୟର ସମସ୍ତ ଆରଡିସି ଅଫିସ୍ ଘେରାଉ କରାଯିବ ବୋଲି ଶୁକ୍ରବାର ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି।

ଶଙ୍ଖ ଭବନଠାରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ଏହି ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ପୀଡ଼ିତା ଛାତ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ବିଜୁ ଜନତା ଦଳ ପ୍ରତିବାଦ କାର୍ଯ୍ୟକ୍ରମ କରିଆସୁଛି। ୧୪ ତାରିଖ ବିଳମ୍ବିତ ରାତିରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘୋଷଣା କରାଯାଇଥିଲା ବେଳେ ତା' ପରଦିନ ସକାଳୁ ଅର୍ଥାତ୍ ଜୁଲାଇ ୧୫ ତାରିଖରେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ତରଫରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଥିଲା। ୧୬ ତାରିଖ ଦିନ ବିଜୁ ଜନତା ଦଳ ତରଫରୁ ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଥିରେ ସରକାରଙ୍କ ନିର୍ଦ୍ଦେଶରେ ପୁଲିସ୍ ଆନ୍ଦୋଳନକାରୀଙ୍କ ଉପରେ ଆକ୍ରମଣ କରିଥିଲା। ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା ଓ ସମ୍ବେଦନହୀନତା ଲାଗି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଏବଂ ଏହାର ତଦନ୍ତ ଉଚ୍ଚ ନ୍ୟାୟାଳୟରେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ ପାଇଁ ବିଜେଡି ଦାବି କରିଛି। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ନ ମିଳିବା ଯାଏ ବିଜୁ ଜନତା ଦଳ ଏହି ଆନ୍ଦୋଳନକୁ ତୀବ୍ରତର କରିବ। ଆସନ୍ତା ୨୧ ତାରିଖରେ ରାଜ୍ୟର ସବୁ ଆରଡିସି ଅଫିସ୍ ସାମ୍ନାରେ ଦଳ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଉପସ୍ଥିତ ଥିଲେ।

**ଏଫ୍ଏମ୍ ଛାତ୍ରୀ ଆତ୍ମଦାହ ଘଟଣା**

# ଗାନ୍ଧୀ ମୂର୍ତ୍ତି ନିକଟରେ ବିଜେଡିର ମୌନବ୍ରତ

ଭୁବନେଶ୍ୱର, ୧୮।୭(ସମିସ): ବାଲେଶ୍ୱରର ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା ପ୍ରତିବାଦରେ ଆଜି ଜନତା ମଇଦାନ ନିକଟସ୍ଥ ଗାନ୍ଧୀ ପାର୍କସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜୁ ଜନତା ଦଳର ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ପକ୍ଷରୁ ଅଭିନବ ପ୍ରତିବାଦ କରାଯାଇଛି। ବିଜେଡି ନେତା ଓ କର୍ମୀ ମୁହଁରେ କଳା ପଟି ବାନ୍ଧି ମୌନବ୍ରତ କରିଛନ୍ତି। ଏହି ଅବସରରେ ବିଜେଡି ପକ୍ଷରୁ କୁହାଯାଇଛି ଯେ ସରକାରଙ୍କ ନିଷ୍କ୍ରିୟତା ଓ ଦାୟିତ୍ୱହୀନତା ଲାଗି ଗୋଟିଏ ନିରୀହ ଝିଅର ଜୀବନ ଦୀପ ଅକାଳରେ ଲିଭିଗଲା। ଏହାର ପ୍ରତିବାଦ କରିବା ବେଳେ ସରକାରଙ୍କ ନିର୍ଦ୍ଦେଶରେ ପୁଲିସ ବିଜେଡି ନେତା ଓ କର୍ମୀଙ୍କୁ ବର୍ବରୋଚିତ ଆକ୍ରମଣ କରିଛି। ତେଣୁ ଭୁବନେଶ୍ୱର ବିଜୁ ଜନତା ଦଳ ପକ୍ଷରୁ ସରକାରଙ୍କୁ ସଦ୍‌ବୁଦ୍ଧି ପ୍ରଦାନ ଉଦ୍ଦେଶ୍ୟରେ ଏହି ଅଭିନବ ପ୍ରତିବାଦ କରାଯାଇଛି। ଭୁବନେଶ୍ୱର ବିଜେଡି ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ କୁମାର ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ଡଃ ଅମର ପଟ୍ଟନାୟକ, ଟୁକୁନି ସାହୁ, ପ୍ରଦୀପ ଅମାତ, ପ୍ରଣବ ବଳବନ୍ତରାୟ, ପ୍ରଦୀପ ମାଝୀ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ମିଡିଆ ସଂଯୋଜକ ଡଃ ପ୍ରିୟବ୍ରତ ମାଝୀ, ଭୃଗୁ ବକ୍ସିପାତ୍ର, ଲୋପାମୁଦ୍ରା ବକ୍ସିପାତ୍ର, ବିଜୟ ନାୟକ, ଶର୍ମିଷ୍ଠା ସେଠୀ, ଡଃ ଲେଖାଶ୍ରୀ ସାମନ୍ତସିଂହାର, ରାଜଶ୍ରୀ ମଲ୍ଲିକ, ଧୃତିରଞ୍ଜନ ମାର୍ଥା, ରଶ୍ମିରଞ୍ଜନ ଦାସ, ଇପ୍‌ସିତା ସାହୁ, ସୋଫିଆ ଆଲାମଙ୍କ ସମେତ ବହୁ ନେତା ଓ ନେତ୍ରୀ ଉପସ୍ଥିତ ଥିଲେ।



# ପତ୍ନୀ ହତ୍ୟାକାରୀକୁ ଆଜୀବନ କାରାବାସ

କେନ୍ଦୁଝର, ୧୮।୭ (ସମିସ): ୨୦୨୧ ମସିହାରେ ସଂଘଟିତ ଏକ ହତ୍ୟା ମାମଲାର ବିଚାର କରି କେନ୍ଦୁଝର ଜିଲ୍ଲା ଓ ଦୌରାଜଜ୍ ଗୋପାଳଚନ୍ଦ୍ର ବେହେରା ଅଭିଯୁକ୍ତ ସଦାଶିବ ସାମଲ ଓରଫ୍ ଟିକ(୩୯)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ୮ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି।

ସଦାଶିବର ଘର ଯାଜପୁର ଜିଲ୍ଲା ସାନ୍ତରାଗାଡ଼ିଆ ନିକଟସ୍ଥ ବାଙ୍ଗରାକଟ୍ ଗ୍ରାମରେ। ସେ କେନ୍ଦୁଝର ଜିଲ୍ଲା ଦୈତାରୀ ଥାନାଞ୍ଚଳରେ ସନ୍ଧ୍ୟା କିନ୍ନର (୩୦)ଙ୍କୁ ବିବାହ କରିଥିଲେ। ପ୍ରାୟ ୬ ବର୍ଷ ଏକାଠି ରହିବା ପରେ ଉଭୟଙ୍କ ସଂପର୍କରେ ଫାଟ ଦେଖାଦେଇଥିଲା। ସନ୍ଧ୍ୟାଙ୍କୁ ଛାଡ଼ି ସଦାଶିବ ଅନ୍ୟତ୍ର ରହିଥିଲେ। ଏହାର ମାସେ ପରେ ୨୦୨୧ଅକ୍ଟୋବର ୧୯ ତାରିଖରେ ସନ୍ଧ୍ୟାଙ୍କ ଘରକୁ ସଦାଶିବ ଆସିଥିଲେ। ସେଠାରେ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ଏଥିରେ ଉତ୍ତକ୍ଷିପ୍ତ ହୋଇ ସଦାଶିବ ଘରକୋଣରେ ଥିବା ଏକ କୋଦାଳରେ ସନ୍ଧ୍ୟାଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ଏଥିରେ ଘଟଣାସ୍ଥଳରେ ସନ୍ଧ୍ୟାଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ସଂପର୍କରେ ବିନିତା କିନ୍ନରଙ୍କ ଅଭିଯୋଗ ଆଧାରରେ ଦୈତାରୀ ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ସଦାଶିବଙ୍କୁ ଗିରଫ କରିଥିଲା। କେନ୍ଦୁଝର ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ବିଚାରାଧୀନ ଥିଲା। ପିପି ପ୍ରଦୀପ କୁମାର ଦାଶ ଏହି ମାମଲା ପରିଚାଳନା କରୁଥିଲେ।

**■ ଯୁବତୀଙ୍କୁ ଅସଦାଚରଣ ଓ ନିର୍ଯାତନା**

# ଅନୁଗୋଳ ବିଜେପି ଜିଲ୍ଲା ସଂପାଦକ ଗିରଫ

ଅନୁଗୋଳ,୧୮।୭(ସମିସ): ଯୁବତୀଙ୍କୁ ଅସଦାଚରଣ ଓ ଧମକ ଅଭିଯୋଗରେ ଅନୁଗୋଳ ଜିଲ୍ଲା ବିଜେପି ସଂପାଦକ ସୁଦୀପ୍ତ ସ୍ୱାଇଁଙ୍କୁ ବନ୍ତଲା ଥାନା ପୁଲିସ ଗିରଫ କରିଛି। ସୁଦୀପ୍ତ ଦୀର୍ଘ ଦିନ ଧରି ବନ୍ତଲା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ସହ ଅସଦାଚରଣ କରି ଆସୁଥିଲେ।

## ଦଳରୁ ନିଲମ୍ବିତ କଲେ ରାଜ୍ୟ ସଭାପତି

ଖାଲି ସେତିକି ନୁହେଁ, ଫୋନ୍ କରି ତାଙ୍କ ପରିବାରଲୋକଙ୍କୁ ଗାଳିଗୁଲଜ କରିବା ସହ ଘର ବାହାରେ ମାରଣାସ୍ତ୍ର ଧରି ଭୟଭୀତ କରାଉଥିଲେ। ଏପରିକି, ଯୁବତୀଜଣଙ୍କ ବ୍ୟାଙ୍କ୍ କର୍ମଚାରୀ ହୋଇଥିବାରୁ ସେ ବ୍ୟାଙ୍କ୍ ଯିବା ସମୟରେ ସୁଦୀପ୍ତ ତାଙ୍କୁ ଅସଦାଚରଣ କରୁଥିଲେ ବୋଲି ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ୍ ସୁଦୀପ୍ତଙ୍କ ବିରୋଧରେ ବିଏନ୍‌ଏସ୍‌ର ଦଫା ୨୯୬, ୩୫୧ (୨), ୭୮ରେ ମାମଲା ରୁଜୁ କରି ତାଙ୍କୁ କୋର୍ଟଚାଲାଣ କରିଛି।

ଅପରପକ୍ଷେ, ବିଜେପି ହେଭିୱେଟ୍ ନେତାଙ୍କ ଚାପରେ ପୁଲିସ ଦଫା କୋହଳ କରିଥିବା ଅଭିଯୋଗ ହୋଇଛି। କିନ୍ତୁ ମାଜିଷ୍ଟ୍ରେଟ୍ ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ବିଏନ୍‌ଏସ୍ ଦଫା ୭୫ ଯୋଡ଼ିବାକୁ ନିର୍ଦ୍ଦେଶ ଦେଇଥିବା ତଦନ୍ତ ଅଧିକାରୀ ଶୁଭକାନ୍ତ ସ୍ୱାଇଁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେହିପରି ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ବିଜେପି ପକ୍ଷରୁ ସଂଧାରେ ସୁଦୀପ୍ତଙ୍କୁ ନିଲମ୍ବିତ କରାଯାଇଛି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ଜିଲ୍ଲା ସଭାପତି ପୃଥକ୍ ପୃଥକ୍ ଭାବେ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ନେଇ ସୂଚନା ଦେଇଛନ୍ତି।

ସୁଦୀପ୍ତ ବିଜେପିର ବହୁ ହେଭିୱେଟ ନେତାଙ୍କ ସହ ବସାଉଠା କରୁଥିବା ଦର୍ଶାଇ ସ୍ଥାନୀୟ ଅଞ୍ଚଳରେ ଉତ୍ପାତ କରୁଥିଲେ।



ଝିଅ-ବୋହୂଙ୍କୁ କମେଣ୍ଟ ମାରିବା ସହ ରାସ୍ତାରେ ଗଲା ବେଳେ ଅଶ୍ଳୀଳ ଇଙ୍ଗିତ କରୁଥିବା ଅଞ୍ଚଳବାସୀ ଅଭିଯୋଗ କହିଛନ୍ତି। ତେବେ ବହୁ ବଡ଼ ବଡ଼ ନେତାଙ୍କ ହାତ ତାଙ୍କ ମୁଣ୍ଡ ଉପରେ ଥିବାରୁ କେହି ଥାନାରେ ଅଭିଯୋଗ କରୁନଥିଲେ। କିନ୍ତୁ ଯୁବତୀଜଣଙ୍କୁ ସେ ଅତ୍ୟଧିକ ନିର୍ଯାତନା ଦେବା ଦ୍ୱାରା ସେ ଅତିଷ୍ଠ ହୋଇ ଆଇନର ଆଶ୍ରୟ ନେଇଥିବା କହିଛନ୍ତି।

ନାରୀ ସୁରକ୍ଷାକୁ ନେଇ ବିଜେପି ରାଜ୍ୟରେ ଡିଣ୍ଡିମ ପିଟୁଥିବା ବେଳେ ପ୍ରତିଦିନ ବିଭିନ୍ନ ସ୍ଥାନରୁ ନାରୀନିର୍ଯାତନା ଓ ନାରୀ ବିରୋଧୀ ଅତ୍ୟାଚାର, ହିଂସାର ଖବର ସାମ୍ନାକୁ ଆସୁଛି। ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାରଠାରୁ ଆରମ୍ଭ କରି ବାଲେଶ୍ୱର ଏଫଏମ କଲେଜ୍ ଛାତ୍ରୀ ତଥା ଏବିଭିପି ସଦସ୍ୟାଙ୍କ ଆତ୍ମାହୁତି ଭଳି ଅନେକ ଘଟଣା ମନରୁ ନ ଲିଭୁଣୁ ଖୋଦ୍ ଜଣେ ବିଜେପି ନେତାଙ୍କ ଏଭଳି କାରନାମା ସମସ୍ତଙ୍କୁ ବ୍ୟଥିତ କରିଛି।

**■ ନିଶାସକ୍ତ ଯୁବକଙ୍କ ଉନ୍ମତ୍ତକାଣ୍ଡ**

# ଜିଅନ୍ତା ନାଗକୁ ଚୋବାଇଦେଲେ

ବଲାଙ୍ଗିର,୧୮।୭(ସମିସ): ନିଶାସକ୍ତ ଅବସ୍ଥାରେ ଜଣେ ବ୍ୟକ୍ତି ଏକ ଜିଅନ୍ତା ନାଗ ସାପକୁ ଖାଇଦେବା ଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ଅଧୀନ ତେନ୍ତୁଲିଖୁଣ୍ଟି ଗ୍ରାମରେ ଏହି ଘଟଣା ଘଟିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ଗ୍ରାମର ଉକ୍ତ ବ୍ୟକ୍ତିଜଣଙ୍କ ପ୍ରାୟ ସମୟ ନିଶାଗ୍ରସ୍ତ ରୁହନ୍ତି। ଆଜି ସେ ନିଶାସକ୍ତ ଅବସ୍ଥାରେ ଥିବା ବେଳ ଏକ ଜୀବନ୍ତ ନାଗସାପକୁ ଧରି ପାଟିରେ ଚୋବାଇ ଦେଇଥିଲେ। ଏହା ଦେଖି ସ୍ଥାନୀୟ ଲୋକ ତାଙ୍କୁ ବାରଣ କରି



ଘରକୁ ପଠାଇଥିଲେ। କିନ୍ତୁ ଏହାର କିଛି ସମୟ ପରେ ସେ ଗୁରୁତର ହୋଇପଡ଼ିବାରୁ ପରିବାରଲୋକେ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ତାଙ୍କ ଦେହରେ ବିଷର ପ୍ରଭାବ ଅଧିକ ରହିଥିବା ଡାକ୍ତର ସୂଚନା ଦେଇଛନ୍ତି। ଅବସ୍ଥା ସଂକଟାପନ୍ନ ରହିଛି।

# ଏନ୍‌କାଉଣ୍ଟର୍‌ରେ ୬ ମାଓବାଦୀ ନିହତ

ମାଲକାନଗିରି, ୧୮।୭ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ଯବାନଙ୍କୁ ବଡ଼ ସଫଳତା ମିଳିଛି। ଛତିଶଗଡ ଅବୁଝମାଡ଼ ଜଙ୍ଗଲରେ ଯବାନଙ୍କ ଏନ୍‌କାଉଣ୍ଟର୍‌ରେ ୬ ମାଓବାଦୀ ନିହତ ହୋଇଛନ୍ତି। ଅପରେସନ୍ ଜାରି ରହିଥିବାରୁ ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ଅପରପକ୍ଷେ, ଘଟଣାସ୍ଥଳରୁ ଏକେ-୪୭, ଏସଏଲଆର୍ ବନ୍ଧୁକ ସହ ବିପୁଳ ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରାଯାଇଛି। ସୂଚନାନୁଯାୟୀ, ଅବୁଝମାଡ଼ ଜଙ୍ଗଲରେ କିଛି ମାଓବାଦୀ ଆତ୍ମଗୋପନ କରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ଆଜି ନାରାୟଣପୁର ପୁଲିସ୍ ଓ ଯବାନଙ୍କ ପକ୍ଷରୁ ମିଳିତ ସର୍ଚ୍ଚ ଅପରେସନ୍ କରାଯାଇଥିଲା। ଏହି ସମୟରେ ଯବାନଙ୍କୁ ଦେଖି ମାଓବାଦୀମାନେ ଅତର୍କିତ ଗୁଳିମାଡ଼ କରିଥିଲେ। ଯବାନଙ୍କ ପକ୍ଷରୁ ଏହାର ପାଲଟା ଜବାବ ଦିଆଯାଇଥିଲା। ଏଥିରେ ୬ ମାଓବାଦୀ ନିହତ ହୋଇଥିବା ବେଳେ କିଛି ମାଓବାଦୀ ଛତ୍ରଭଙ୍ଗ ଦେଇ ଅନ୍ୟତ୍ର ପଳାଇଥିବା ଜଣାଯାଇଛି। ସେମାନଙ୍କୁ ଖୋଜିବା ପାଇଁ ଅପରେସନ୍‌କୁ ଆହୁରି ଜୋରଦାର କରିଦିଆଯାଇଛି। ସେହିପରି ଯବାନମାନେ ଫେରିବା ପରେ ମୃତ୍ୟୁ ସଂଖ୍ୟା ସଂପର୍କରେ ଅଧିକ କିଛି ସ୍ପଷ୍ଟ ହୋଇପାରିବ ବୋଲି କୁହାଯାଉଛି।

# ସୌମ୍ୟାଶ୍ରୀଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଦିବସ ପାଳିବ ଇଣ୍ଡିଆ ମେଣ୍ଟ

ଭୁବନେଶ୍ୱର,୧୮।୭(ସମିସ): ଆସନ୍ତା ୨୪ ତାରିଖ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଦିବଂଗତ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଏକାଦଶାହ। ଏହି ଦିନକୁ ଶ୍ରଦ୍ଧାଞ୍ଜଳି ଦିବସ ଭାବେ ପାଳନ କରିବା ପାଇଁ ଇଣ୍ଡିଆ ମେଣ୍ଟର କଂଗ୍ରେସ

**ନିର୍ଯ୍ୟାତିତ ମହିଳାଙ୍କ ଲାଗି ସ୍ୱତନ୍ତ୍ର ସେଲ ଖୋଲିବ ପିସିସି**

**ସଂସଦରେ ଉଠିବ ସୌମ୍ୟାଶ୍ରୀ ପ୍ରସଙ୍ଗ: ପ୍ରଭାରୀ**

ସମେତ ୮ଟି ଦଳ ନିଷ୍ପତ୍ତି ନେଇଛନ୍ତି। ସାରା ରାଜ୍ୟରେ ମହିଳା କଂଗ୍ରେସ ସମେତ ଆଠଟି ଦଳର ମହିଳା ସେଲ୍ ଏଥିରେ ସାମିଲ ହେବେ। କେବଳ ବାଲେଶ୍ୱର ପୀଡ଼ିତା ନୁହନ୍ତି; ନିର୍ଯାତନାର ଶିକାର ହୋଇ ପ୍ରାଣ ହରାଇଥିବା ଅନ୍ୟ ମହିଳା ଓ ଝିଅଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଦିଆଯିବ ବୋଲି ଶୁକ୍ରବାର କଂଗ୍ରେସ ସମେତ ୮ଟି ସମଭାବାପନ୍ନ ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏଥିପାଇଁ ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରିବା ପାଇଁ ପିସିସି ସଭାପତି ଭକ୍ତ



ଚରଣ ଦାସ ନିବେଦନ କରିଛନ୍ତି।

ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭକ୍ତ କହିଛନ୍ତି ଯେ ରାଜ୍ୟରେ ନିର୍ଯାତିତ ମହିଳାଙ୍କ ଲାଗି ମହିଳା ସେଲ୍ ଖୋଲିବ ପିସିସି। ସେମାନେ ଆପ୍ ମାଧ୍ୟମରେ ଅଭିଯୋଗ କରିବା ପରେ ପିସିସି ଅନୁଧ୍ୟାନ କରି ତଦନ୍ତରେ ସହଯୋଗ କରିବ। ରାଜନୈତିକ ବ୍ୟାପାର କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍ କହିଛନ୍ତି, ସୌମ୍ୟାଶ୍ରୀଙ୍କ ପ୍ରସଙ୍ଗ ଆଗାମୀ ଦିନରେ ବିଧାନସଭାରେ ଉଠିବ। ଆଗରୁ ନାରୀ ସୁରକ୍ଷା ପ୍ରସଙ୍ଗ କଂଗ୍ରେସ ଗୃହରେ ଉଠାଇଥିଲା। ହେଲେ ରାଜ୍ୟ ସରକାର ଶୁଣି ନ ଥିଲେ। ଯେ ପର୍ଯ୍ୟନ୍ତ ଝିଅ ନ୍ୟାୟ ନ ପାଇଛି, ଆନ୍ଦୋଳନ ଜାରି ରହିବ ବୋଲି କାଡ଼ାମ କହିଛନ୍ତି। ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, ଆସନ୍ତାକାଲି ଦିଲ୍ଲୀରେ ଇଣ୍ଡିଆ ବ୍ଲକ ବୈଠକ ବସିବ। ଏହି ବୈଠକରେ ବାଲେଶ୍ୱର ପୀଡ଼ିତାଙ୍କ ପ୍ରସଙ୍ଗ ଉଠିବ। ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗ ସଂସଦରେ ଉଠାଇବେ। ଘଟଣାରେ ନ୍ୟାୟିକ ତଦନ୍ତ ପାଇଁ କଂଗ୍ରେସ ଦାବି କରୁଛି। ଉଚ୍ଚ ନ୍ୟାୟାଳୟର ଜଣେ କାର୍ଯ୍ୟକାରୀ ବିଚାରପତିଙ୍କ ଦ୍ୱାରା ତଦନ୍ତ ହେଉ ଏବଂ ଉଚ୍ଚତମ ନ୍ୟାୟାଳୟ ତଦାରଖ କରନ୍ତୁ। ଏଥିସହିତ ତୁରନ୍ତ ରାଜ୍ୟ ସରକାର ମହିଳା କମିଶନ ନିଯୁକ୍ତି କରନ୍ତୁ ବୋଲି କଂଗ୍ରେସ ପ୍ରଭାରୀ ଶ୍ରୀ ଲଲ୍ଲୁ କହିଛନ୍ତି। ଆଗାମୀ ଦିନରେ ମହିଳା ସୁରକ୍ଷା ପାଇଁ ଆନ୍ଦୋଳନ ଜାରି ରହିବ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି।

**ସୌମ୍ୟାଶ୍ରୀ ଆତ୍ମଦାହ ଘଟଣାରେ ସରକାରଙ୍କୁ ବିଜୟଙ୍କ ସମାଲୋଚନା**

# କୁଶାସନ ଚରମ ସୀମାରେ; ସୁଶାସନ କେଉଁଠାରେ?

ଭୁବନେଶ୍ୱର,୧୮।୭(ସମିସ): ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାରେ ସରକାରଙ୍କ ଉପରେ ବର୍ଷିଛନ୍ତି ବରିଷ୍ଠ ନେତା ବିଜୟ ମହାପାତ୍ର। ଏକ ସାମ୍ବାଦିକ ସମ୍ମିଳନୀରେ ବିଜୟ ଏହି ପ୍ରସଙ୍ଗରେ ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇବା ସହ ଗତ ୩୫ ବର୍ଷ ମଧ୍ୟରେ ଏପରି ଘଟଣା ଘଟିନାହିଁ ବୋଲି କହିଛନ୍ତି। ଜଣେ ଝିଅ କଲେଜ କ୍ୟାମ୍ପସରେ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କେବେ କରିନାହାନ୍ତି। ସାରା ଭାରତରେ ଏଥିପାଇଁ ଓଡ଼ିଶାକୁ ଲଜ୍ଜିତ ଓ ନିନ୍ଦିତ ହେବାକୁ ପଡ଼ିଛି। ଏହାକୁ କେବେ ଲିଭାଇ ହେବ ନାହିଁ। ଏହି ଘଟଣା ସବୁବେଳେ ସରକାରଙ୍କ ମୁଣ୍ଡ ଉପରେ ଖଣ୍ଡା ଭଳି ଝୁଲି ରହିବ। ଯଦି ସରକାର ଏହି ଘଟଣାକୁ ସାମାନ୍ୟ ଗୁରୁତ୍ୱ ଦେଇଥାଆନ୍ତେ; ତେବେ ଏଭଳି ଘଟଣା ଆଦୌ ଘଟିନଥାନ୍ତା ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

ସେ କହିଛନ୍ତି ଯେ ବିଜେପି ଯେତେବେଳେ ବିରୋଧୀ ଦଳରେ ଥିଲା, ସେତେବେଳେ ପ୍ରତ୍ୟେକ କଥାରେ ସିବିଆଇ ତଦନ୍ତ ଦାବି କରୁଥିଲା। ଏବେ କ'ଣ ପାଇଁ ସିବିଆଇକୁ ନିରପେକ୍ଷ ତଦନ୍ତ



**ଚାରି ଦଶନ୍ଧି ମଧ୍ୟରେ ସବୁଠାରୁ ଅଭାବନୀୟ ଘଟଣା**

**ସରକାରଙ୍କ ମୁଣ୍ଡ ଉପରେ ଖଣ୍ଡା ଭଳି ଝୁଲି ରହିବ ଏହି ଘଟଣା**

**କୋର୍ଟଙ୍କ ନିରୀକ୍ଷଣରେ ତଦନ୍ତ ହେଲେ ମିଳିପାରିବ ସଠିକ ତଥ୍ୟ**

ପାଇଁ ସରକାର କହୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ଏଥିରୁ ନିରପେକ୍ଷ ତଦନ୍ତ ପାଇଁ ସରକାରଙ୍କ ଆଗ୍ରହ ନ ଥିବା ମନେ ହେଉଛି। ଏହି ଘଟଣାକୁ ସରକାର ଗୁରୁତ୍ୱର ସହ ନେବାକୁ ଆଦୌ ରାଜି ନୁହନ୍ତି। ଏହି ଘଟଣା ସମସ୍ତଙ୍କ ଜ୍ଞାତସାରରେ ଘଟିଛି। ଛାତ୍ରୀଜଣଙ୍କ ଜିଲ୍ଲା ପ୍ରଶାସନଠୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏ ସମ୍ପର୍କରେ ଜଣାଇଛନ୍ତି; କିନ୍ତୁ ଏହି ଘଟଣା କୁଆଡ଼େ ଯାଉଛି କେହି ଆକଳନ କରିପାରିଲେନି। ଯଦି ଆକଳନ ଠିକ୍ କରିଥାନ୍ତେ, ହୁଏତ ଛାତ୍ରୀଜଣଙ୍କର ଜୀବନ ରକ୍ଷା ହୋଇଯାଇଥା'ନ୍ତା। ଏବେ ରାଜ୍ୟରେ ସୁଶାସନ ଦିବସ ପାଳନ ନେଇ ପ୍ରଚାର ହେଉଛି। ହେଲେ ଯେଉଁଠି କୁଶାସନ ଚରମ ସୀମାରେ ପହଞ୍ଚିଛି, ସେଠି କିପରି ସୁଶାସନ ଦିବସ ପାଳନ କରିବାର କୌଣସି ମାନେ ନାହିଁ। ବିଜେଡି ଶାସନ ବେଳେ ବିଭିନ୍ନ ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତକୁ ବିରୋଧ କରି ବିଜେପି ନେତାମାନେ ସିବିଆଇ ତଦନ୍ତ ଦାବି କରୁଥିଲେ। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମଧ୍ୟ ବିଧାନସଭାରେ ବିଭିନ୍ନ ଘଟଣାରେ ସିବିଆଇ ତଦନ୍ତ ଦାବି କରିଥିଲେ। ଏବେ ଏହି ମାମଲାରେ କିପରି କ୍ରାଇମବ୍ରାଞ୍ଚ ସଠିକ୍ ତଦନ୍ତ କରିବ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ତେଣୁ ସରକାର ଏହି ମାମଲାକୁ କୋର୍ଟଙ୍କ ନିରୀକ୍ଷଣରେ ତଦନ୍ତ ପାଇଁ ଆବେଦନ କରିପାରିବେ। ଏହାଦ୍ୱାରା କ୍ରାଇମବ୍ରାଞ୍ଚ ମନଇଚ୍ଛା ତଦନ୍ତ କରିପାରିବ ନାହିଁ। ଫଳରେ ରାଜ୍ୟବାସୀଙ୍କ ମନରେ ମଧ୍ୟ କିଛି ଦ୍ୱନ୍ଦ୍ୱ ରହିବ ନାହିଁ ବୋଲି ସେ କହିଛନ୍ତି।

ଏହି ଅବସରରେ ଶ୍ରୀ ମହାପାତ୍ର ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଏକ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ମନ୍ତବ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟପାଳ ରାଜ୍ୟର ସମସ୍ତ ଆଇସିସି ସମ୍ପର୍କିତ ତଥ୍ୟ ୨ମାସ ଧରି ସମୀକ୍ଷା କରିଥିବା ସାଂସଦ ସାମ୍ବାଦିକ ସମ୍ମିଳନୀରେ କହିଥିବା କଥାକୁ ନେଇ ବିଜୟ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ଯଦି ସାଂସଦଙ୍କ କଥା ସତ ହୁଏ, ତେବେ ରାଜ୍ୟପାଳ ବାଲେଶ୍ୱର ଘଟଣା କଥା ନିଶ୍ଚିତ ଜାଣିଥିବେ। ତେଣୁ ରାଜ୍ୟପାଳ ଏହି ତଦନ୍ତ କରିଛନ୍ତି କି ନାହିଁ, ତାହା ସ୍ପଷ୍ଟ ହେବା ଓ ଏହି ତଦନ୍ତର ନିଷ୍କର୍ଷ କ'ଣ ବାହାରିଲା ତାହା ଲୋକଙ୍କୁ ଅବଗତ କରିବା କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି।





## ହାଇକୋର୍ଟରେ କଟକସହର ସମସ୍ୟା

# ବିପର୍ଯ୍ୟସ୍ତ ଟ୍ରାଫିକ୍, ପୁଲିସ ପାଟ୍ରୋଲିଂ ଅଭାବ

**କଟକ,୧୮ ।୭(ସମିସ):** କଟକ ସହର ସମସ୍ୟାକୁ ହାଇକୋର୍ଟଙ୍କ ସ୍ବତନ୍ତ୍ର ଖଣ୍ଡପୀଠ ନିୟମିତ ଶୁଣାଣି କରିଆସୁଥିବା ବେଳେ ଆଜି ସହରର ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ସହ ପାଟ୍ରୋଲିଂ ଅଭାବ ନେଇ ଅଦାଲତ ଯୁବ୍ଧ ହୋଇଛନ୍ତି। ଅନେକ ସମୟରେ ଟ୍ରାଫିକ ପୋଷ୍ଟଗୁଡିକ ନିକଟରେ କର୍ମଚାରୀ ରହୁନଥିବା ଏପରିକି ରହୁଥିଲେ ମଧ୍ୟ ମୋବାଇଲ ଫୋନରେ ଗପସପ କରୁଥିବା ନେଇ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କନିକା ଛକ, ସିଡିଏ, ସତୀଚୌରା ଆଦି ସ୍ଥାନରେ ମନଇଚ୍ଛା ଟ୍ରାଫିକ ନିୟନ୍ତ୍ରଣ କରାଯାଉଥିବା ନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିଭଳି ଷ୍ଟ୍ରିଟଲାଇଟ ନଥିବା ଓ ପାଟ୍ରୋଲିଂ ଅଭାବରୁ ଗତ କିଛି ଦିନ ହେବ ରାହାଜାନି ଘଟଣା ବୃଦ୍ଧି ପାଇବା ପ୍ରସଂଗକୁ ଅଦାଲତ ଗୁରୁତ୍ବର ସହ ଗ୍ରହଣ କରିଥିଲେ। ସହରରେ ୧୯୧ଟି ସ୍ଥାନରେ ସିସିଟିଭି ଲଗାଯିବା ସହ କେତେକ ସ୍ଥାନରେ ଇଲେକ୍ଟ୍ରନିକ ଟ୍ରାଫିକ ସିଗନାଲ ପାଇଁ ସିଡିଏ କର୍ତ୍ତୃପକ୍ଷଙ୍କୁ ଗତ ୨୦୨୫ ମେ ୧୪ରୁ ପତ୍ର ଲେଖାଯାଇଥିବା ନେଇ କଟକ ଡିସିପିଙ୍କ ପକ୍ଷରୁ ଅବଗତ କରାଯାଇଥିଲା। ପରବର୍ତ୍ତୀ ଶୁଣାଣି ସମୟରେ ମ୍ୟୁନିସିପାଲ ନିର୍ଦ୍ଦେଶକ ଭର୍ଚୁଆଲରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ।

### ଏସ୍‌ସିବିରେ ପୁଣି ଯକୃତ ପ୍ରତିରୋପଣ କେବେ ?

ଏସସିବିରେ ଗତ ୨୦୨୪ ନଭେମ୍ବର ପରଠାରୁ ଆଉ ଯକୃତ ପ୍ରତିରୋପଣ ହୋଇପାରି ନଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟକୁ ଅଦାଲତ ଗୁରୁତ୍ବର ସହ ଗ୍ରହଣ କରିଛନ୍ତି। ନିର୍ଦ୍ଦିଷ୍ଟ ଭାବେ କେବେଠାରୁ ପ୍ରତିରୋପଣ ଆରମ୍ଭ ହେବ ବୋଲି ଜଣାଇବାକୁ ଏସସିବି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ପୂର୍ବରୁ ଯେଉଁ ସଂସ୍ଥା ସହ ରାଜିନାମା ସ୍ବାକ୍ଷର ହୋଇଥିଲା ତାହାର ଅବଧି ଶେଷ ହୋଇଥିବା ବେଳେ ନୂଆ ସଂସ୍ଥା ସହ ଚୁକ୍ତି ପାଇଁ ନିଷ୍ପତ୍ତି କରାଯାଇଛି। ଇତିମଧ୍ୟରେ ୪ଜଣଙ୍କ ପ୍ରତିରୋପଣ ପାଇଁ ସ୍କ୍ରିନିଂ ହୋଇଥିବା ନେଇ ଅଦାଲତ ଅବଗତ ହୋଇଛନ୍ତି। ସେହିଭଳି ଏସସିବି ରକ୍ତ ନମୂନା ସଂଗ୍ରହ ପାଇଁ ରୋଗୀ ଆଟେଣ୍ଡାଣ୍ଟ ମାନେ ଖରା ବର୍ଷାରେ ଧାଡି ବାନ୍ଧୁଥିବାରୁ ସେମାନଙ୍କ ପାଇଁ ସେଡ ନିର୍ମାଣ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

### ସତୀଚୌରା ଏମ୍‌ସିସି ସ୍ଥାନାନ୍ତର ପ୍ରସଙ୍ଗରେ ରିପୋର୍ଟ ତଲବ

ସହରର ସତିଚୌରା ଡମ୍ପିଂ ୟାର୍ଡକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ରଘୁନାଥଜୀଉ ମନ୍ଦିର ନିକଟରେ ଥିବା ଏମସିସି (ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର)କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ବର୍ଷାଧିକ ସମୟ ପରେ ସତୀଚା÷ରା ଏମସିସିକୁ ସ୍ଥାନାନ୍ତର କରାଯାଇପାରି ନଥିବା ନେଇ ଅଦାଲତ ଅବଗତ ହୋଇଥିଲେ। ବାରଙ୍ଗରେ ଏକ ଜାଗା ଚିହ୍ନଟ ହୋଇଥିବା ସିଏମସି ପକ୍ଷରୁ କୁହାଯାଇଥିଲେ ମଧ୍ୟ ଏ ସମ୍ପର୍କରେ ସବିଶେଷ ସତ୍ୟପାଠ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଶୁଣାଣି ବେଳେ ସିଏମସିର ଅତିରିକ୍ତ କମିସନର ଓ ସିଟି ଇଞ୍ଜିନିୟର ଭର୍ଚୁଆଲରେ ଉପସ୍ଥିତ ଥିଲେ।

### ପାର୍କ ସୁବିଧା ଉପଲବ୍ଧ କରିବାକୁ ଗୁରୁତ୍ବ

କଟକ ସହରରେ ରହିଥିବା ପାର୍କ ଗୁଡିକରେ ଆନୁଷଙ୍ଗିକ ସୁବିଧା ଉପଲବ୍ଧ କରିବା ଉପରେ ହାଇକୋର୍ଟ ଗୁରୁତ୍ବାରୋପ କରି ଆସିଛନ୍ତି। ବିଭିନ୍ନ ପାର୍କରେ ହାଇମାଷ୍ଟ ଲାଇଟ ନଥିବା, ଶୌଚାଳୟ ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉନଥିବା ଓ ଦିବ୍ୟାଙ୍ଗ ମାନଙ୍କ ପାଇଁ ରାମ୍ପ ବ୍ୟବସ୍ଥା କରାଯାଇପାରିନଥିବା ନେଇ ହାଇକୋର୍ଟ ଅବଗତ ହୋଇଥିଲେ। ପାର୍କ ଗୁଡିକରେ ଏହି ବ୍ୟବସ୍ଥା କରିବା ଉପରେ ହାଇକୋର୍ଟ ଗୁରୁତ୍ବାରୋପ କରିଛନ୍ତି।

### ଶିଶୁଭବନ ପାଇଁ ଉଚ୍ଚ ପ୍ରାଚୀର କର

ଶିଶୁଭବନରେ ସୁରକ୍ଷା ପ୍ରାଚୀର ନଥିବା ହେତୁ ଅସାମାଜିକଙ୍କ ଆଡ୍ଡା ଓ ଜବରଦଖଲ ଦେଖିବାକୁ ମିଳୁଛି । ଏପରିକି ଗତ ଜୁନ ୯ରୁ ଏ ସଂକ୍ରାନ୍ତରେ ଅଧୀକ୍ଷକଙ୍କ ପକ୍ଷରୁ ପୂର୍ତ୍ତ ବିଭାଗକୁ ଚିଠି ଦିଆଯାଇଥିଲେ ସୁଦ୍ଧା କିଛି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡିଥିଲା। ତେବେ ଶିଶୁଭବନରେ ଉଚ୍ଚ ପ୍ରାଚୀର କରିବା ପାଇଁ ପୂର୍ତ୍ତ ବିଭାଗ ପଦକ୍ଷେପ ନେବାକୁ ହାଇକୋର୍ଟ ଗୁରୁତ୍ବାରୋପ କରିଛନ୍ତି। ଅନ୍ୟପଟରେ ଶିଶୁଭବନର ନବନିର୍ମିତ କୋଠାର ପାରାପିଟ ଭୁଷୁଡିବା ଘଟଣାରେ ବ୍ରିଜ ଆଣ୍ଡ ରୁଫ କର୍ପୋରେସନ ଅଫ ଇଣ୍ଡିଆକୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ନେଇ ଅଦାଲତଙ୍କୁ ଅବଗତ କରାଯାଇଥିଲା।

## ଆଠଗଡ଼ ନିର୍ବାଚନମଣ୍ଡଳୀରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା

# ଡିଜିପିଙ୍କୁ ଫେରାଦ ହେଲେ ପଞ୍ଚାୟତ ପ୍ରତିନିଧି

**କଟକ,୧୮ ।୭(ସମିସ):** ଆଠଗଡ ନିର୍ବାଚନମଣ୍ଡଳୀରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିବା ସହ ଜନ ପ୍ରତିନିଧିଙ୍କ ବିରୋଧରେ ହିଂସା, ଆକ୍ରମଣ, ଭୟ ଦେଖାଇ ସେମାନଙ୍କୁ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରାଯିବା ପ୍ରତିବାଦରେ ଆଜି ଡିଜିପିଙ୍କୁ ଫେରାଦ ହୋଇଛନ୍ତି ଆଠଗଡ ନିର୍ବାଚନ ମଣ୍ଡଳୀର ପଞ୍ଚାୟତ ପ୍ରତିନିଧି। ଆଠଗଡ, ଟିଗିରିଆ ଓ ଟାଙ୍ଗୀ ଚୌଦ୍ଵାର ବ୍ଲକ ଅନ୍ତର୍ଗତର ଜିଲ୍ଲା ପରିଷଦ ସଭ୍ୟ ଓ ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ପକ୍ଷରୁ ଡିଜିପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ଏକ ବର୍ଷ ଧରି ଏକ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏହି ଅସାମାଜିକ ଗୋଷ୍ଠୀଙ୍କ ଦ୍ବାରା ସଂଗଠିତ ହିଂସା, ଭୟ ଏବଂ ଆତଙ୍କ ଫଳରେ ଆଠଗଡ ନିର୍ବାଚନ ମଣ୍ଡଳୀ ବର୍ତ୍ତମାନ ଅଶାନ୍ତ ହୋଇପଡିଛି। ବିଶେଷ ଭାବେ ସରକାର ପରିବର୍ତ୍ତନ ପରେ ଏହି ପ୍ରକାର ହିଂସାକାଣ୍ଡ ଅହେତୁକ ଭାବେ ବୃଦ୍ଧି ପାଉଛି। ଏପରିକି ଖୁର୍ଣ୍ଟୁଣୀ ଥାନା ସମ୍ମୁଖରେ ହିନ୍ଦୁ ମଜଦୁର ସଭାର ଶ୍ରମିକ ଧାରଣାକୁ ଭଣ୍ଡୁର ପାଇଁ ଏହି ଗୋଷ୍ଠୀ ଦ୍ବାରା ଆକ୍ରମଣ କରାଯାଇଥିଲା। ଶ୍ରମିକଙ୍କ ପକ୍ଷରୁ ଥାନାରେ ଦିଆଯାଇଥିବା ଅଭିଯୋଗ ଉପରେ କୌଣସି ପ୍ରକାର ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ସେହିଭଳି ନିକଟ ଅତୀତରେ ଆଠଗଡ ଓ ଟିଗିରିଆ ପଞ୍ଚାୟତ ସମିତି ବୈଠକ ଚାଲିଥିବା ବେଳେ ବିଧାୟକଙ୍କୁ ଏହି ତଥାକଥିତ ଗୋଷ୍ଠୀ ଆକ୍ରମଣ କରିଥିଲେ। ଏ ସମ୍ବନ୍ଧରେ ଥାନାରେ ଏତଲା ସତ୍ତ୍ୱେ ପୁଲିସ ପକ୍ଷରୁ ଏହା ଉପରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହି ସମସ୍ତ ଘଟଣା ପଛରେ ଥିବା ଜନୈକ ପରାଜିତ ବିଧାୟକ ପ୍ରାର୍ଥୀଙ୍କ ବିରୋଧରେ ବିଭିନ୍ନ ଥାନାରେ ୨୫ଟି ଫୌଜଦାରୀ ମାମଲା ରହିଥିଲେ ସୁଦ୍ଧା ପୁଲିସ ପକ୍ଷରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଦାବିପତ୍ର ପ୍ରଦାନ ବେଳେ ବିନୋଦ ମାଝୀ, କୈଳାସ ଚନ୍ଦ୍ର ଦାସ, ବିଷ୍ଣୁ ପ୍ରସାଦ ନାଏକ, ଗଗନ ବିହାରୀ ପରିଡା, ଅଜୟ ପରିଡା, ମିନତୀ ଗାଗରାଇ ପ୍ରମୁଖ ଉପସ୍ଥିତ ଥିଲେ।

# ଷ୍ଟିୱାର୍ଟ ସାଇନ୍ସ କଲେଜରେ ପୋଷ୍ଟାଲ ଇଏଲ୍‌ପି କାର୍ଯ୍ୟକ୍ରମ




**କଟକ,୧୮।୭(ସମିସ):** କଟକ ସ୍ଥିତ ଷ୍ଟିୱାର୍ଟ ସାଇନ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ୟୁନିଟ୍ ତରଫରୁ ଗତ ଜୁଲାଇ ୧ ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ଏକ ମାଇଁ ଭାରତ ପୋଷ୍ଟାଲ ଇଏଲ୍‌ପି କାର୍ଯ୍ୟକ୍ରମ-୨୦୨୫ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ବିଦ୍ୟାଳୟର ଅଧ୍ୟକ୍ଷା ଡ. ଦୀପା ନାଗ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସଂପାଦକ ସମରେନ୍ଦ୍ର ପ୍ରମାଣିକ ଓ ରାସାୟନ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ. ଅବନୀ କୁମାର ସାହୁ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହ ପୋଷ୍ଟାଲ ସେବାର ପ୍ରଚାର ଓ ପ୍ରସାର ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ଅନୁଭବମୂଳକ ପରୀକ୍ଷଣାତ୍ମକ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାଛଡ଼ା ବିଭିନ୍ନ ପ୍ରକାରର ପ୍ରଶ୍ନୋତ୍ତର ପ୍ରତିଯୋଗିତା, ରିଲ୍ ମେକିଙ୍ଗ, ଗଳ୍ପ ଲିଖନ ଓ ବିତର୍କ ପ୍ରତିଯୋଗିତା ମାଧ୍ୟମରେ ମଧ୍ୟ ସ୍ୱେଚ୍ଛାସେବୀଗଣ ମଧ୍ୟରେ ପ୍ରୋତ୍ସାହନ ସୃଷ୍ଟି କରାଯାଇଥିଲା। ଜୁଲାଇ ୧୪ରେ ସ୍ୱେଚ୍ଛାସେବୀମାନେ କଟକର ବକ୍ସି ବଜାରସ୍ଥିତ ମୁଖ୍ୟ ଡାକଘରର ବରିଷ୍ଠ ପୋଷ୍ଟମାଷ୍ଟର ଅସିତ ନାୟକଙ୍କ ଅନୁମତି କ୍ରମେ ଡାକଘର ପରିଭ୍ରମଣ କରି ବିଭିନ୍ନ ଶାଖା ବିଷୟରେ ଅବଗତ ହୋଇଥିଲେ। ଡ. ବିଶ୍ୱମୋହନ ଜେନା, ଜାତୀୟ ସେବା ଯୋଜନା ସଂଯୋଜକ, ଉଚ୍ଚଶିକ୍ଷା ପରିଷଦ ପ୍ରମୁଖ ଯୋଗଦାନ କରିବା ସହ ପୋଷ୍ଟାଲ ଅବସରପ୍ରାପ୍ତ ଜନସଂପର୍କ ଅଧିକାରୀ ସତ୍ୟ ସତ୍ୟରଞ୍ଜନ ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ଡାକବିଭାଗର ଗରିମା ପ୍ରତିପାଦନ କରିଥିଲେ। ଡାକବିଭାଗର ଏପିଏମ ଶଙ୍କର ବେହେରା, ଜୀବନ ବଲ୍ଲଭ ସାମଲ ଏବଂ ଡେପୁଟି ପୋଷ୍ଟମାଷ୍ଟର ଅନିଲ ସାହୁ ସହଯୋଗ କରିଥିଲେ। ବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ସୁମିତା ଦାସ ଓ ଉପଦେଷ୍ଟା ସମୂହ ଗୌତମ ମଲ୍ଲିକ, ଡ. ରାଗ୍ୟଶ୍ରୀ ସ୍ୱାଇଁ ଓ ଜ୍ଞାନରଞ୍ଜନ କର ଉପସ୍ଥିତ ରହି ଶିବିରଟିକୁ ସୁଚାରୁ ରୂପେ ସଂପାଦନ କରିଥିଲେ।

## ୬୦ ଲକ୍ଷ ଟଙ୍କାର ବିଦେଶୀ ମଦ ଜବତ: ୪ ଗିରଫ

# ପିକ୍‌ଅପ୍ ଭ୍ୟାନ ସହ ୭୦୦ ପେଟି ମଦ ଠାବ

**କଟକ,୧୮ ।୭(ସମିସ):** ଅବକାରୀ ଗୁଇନ୍ଦା ବିଭାଗ ଉପକୂଳ ଓଡିଶାରେ ନକଲି ବିଦେଶୀ ମଦ କାରବାର କରିଆସୁଥିବା ଚୋରା ମଦ ଚାଲାଣ ର୍‌ୟାକେଟକୁ ଠାବ କରିଛି। ଏହି କାରବାରରେ ସଂପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଆଠଗଡ ଜେନାପଦା ଗାଁର ବିରଞ୍ଚି ରଣା(୩୭), ମୟୂରଭଞ୍ଜ ରାସଗୋବିନ୍ଦପୁର ଥାନା ଭୁରୁଡୁବଣି ଗାଁର ପୂର୍ଣ୍ଣଚନ୍ଦ୍ର ମାରାଣ୍ଡି, ଅର୍ଜୁନ ଚନ୍ଦ୍ର ଟୁଡୁ ଓ ଧନୁ ହାଁସଦା। ଏମାନଙ୍କ ପାଖରୁ ଗୋଟିଏ ପିକ୍‌ଅପ ଭ୍ୟାନ ସହିତ ୭୦୦ ପେଟି ନକଲି ବିଦେଶୀ ମଦ ଜବତ ହୋଇଛି। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ସୂଚନା ମିଳିଛି।

ଅବକାରୀ ବିଭାଗ ସୂଚନା ଅନୁସାରେ, କଟକ ଜିଲ୍ଲାରେ ଧରପଗଡ ସମୟରେ ଏକ ସ୍ଥାନରୁ ନକଲି ବିଦେଶୀ ମଦ ଜବତ ହୋଇଥିଲା। ଏହି ମଦ କାରବାରର ଚେର ସମ୍ପର୍କରେ ଜାଣିବା ପାଇଁ ଅବକାରୀ ଗୁଇନ୍ଦା ବିଭାଗ ତଦନ୍ତ ଜାରି ରଖିଥିଲା। ଗତ ବୁଧବାର ଜଣେ ଯୋଗାଣକାରୀର ତଥ୍ୟ ଅବକାରୀ ସ୍କ୍ୱାଡ୍‌ର ହସ୍ତଗତ ହୋଇଥିଲା। ଅବକାରୀ ଅଧିକାରୀ ବିକାଶ ନାୟକ ଗ୍ରାହକ ସାଜି ତାକୁ ଯୋଗାଯୋଗ କରି ବିପୁଳ ପରିମାଣର ନକଲି ମଦ ଆବଶ୍ୟକ ବୋଲି କହିଥିଲେ। ମୂଲଚାଲ ପରେ ଭୁବନେଶ୍ୱରରେ ମାଲ ଦେଣନେଣ ପାଇଁ ସମୟ ଓ ବାର ଧାର୍ଯ୍ୟ ହୋଇଥିଲା। ତଦନୁଯାୟୀ, ଗତକାଲି ଅଭିଯୁକ୍ତ ବିରଞ୍ଚି ଓ ପୂର୍ଣ୍ଣଚନ୍ଦ୍ର ମଦ ଭର୍ତ୍ତି ଏକ ପିକଅପ(ଓଡି-୦୯-ଏକ୍ସ-୯୬୪୩) ଗାଡି ଧରି ତମାଣ୍ଡୋ ଅଞ୍ଚଳରେ ପହଞ୍ଚିଥିଲେ। ଏତିକିବେଳେ ସେଠାରେ ପୂର୍ବରୁ ଛକି ରହିଥିବା ଅବକାରୀ ଟିମ୍ ସେମାନଙ୍କୁ କାବୁ କରିଥିଲା। ତଲାସି ବେଳେ ଗାଡି ଡାଲାରୁ ୧୮ ପେଟି ନକଲି ମଦ ଜବତ



ହୋଇଥିଲା। ବିଭିନ୍ନ କମ୍ପାନୀର ୧୮୦ ଏମ୍‌ଏଲ୍ ବୋତଲର ମଦ ରହିଥିଲା। ଅଭିଯୁକ୍ତ ଦ୍ୱୟଙ୍କୁ ଧରିଆଣି ଜେରା କରିବାରୁ ଚୋରା ନକଲି ମଦର ଗୋଦାମ ଆଠଗଡରେ ଥିବା ଜଣାପଡିଥିଲା। ଅବକାରୀ ଟିମ ଆଠଗଡ ମୈତ୍ରିନଗର ଅଞ୍ଚଳର ଏକ ବନ୍ଦ କୋଠା ଘରେ ଅବକାରୀ ସ୍କ୍ୱାର୍ଡ ଅତର୍କିତ ଚଢଉ କରିଥିଲା। ସେଠାରୁ ଆଉ ୩୦୦ ପେଟି ନକଲି ବିଦେଶୀ ମଦ ଜବତ ହୋଇଥିଲା। ତେବେ ଚଢଉ ସମୟରେ ଘରେ କେହି ନଥିଲେ। କିନ୍ତୁ ସୂଚନା ମିଳିଥିଲା ଯେ, ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଅଞ୍ଚଳରୁ ଏହି ମଦ ଆସିଛି। ପରେ ଅବକାରୀ ଟିମ୍ ହିନ୍ଦୋଳ ଥାନା ଅନ୍ତର୍ଗତ ବାଉଁଶ ପୋଖରୀ ଗ୍ରାମରେ ଚଢଉ କରିଥିଲା। ସେଠାକାର ସ୍ଥିତି ଦେଖି ଚଢଉକାରୀ ଦଳ ତାଜୁବ ହୋଇଥିଲା। ଘର ଭିତରେ ନକଲି ବିଦେଶୀ ମଦର ଫ୍ୟାକ୍ଟ୍ରି ଚାଲିଥିଲା। ଗୋଟିଏ ଛାତ ତଳେ ବିଭିନ୍ନ ନାମୀ କମ୍ପାନୀର ନକଲି ମଦ ପ୍ରସ୍ତୁତ ହେଉଥିଲା। ସେଠାରୁ ଆଉ ୪୦୦ ପେଟି ନକଲି ମଦ ଜବତ ସହିତ ଉପସ୍ଥିତ ଅଭିଯୁକ୍ତ ଅର୍ଜୁନ ଚନ୍ଦ୍ର ଟୁଡୁ ଓ ଧନୁ ହାଁସଦାକୁ ଗିରଫ କରାଯାଇଥିଲା। ଉକ୍ତ ଫ୍ୟାକ୍ଟ୍ରିରୁ ଓଲ୍ଡମଙ୍କ୍ ରମ ୧୮୦ ଏମଏଲର ୪୭୬ ପେଟି(ପ୍ରତ୍ୟେକ ପେଟିରେ ୨୨୮୪୮ ବୋତଲ), ମ୍ୟାକ୍‌ଡଲ ନଂ୧ ୱାନ୍-ହ୍ୱିସ୍କି ୧୮୦ ଏମଏଲର ୧୪୨ ପେଟି(୬୮୧୬ ବୋତଲ), ଆଇକୋନିକ ହ୍ୱିସ୍କି ୧୮୦ ଏମଏଲର ୧୦୦ ପେଟି(୪୮୦୦ ବୋତଲ) ଜବତ ହୋଇଛି। ଏହାବାଦ ମଦ ପ୍ୟାକିଂ ପାଇଁ ପ୍ଲାଷ୍ଟିକ ବୋତଲ କ୍ୟାପ୍ ୩୮ ହଜାର ୭୪୨ଟି, ଟିଣ କ୍ୟାପ୍ ୩୪୦୦ଟି, ୪୦ ହଜାର ୪୪୨ଟି ବିଭିନ୍ନ କମ୍ପାନୀର ନକଲି ଷ୍ଟିକର, ୨୯ ହଜାର ୧୮୫ଟି ନକଲି ଲେବଲ, ୨ହଜାର ପିସ ଖାଲି କାର୍ଟୁନ ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ଆନୁମାନିକ ମୂଲ୍ୟ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ। ଏହି ଚଢ଼ଉର ଇନ୍ସପେକ୍ଟର ଧୀରେନ କୁମାର ବେହେରା, ଅବନି କୁମାର ମହାପାତ୍ର, ଏସଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ବିଭୁତି ପ୍ରଧାନ, ଏଏସଆଇ କିଶୋର ଚନ୍ଦ୍ର ରାଉତ, ଥବିର ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

# ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂରେ ନୂତନ ଅଧ୍ୟକ୍ଷା



**କଟକ,୧୮।୭(ସମିସ):** ନର୍ସିଂ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ବିଶେଷ ପାରଦର୍ଶିତା ହାସଲ ସହ ଦେଶର ବିଭିନ୍ନ ନର୍ସିଂ ଶିକ୍ଷାନୁଷ୍ଠାନରେ ଅଧ୍ୟକ୍ଷା ଭାବରେ କାର୍ଯ୍ୟ କରିଥିବା ଡ. ପ୍ରଥିମା ପ୍ରକାସମ୍ 'ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂ'ର ନୂତନ ଅଧ୍ୟକ୍ଷା ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଭେଲୋର ନର୍ସିଂ କଲେଜରୁ ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗରେ ସ୍ନାତକୋତ୍ତର ଡିଗ୍ରୀ ସହ ଏହି ବିଷୟରେ ସେ ପିଏଚ୍‌ଡି ମଧ୍ୟ ହାସଲ କରିଛନ୍ତି। ଉଭୟ ଶିକ୍ଷାଦାନ ଓ ପ୍ରଶାସନିକ କ୍ଷେତ୍ରରେ ଦୀର୍ଘ ୨୨ ବର୍ଷର ଅଭିଜ୍ଞତା ଥିବା ଡ. ପ୍ରଥିମାଙ୍କର ଅନେକ ଗବେଷଣାଧର୍ମୀ ନିବନ୍ଧ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତିକ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ଉଚ୍ଚପ୍ରଶଂସିତ ହୋଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ପ୍ରମୁଖ ଡ. ପ୍ରଥିମାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ମାର୍ଗଦର୍ଶନରେ ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂ ଗୁଣାତ୍ମକ ଶିକ୍ଷାଦାନ ଓ ଗବେଷଣା କ୍ଷେତ୍ରରେ ଅଧିକ ଉତ୍କର୍ଷ ହାସଲ କରିବ ବୋଲି ଆଶା ପ୍ରକାଶ କରିଛନ୍ତି।

# ଘରୋଇ ହିଂସା ନିୟନ୍ତ୍ରଣ ସଂକ୍ରାନ୍ତ ସଚେତନତା



**କଟକ,୧୮।୭(ସମିସ):** ଘରୋଇ ହିଂସାକାଣ୍ଡ ନିୟନ୍ତ୍ରଣ ସଂକ୍ରାନ୍ତରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନରେ ବିଡାନାସୀ ସ୍ଥିତ ମମତା ସର୍ଟ ଷ୍ଟେ ହୋମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ପାରିବାରିକ ଜୀବନରେ ସୁଖଶାନ୍ତି ଅକ୍ଷୁର୍ଣ୍ଣ ରଖିବା ପାଇଁ ଆପୋଷ ଆଲୋଚନା ମାଧ୍ୟମରେ ସବୁ ବିବାଦର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ସଂପ୍ରତି ପରିବାର ଗୁଡିକରେ ଛୋଟ ଛୋଟ ଘଟଣା ଗୁଡିକୁ ନେଇ ହିଂସାତ୍ମକ କାର୍ଯ୍ୟ ବୃଦ୍ଧି ପାଉଥିବାରୁ ସେମାନେ ଘୋର ଉଦବେଗ ପ୍ରକାଶ କରିଥିଲେ। ବିଶିଷ୍ଟ ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକ ପାରିବାରିକ ହିଂସାକାଣ୍ଡ ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ। ଏଥିରେ ବରିଷ୍ଠ ସାମ୍ବାଦିକ ଡ଼ଃ ସତ୍ୟ ରାୟ କହିଲ ଯେ, ମହିଳାମାନଙ୍କ ଉପରେ ହେଉଥିବା ଶାରୀରିକ ଓ ମାନସିକ ନିର୍ଯାତନାକୁ ରୋକିବା ପାଇଁ ଦୃଢ ବିରୋଧ କରିବା ଆବଶ୍ୟକ। ଜିଲ୍ଲା ସମାଜ କଲ୍ୟାଣ ବିଭାଗର ପ୍ରତିନିଧି ପିଙ୍କି ନାୟକ, ମନମୋହନ ଦାସ, ଅନୁଷ୍ଠାନର ତତ୍ତ୍ୱାବଧାରିକା ଚଇତାଳି ସ୍ୱାଇଁ ଓ ବିଜୟା ମଣ୍ଡଳ ପ୍ରମୁଖ ବକ୍ତବ୍ୟ ରଖଥିଲେ।

## କମିଶନରେଟ୍ ପୁଲିସର ନୂଆ ଯୋଜନା

# ପୁଲିସ କରିବ 'ଇ-ବିଟ୍ ପାଟ୍ରୋଲିଂ ସିଷ୍ଟମ୍'


- କଟକ ୟୁପିଡିରେ କାର୍ଯ୍ୟକାରୀ କରିବାକୁ ହେଲା ମାଷ୍ଟରପ୍ଲାନ୍
- ସ୍ୱୟଂଚାଳିତ ସତର୍କତା ସହ କରାଯିବ ସମ୍ବେଦନଶୀଳ ଅପରାଧସ୍ଥଳ ଚିହ୍ନଟ
- ଅନଲାଇନ୍ ମ୍ୟାପ୍ ସାଙ୍ଗକୁ ଟ୍ରାକିଂ ବ୍ୟବସ୍ଥା ଭିତରେ ରହିବେ ବିଟ୍-ଅଧିକାରୀ

**କଟକ,୧୮ ।୭(ସମିସ):** ପରିବର୍ଦ୍ଧିତ ଜନସଂଖ୍ୟା ଓ ଅପରାଧକୁ ଦୃଷ୍ଟିରେ ରଖି କଟକ ୟୁପିଡିରେ କାର୍ଯ୍ୟକାରୀ ହେବାକୁ ଯାଉଛି 'ଇ-ବିଟ୍ ପାଟ୍ରୋଲିଂ ସିଷ୍ଟମ୍'। କମିଶନରେଟ୍ ପୁଲିସ ଅଧିନରେ ରହିଥିବା ସମସ୍ତ ଥାନା ଅଞ୍ଚଳରେ ଅପରାଧିକସ୍ଥଳୀ ଚିହ୍ନଟ ହେବା ସହିତ ଏହି ସ୍ୱତନ୍ତ୍ର ଇ-ପାଟ୍ରୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଏନେଇ ବିଭାଗୀୟ ନିଷ୍ପତ୍ତି ହୋଇଥିବା ବେଳେ ଖୁବଶୀଘ୍ର କଟକ ୟୁପିଡିକୁ ଅନୁମୋଦନ ମିଳିବ ବୋଲି ଜଣାପଡ଼ିଛି। ସହରର ପ୍ରମୁଖ ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯିବା ସହିତ ବିଟ୍-ହାଉସ ଗୁଡ଼ିକ ନିର୍ମାଣ କରାଯିବ। ଏଥି ସହିତ ପାଟ୍ରୋଲିଂକୁ କଡାକଡି କରାଯିବ। ସହରାଞ୍ଚଳ ପୁଲିସକୁ ଆଧୁନିକୀକରଣ କରିବା, ଜନସାଧାରଣଙ୍କ ସୁରକ୍ଷା ବୃଦ୍ଧି କରିବା ଓ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅପରାଧୀଙ୍କୁ କାବୁ କରିବାକୁ ଏପରି ପଦକ୍ଷେପ ନିଆଯାଉଛି। ଏହି ସିଷ୍ଟମରେ ୧୦୦ରୁ ଅଧିକ ସ୍ୱତନ୍ତ୍ର ପୁଲିସଙ୍କୁ ନିୟୋଜିତ କରାଯିବ। କଟକ ସହରରେ ଥିବା ବିଭିନ୍ନ ଏଟିଏମ୍, ଧାର୍ମିକ ସ୍ଥଳ, ପାର୍କ, ବଜାର, ବରିଷ୍ଠ ନାଗରିକଙ୍କ ଘର ସମେତ ସମ୍ବେଦନଶୀଳ ସ୍ଥାନକୁ ଚିହ୍ନଟ କରାଯାଇ ସେଠାରେ ଏହି ବ୍ୟବସ୍ଥା ଲାଗୁ ହେବ ବୋଲି ସୂଚନା ମିଳିଛି।

କମିଶନରେଟ୍ ପୁଲିସ ପକ୍ଷରୁ ୪୦ରୁ ଅଧିକ ବିଟ୍-ହାଉସ କରାଯାଇ ୧୦୦ଜଣ ପୁଲିସଙ୍କୁ ଦାୟିତ୍ୱ ଦିଆଯିବ ବୋଲି ପ୍ରାଥମିକ ପର୍ଯ୍ୟାୟରେ ଆଲୋଚନା କରାଯାଇଛି। କୁଖ୍ୟାତ ଅପରାଧୀଙ୍କ ଗତିବିଧି ଅନୁଧ୍ୟାନ କରିବା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହିତ ଯୋଗାଯୋଗ କରି ଅପରାଧୀଙ୍କ ସମ୍ପର୍କରେ ସୂଚନା ସଂଗ୍ରହ କରିବା ବିଟ୍ ଅଧିକାରୀଙ୍କ ପ୍ରମୁଖ କାର୍ଯ୍ୟ ରହିବ। ପ୍ରତ୍ୟେକ ବିଟ୍ ସ୍ଥାନର ଜିଓ ମ୍ୟାପିଂ କରାଯିବ। ବିଟ୍ ଅଧିକାରୀ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର 'ମୋବାଇଲ ଆପ୍' ପ୍ରଦାନ କରାଯିବ। ଏଥିରେ ସହରର ବିଭିନ୍ନ ସ୍ଥାନର ଲୋକେସନ୍ ଟ୍ରାକିଙ୍ଗର ବ୍ୟବସ୍ଥା ହେବ। ପାଟ୍ରୋଲିଂ ସମୟରେ ଯଦି ସମ୍ପୃକ୍ତ ଅଧିକାରୀ ଅସମ୍ପୂର୍ଣ୍ଣ ରାଉଣ୍ଡ ବା ପାଟ୍ରୋଲିଂ କରନ୍ତି ତେବେ ଏଥିପାଇଁ ସ୍ୱୟଂ ଚାଳିତ ସତର୍କତା ବ୍ୟବସ୍ଥା କରାଯିବ। ଆଗାମୀ ଦିନରେ ପ୍ରତ୍ୟେକ ଥାନା ଅଧିନରେ ଏହି ସିଷ୍ଟମ କାର୍ଯ୍ୟକାରୀ ହେବ। ଏହି ଅତ୍ୟାଧୁନିକ ପାଟ୍ରୋଲିଂ ବ୍ୟବସ୍ଥା କରାଗଲେ ଅପରାଧିମାନେ ଅପରାଧ ଘଟାଇ ସହର ଛାଡି ଫେରାର୍ ହୋଇ ପାରିବେ ନାହିଁ ବୋଲି ପୁଲିସ ପକ୍ଷରୁ କୁହାଯାଉଛି। ଅନ୍ୟପଟେ କଟକ କମିଶନରେଟ୍ ପୁଲିସ ବ୍ୟବସ୍ଥାରେ ଏବେ ସମୁଦାୟ ୨୪ଟି ପିସିଆର୍ ଭ୍ୟାନ୍‌କୁ ଡ୍ୟୁଟିରେ ନିୟୋଜିତ କରାଯାଇଛି। ସେଗୁଡ଼ିକ ନିୟମିତ ବ୍ୟବଧାନରେ ସଜଡା ଯାଉନଥିବାରୁ ଅନେକ ସମୟରେ ଗାଡି ଖରାପ ହେବା ସହିତ ଥାନା ସମ୍ମୁଖରେ ପଡ଼ି ରହୁଛି। ଏଭଳି ସ୍ଥିତିରେ କର୍ତ୍ତବ୍ୟରତ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ପାରୁ ନାହାନ୍ତି। ଦିନକୁ ଦିନ କଟକର ପରିସୀମା ପରିବ୍ୟାପ୍ତ ହେବା ସହିତ ଜନସଂଖ୍ୟା ମଧ୍ୟ ବୃଦ୍ଧି ଘଟୁଛି।ଏହାକୁ ଦୃଷ୍ଟି ଦେଲେ, ସେହି ତୁଳନାରେ ସହରରେ ପାଟ୍ରୋଲିଂ ପାଇଁ ଥିବା ପିସିଆର୍ ଭ୍ୟାନ୍‌ର ଅଭାବ ପରିଲକ୍ଷିତ ହେଉଛି। ସହରରେ ସର୍ବନିମ୍ନ ୬୦ଟି ପିସିଆର୍ ଭ୍ୟାନ୍ ଆବଶ୍ୟକତା ରହିଥିବା ବେଳେ ମାତ୍ର ୨୪ଟିରେ କାମ ଚଳାଯାଉଛି। ଯେଉଁ କାରଣରୁ ଉଭୟ ଡେ' ଓ ନାଇଟ୍ ପାଟ୍ରୋଲିଂ ଠିକ୍ ଭାବେ ହୋଇ ପାରୁନାହିଁ। ଇ-ବିଟ୍ ପାଟ୍ରୋଲିଂ ସିଷ୍ଟମ୍ କାର୍ଯ୍ୟକ୍ଷମ କରାଗଲେ, କଣ୍ଟ୍ରୋଲ୍ ରୁମ୍ ଦାୟିତ୍ୱରେ ଜଣେ ଆଇପିଏସ୍ ର୍‌ୟାଙ୍କ୍‌ର ଅଧିକାରୀ ରହିବେ। ତାଙ୍କ ଅଧିନରେ ୩ଜଣ ଇନ୍ସପେକ୍ଟର, ୧୫ଜଣ ଏସ୍‌ଆଇ ଓ ଏଏସଆଇ କାର୍ଯ୍ୟ କରିବେ। କଣ୍ଟ୍ରୋଲ୍ ରୁମ୍ ଏବଂ ପିସିଆର୍ ଭ୍ୟାନ୍ ମଧ୍ୟରେ ଠିକ୍ ଯୋଗସୂତ୍ର ରଖାଯାଇ ପାଟ୍ରୋଲିଂକୁ କଡାକଡି କରାଯିବ। ସହରକୁ ଶୂନ୍ୟ ଅପରାଧପ୍ରବଣ କରିବା ନିମନ୍ତେ ଥାନା ଗୁଡ଼ିକରେ ଏହି ବ୍ୟବସ୍ଥା ଲାଗୁ କରାଯିବାକୁ ସ୍ଥିର କରାଯାଇଛି। ପୁଲିସ କଣ୍ଟ୍ରୋଲ୍ ରୁମ୍ ଏବଂ ପିସିଆର୍ ଭ୍ୟାନ୍ ମଧ୍ୟରେ ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ତାଳମେଳ ରଖାଯାଇ ସାରା ସହରରେ ପାଟ୍ରୋଲିଂ କରାଯିବ ବୋଲି ଜଣାପଡ଼ିଛି।

## କୁଳସଚିବଙ୍କ ଦୁଇଟି ଚିଠିକୁ ନେଇ ଦ୍ୱନ୍ଦ୍ୱ

# ରେଭେନ୍ସା କ୍ୟାମ୍ପସରେ ମହିଳା ଅସୁରକ୍ଷିତ!



Ravenshaw University
Cuttack
No. 2853 Date 17/07/2025
OFFICE ORDER

No female faculty, staff and students are permitted to remain in the work place or on campus after 05.30 PM. This decision will remain in place until a formal Standard Operating Procedure (SoP) is issued, which will outline the necessary guidelines and protocols for work hours and safety measures.

By Order of Vice Chancellor
Registrar
Ravenshaw University
Cuttack

Memo No. 2854 Date: 17/07/2025
Copy to: CPGC/ Chief Warden / DSW / COF / COE / all Heads and Coordinators / all Wardens / OS/ All Sections / Library / Dispensary / Website / PEO / Office of the Registrar / e-Office / Power House / PA to Vice Chancellor for kind information of Vice Chancellor.

Registrar
Ravenshaw University
Cuttack

Ravenshaw University
Cuttack
No. 2867 Date. 17-07-2025
OFFICE ORDER

This Office Order No-2853 dated 17.07.2025 restricting staying of female faculty, staff and students in the work place or on campus after 05.30 PM, is hereby withdrawn.

By Order of Vice Chancellor
Registrar
Ravenshaw University
Cuttack

Memo No. 2868 Date: 17-07-2025
Copy to: CPGC/ Chief Warden / DSW / COF / COE / all Heads and Coordinators / all Wardens / OS/ All Sections / Library / Dispensary / Website / PEO / Office of the Registrar / e-Office / Power House / PA to Vice Chancellor for kind information of Vice Chancellor.

12/7/2025
Registrar
Ravenshaw University
Cuttack

ସନ୍ଧ୍ୟା ୫.୩୦ ପରେ ଛାତ୍ରୀ, ମହିଳା ଷ୍ଟାଫଙ୍କୁ କ୍ୟାମ୍ପସ ବାରଣ ନିର୍ଦ୍ଦେଶ ଥିଲା

ବିରୋଧାଭାଷ, ଦୁଇ ଘଣ୍ଟା ପରେ ନିର୍ଦ୍ଦେଶ ପ୍ରତ୍ୟାହୃତ

କଟକ, ୧୮।୭ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ସନ୍ଧ୍ୟା ସାଢ଼େ ୫ଟା ପରେ କୌଣସି ମହିଳା ଷ୍ଟାଫ, କର୍ମଚାରୀ କିମ୍ବା ଛାତ୍ରୀ ରହିପାରିବେ ନାହିଁ। କାର୍ଯ୍ୟସ୍ଥଳ ହେଉ କି କ୍ଲାସରୁମ, ଲାଇବ୍ରେରୀ ହେଉ କି ଲନ୍ କେଉଁଠାରେ ବି ମହିଳା ଚଳପ୍ରଚଳ କରିବେ ନାହିଁ। ଆଜି ଅପରାହ୍ଣରେ କୁଳସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ଏଭଳି ଏକ ଚିଠି ଜାରି ହେବା ପରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ଅନେକ ଛାତ୍ରୀ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲେ। ଫଳସ୍ୱରୂପ ପ୍ରଥମ ଚିଠିର ଦୁଇ ଘଣ୍ଟା ପରେ ପୁର୍ନବାର କୁଳସଚିବଙ୍କ କାର୍ଯ୍ୟାଳୟରୁ ଅନ୍ୟ ଏକ ଚିଠି ଜାରି କରାଯାଇ ପ୍ରଥମ ନିର୍ଦ୍ଦେଶକୁ ପ୍ରତ୍ୟାହୃତ କରି ନିଆଯାଇଥିଲା। କୁଳସଚିବଙ୍କ ଦ୍ୱନ୍ଦ୍ୱପୂର୍ଣ୍ଣ ଦୁଇଟି ଚିଠି ଏବେ ଅନେକ ଅସମାହିତ ପ୍ରଶ୍ନ ଉଠାଇଛି। ଶତାଧିକ ସୁରକ୍ଷା କର୍ମୀ ନିଯୁକ୍ତି ସତ୍ତ୍ୱେ ବିଶ୍ୱବିଦ୍ୟାଳୟ ପରିସରକୁ ଅଣଛାତ୍ର ପ୍ରବେଶ ରୋକା ଯାଇପାରୁନାହିଁ। ଏପରି ସ୍ଥଳେ ସନ୍ଧ୍ୟା ସାଢ଼େ ୫ଟା ପରେ ମହିଳା ଷ୍ଟାଫ୍ ଏବଂ ଛାତ୍ରୀଙ୍କୁ କ୍ୟାମ୍ପସ ବାରଣ କରାଯିବା ଅର୍ଥ ଏଠାରେ ମହିଳା ଅସୁରକ୍ଷିତ ବିବେଚନା କରାଯାଉଥିବା କୁହାଯାଇଛି। ଏହି ଘଟଣାରେ କୁଳସଚିବ କାହ୍ନୁଚରଣ ମଲ୍ଲିକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ବିଶ୍ୱବିଦ୍ୟାଳୟର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅପରାହ୍ଣରେ କୁଳସଚିବଙ୍କ କାର୍ଯ୍ୟାଳୟ ତରଫରୁ ଜାରି ହୋଇଥିବା ପ୍ରଥମ ଚିଠି ବାବଦରେ ସୂଚନା ଦେଇଥିଲେ। ଚିଠି ନଂ-୨୮୫୩ ଅନୁଯାୟୀ ସନ୍ଧ୍ୟା ସାଢ଼େ ୫ଟା ପରେ ମହିଳା କର୍ମଚାରୀ, ଷ୍ଟାଫ ଏବଂ ଛାତ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ରହିବେ ନାହିଁ। ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁଅର(ଏସ୍ଓପି) ଜାରି ହେବା ପର୍ଯ୍ୟନ୍ତ ନିର୍ଦ୍ଦେଶ ବଳବତ୍ତର ରହିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଥିଲା।

ଗଣମାଧ୍ୟମରେ ଖବର ପ୍ରଚାର ପ୍ରସାର ହେବା ପରେ ଅନେକ ଛାତ୍ରୀ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲେ। ଆଇଟିଏମ୍‌ର ଜନୈକ ଛାତ୍ରୀ କହିଥିଲେ ଯେ ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା ପରେ ରେଭେନ୍ସା କର୍ତ୍ତୃପକ୍ଷ ବିଚଳିତ ହୋଇ ଏଭଳି ଚିଠି ଜାରି କରିଛନ୍ତି। ଏହାର ଅର୍ଥ ରେଭେନ୍ସା ବିଶ୍ୱବିଦ୍ୟାଳୟରେ କୌଣସି ମହିଳା ଏବଂ ଛାତ୍ରୀ ସୁରକ୍ଷିତ ନୁହନ୍ତି। ସନ୍ଧ୍ୟା ହେବା ପୂର୍ବରୁ ଛାତ୍ରୀମାନଙ୍କୁ କ୍ୟାମ୍ପସ ଛାଡି ହଷ୍ଟେଲକୁ ଭର୍ତ୍ତି କରିଦେବା ଭଳି ନିଷ୍ପତ୍ତି ଏଠାକାର ଦୁର୍ବଳ ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଉଛି। ପ୍ରତିବର୍ଷ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଇ ବିଶ୍ୱବିଦ୍ୟାଳୟର ବିଭିନ୍ନ ସ୍ଥାନରେ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଉଛି। ତଥାପି ଅଣଛାତ୍ରଙ୍କ ପ୍ରବେଶ ଉପରେ କଟକଣା ଲାଗିପାରୁନାହିଁ। ବଦଳରେ ଛାତ୍ରୀ ଓ ମହିଳାମାନଙ୍କୁ କ୍ୟାମ୍ପସ ମନା କରାଯିବା ନିଷ୍ପତ୍ତି ନିନ୍ଦନୀୟ। ଯଦି କୌଣସି ଦୁର୍ବୃତ୍ତ ଅପରାଧ ଘଟାଇବାକୁ ଚାହାନ୍ତି, ତାହେଲେ ଦିନ ଦ୍ୱିପହରରେ ମଧ୍ୟ ସେ ଛାତ୍ରୀ କିମ୍ବା ମହିଳାଙ୍କୁ ଟାର୍ଗେଟ୍ କରିପାରିବେ। ଛାତ୍ରୀ ଓ ମହିଳାଙ୍କ ସ୍ୱାଧୀନ ଆଚରଣକୁ କ୍ଷୁଣ୍ଣ କରାନଯାଉ ବୋଲି ଛାତ୍ରୀଜଣଙ୍କ ପ୍ରତିକ୍ରିୟାରେ କହିଛନ୍ତି। ତେବେ ଅନେକ ଛାତ୍ରୀଙ୍କ ବିରୋଧ ଯୋଗୁଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଚିଠି ନଂ-୨୮୬୭ ଜରିଆରେ ପ୍ରଥମ ନିର୍ଦ୍ଦେଶକୁ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଛନ୍ତି।

ପ୍ରକାଶଯୋଗ୍ୟ, ଗତ ୬ ମାସ ଭିତରେ ବିଶ୍ୱବିଦ୍ୟାଳୟରେ ଦୁଇଟି ରାଗିଂ ଅଭିଯୋଗ ଉଠିଛି। ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବା ବେଳେ ଛାତ୍ରୀ ଓ ମହିଳାଙ୍କୁ କ୍ୟାମ୍ପସ ବାରଣ ନିଷ୍ପତ୍ତି ଚିଠି ବିବାଦ ସୃଷ୍ଟି କରିଛି।

## ନିର୍ଦ୍ଦେଶନାମା ଜାରିକଲେ ଜିଏମ୍‌ୟୁ କୁଳପତି

ସମ୍ବଲପୁର, ୧୮।୭ (ସମିସ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ଅଧ୍ୟାପକଙ୍କ ଯୌନଶୋଷଣ ମାମଲା ଏବଂ ତାଙ୍କ ଗିରଫ ପରେ ଜିଏମ୍‌ୟୁ ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ଏକ ନିର୍ଦ୍ଦେଶନାମା (ଆଡଭାଇଜରି) ଜାରି କରିଛନ୍ତି। ଏହା ଅନୁଯାୟୀ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ କାର୍ଯ୍ୟ କ୍ଷେତ୍ରରେ ତାଙ୍କ ସର୍ବୋଚ୍ଚ ବୃତ୍ତିଗତ (ପ୍ରଫେସନାଲ), ନୈତିକ (ମୋରାଲ) ଏବଂ ନୀତିଗତ (ଏଥିକ୍ସ) ମୂଲ୍ୟବୋଧକୁ ନେଇ କାର୍ଯ୍ୟ କରିବାକୁ କୁହାଯାଇଛି। ଏହାସହ ଛାତ୍ରଛାତ୍ରୀଙ୍କୁ ତାଙ୍କ ନିଜ ପୁଅ ଝିଅ ପରିବାର ସଦସ୍ୟ ଭଳି ବ୍ୟବହାର କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। କୌଣସି ସମସ୍ୟା ହେଲେ, ତାହାକୁ ସକ୍ରିୟ ଭାବେ ତୁରନ୍ତ ଜଣାନ୍ତୁ, ସମସ୍ୟା ସମାଧାନ କରିବା ପାଇଁ ଚେଷ୍ଟା କରି ନ ପାରିଲେ ବିଭାଗୀୟ ମୁଖ୍ୟ/ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ/ଉଚ୍ଚସ୍ତରରେ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

■ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ

## ସିସିଟିଭି ନଜରରେ ରହିବ ପୂରା କ୍ୟାମ୍ପସ୍

ବାଲେଶ୍ୱର, ୧୮।୭ (ସମିସ): ଫକୀରମୋହନ କଲେଜରେ ଆଜି ଗୋଟିଏ ପରେ ଗୋଟିଏ ଟିମ୍ ପହଞ୍ଚି ତଦନ୍ତ ଆଉ ତନାଘନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲା ପ୍ରଶାସନର ଏକ ଟିମ୍ କଲେଜରେ ପହଞ୍ଚି ଅନୁଧ୍ୟାନ କରିଥିବା ଜଣାପଡ଼ିଛି। ଏହି ଅନୁଧ୍ୟାନ



ପରେ ଜଣାପଡ଼ିଛି ଯେ ଫକୀରମୋହନ କଲେଜରେ ଲାଗିବ ନୂଆ ସିସିଟିଭି। କଲେଜରେ ପୂର୍ବରୁ ଲାଗିଥିବା ସିସିଟିଭିକୁ ଛାଡ଼ି ଏବେ ନୂଆ ସିସିଟିଭି ଲଗାଇବ ଜିଲ୍ଲା ପ୍ରଶାସନ। ପୂରା କଲେଜ କ୍ୟାମ୍ପସ କିପରି କ୍ୟାମେରା ନଜରରେ ରହିବ, ସେନେଇ ସିସିଟିଭି ଲଗାଇବା ପାଇଁ ଅନୁଧ୍ୟାନ କରିବାକୁ କଲେଜରେ ପହଞ୍ଚିଥିଲା ଜିଲ୍ଲା ପ୍ରଶାସନର ଟିମ୍। ଏନେଇ ଉପଜିଲ୍ଲାପାଳ ଓ ସଦର ତହସିଲଦାର କଲେଜରେ ଅନୁଧ୍ୟାନ କରୁଛନ୍ତି।

ପ୍ରକାଶଥାଉ କି, ପୂର୍ବରୁ ସମ୍ପୂର୍ଣ୍ଣ କଲେଜରେ ସିସିଟିଭି କ୍ୟାମେରା କଭରେଜ୍ ନଥିଲା। ପ୍ରାୟ ୧୩ସିସିଟିଭି କ୍ୟାମେରା କଲେଜ ପରିସରରେ ରହିଛି। ହେଲେ ଦୁର୍ଭାଗ୍ୟକୁ ୧୨ତାରିଖ ଦିନ ମୃତା ସୌମ୍ୟାଶ୍ରୀ ଯେଉଁଠି ଛିଡ଼ା ହୋଇ ନିଜ ଦେହରେ ନିଆଁ ଲଗାଇଥିଲେ, ସେଠାରେ ହିଁ ସିସିଟିଭି କ୍ୟାମେରା ନାହିଁ। କିଛି ଦିନ ତଳେ ସିସିଟିଭି କ୍ୟାମେରାର ମୁହଁ

**କଲେଜରେ ନୂଆ ସିସିଟିଭି ଲଗାଇବ ଜିଲ୍ଲା ପ୍ରଶାସନ**

ସେହି ଦିଗକୁ ଥିଲା ଯେଉଁଠି ଘଟଣା ଘଟିଥିଲା। ହେଲେ ଅନ୍ୟପଟେ ଯେଉଁ କଲେଜ ପିଲାମାନେ ବ୍ୟାଗ୍ ରଖନ୍ତି, ସେଠାରେ ଚୋରି ବଢ଼ିବାରୁ ସିସିଟିଭି କ୍ୟାମେରାର ମୁହଁ ଆର ଦିଗକୁ ବୁଲାଇ ଦିଆଯାଇଥିଲା। ଫଳରେ ଯେଉଁଦିନ ଘଟଣା ଘଟିଥିଲା, ସେଇ ଘଟଣାକ୍ରମ କ୍ୟାମେରାରେ କଏଦ୍ ହୋଇପାରିନାହିଁ। ଏହାଦ୍ୱାରା ତଦନ୍ତ ସମୟରେ ସିସିଟିଭି କଥା ସାମ୍ନାକୁ ଆସିଛି। ଏହାବ୍ୟତୀତ ଆଜି ୟୁଜିସି ଟିମ୍ ମଧ୍ୟ ଘଟଣାସ୍ଥଳରେ ଥିବା ସିସିଟିଭି କ୍ୟାମେରା ଯାଞ୍ଚ କରାଇବାର ଦୃଶ୍ୟ ଦେଖିବାକୁ ମିଳିଥିଲା।

### ବେପରୁଆ ଚାଳନା ପାଇଁ ୬ମାସରେ ୨୪ଜଣ ଆମ ବସ ଚାଳକ ବହିଷ୍କୃତ

## ସବିଶେଷ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୧୮।୭ (ସମିସ): 'ଆମ ବସ୍' ଚାଳକମାନଙ୍କ ବେପରୁଆ ଗାଡ଼ି ଚାଳନା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି କରିଆସୁଛନ୍ତି। ବେପରୁଆ ଗାଡ଼ିଚାଳନା ପାଇଁ ଅନେକ ସମୟରେ 'ଆମ ବସ୍' ଦୁର୍ଘଟଣାରେ ସାଧାରଣ ଲୋକଙ୍କ ଜୀବନ ଯାଉଛି। ଗତ ୬ମାସ ମଧ୍ୟରେ ୪ଜଣଙ୍କ ପ୍ରାଣହାନି ଘଟିଥିବା ନେଇ ଆମିକସକ୍ୟୁରୀଙ୍କ ତରଫରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେବେ ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶ ଅନୁପାଳନ ପୂର୍ବକ ଏକ ସବିଶେଷ ସତ୍ୟପାଠ ଦାଖଲ କରିବାକୁ କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନସ୍ପୋର୍ଟ(କ୍ରୁଟ) କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଜଷ୍ଟିସ୍ ସଂଗମ କୁମାର ସାହୁ ଓ ଜଷ୍ଟିସ୍ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଜି ଭର୍ଚୁଆଲ ମାଧ୍ୟମରେ କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନସ୍ପୋର୍ଟ(କ୍ରୁଟ)ର ମହାପ୍ରବନ୍ଧକ ସଂଜୟ କୁମାର ବିଶ୍ୱାଳ ଶୁଣାଣି ବେଳେ ଉପସ୍ଥିତ ରହିଥିଲେ। ଗତ ୬ ମାସ ମଧ୍ୟରେ ୨୪ ଜଣ ଖିଲାପି ଚାଳକଙ୍କୁ ବହିଷ୍କୃତ କରାଯାଇଥିବା ନେଇ ଅଦାଲତଙ୍କୁ ଅବଗତ କରାଇଥିଲେ। କ୍ରୁଟ୍ ପକ୍ଷରୁ ୧୧୦୦ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ବେଳେ ଅଦ୍ୟାବଧି ୯୦ ହଜାରରୁ ଅଧିକ ବ୍ରେଥ୍ ଆନାଲାଇଜର୍ ଟେଷ୍ଟ କରାଯାଇଥିବା କୁହାଯାଇଛି। କଟକ ସହରରେ ୧୫୩ଟି ବସ୍‌ଷ୍ଟପ୍ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କରାଯାଇ ଟେଣ୍ଡର୍ ଆହ୍ୱାନ କରାଯାଇଥିଲେ ମଧ୍ୟ କେହି ବିଡର୍ ଅଂଶଗ୍ରହଣ ନକରିବାରୁ ସାନି ଟେଣ୍ଡର୍ ଆହ୍ୱାନ କରାଯାଉଛି ବୋଲି କ୍ରୁଟ୍ କର୍ତ୍ତୃପକ୍ଷ ଅଦାଲତଙ୍କୁ ଜଣାଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୨୪କୁ ଧାର୍ଯ୍ୟ କରାଯାଇଛି।

### ହାଇକୋର୍ଟରେ ଆଇଏଏସ୍ ଅଧିକାରୀ ବିଷ୍ଣୁପଦଙ୍କ ଆଗୁଆ ଜାମିନ ମାମଲା

## ଶୁଣାଣି ଶେଷ, ରାୟ ସଂରକ୍ଷିତ

କଟକ, ୧୮।୭ (ସମିସ): ବ୍ରିଜ୍ ଆଣ୍ଡ ରୁଫ୍ ଲାଞ୍ଚ କାରବାର ଘଟଣାରେ ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ପକ୍ଷରୁ ଦାୟର ଆଗୁଆ ଜାମିନ ଆବେଦନର ଆଜି ଶୁଣାଣି ଶେଷ କରି ରାୟକୁ ସଂରକ୍ଷିତ ରଖିଛନ୍ତି ହାଇକୋର୍ଟ। ତେବେ ରାୟ ପ୍ରକାଶ ପର୍ଯ୍ୟନ୍ତ ପୂର୍ବରୁ ଜାରି ଅନ୍ତରୀଣ ସୁରକ୍ଷାକୁ ବଳବତ୍ତର ରହିବ ବୋଲି କହିଛନ୍ତି ହାଇକୋର୍ଟ। ଶ୍ରୀ ସେଠୀଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଭି.ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାରେ ସିବିଆଇ ପକ୍ଷରୁ କେସ୍ ଡାଏରୀ ଦାଖଲ କରାଯିବା ସହ ବିଭିନ୍ନ ଦସ୍ତାବିଜ୍ ଦାଖଲ ହୋଇଥିଲା।

ପ୍ରକାଶଥାଉକି ଶ୍ରୀ ସେଠୀଙ୍କ ଘରେ ସିବିଆଇ ଚଢ଼ଉ ତଥା ତାଙ୍କ ବିରୋଧରେ ତଦନ୍ତକୁ ବିରୋଧ କରି ରୁଜୁ ମାମଲାକୁ ହାଇକୋର୍ଟ ପୂର୍ବରୁ ଖାରଜ କରିଦେଇଥିଲେ। ପରେ ଶ୍ରୀ ସେଠୀ ଗିରଫଦାରୀ ଏଡ଼ାଇବାକୁ ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ମାମଲାରୁ ପ୍ରକାଶ ଯେ ଆଇଏଏସ ବିଷ୍ଣୁପଦ ସେଠୀଙ୍କ ବାସଭବନରେ ବ୍ରିଜ୍ ଆଣ୍ଡ ରୁଫ୍ ଲାଞ୍ଚ କାରବାର ମାମଲାରେ ସିବିଆଇ ଚଢ଼ଉ କରିଥିଲା। ଉପରୋକ୍ତ ଲାଞ୍ଚ କାରବାର ଘଟଣାରେ ତାଙ୍କ ବିରୋଧରେ କୌଣସି ଏତଲା ନଥିବା ବେଳେ ସିବିଆଇ ପକ୍ଷରୁ ତାଙ୍କ ଘରେ ବେଆଇନ ଭାବେ ଚଢ଼ଉକୁ ବିରୋଧ କରି ଶ୍ରୀ ସେଠୀ ଓ ପରିବାର ସଦସ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ରେଭେନ୍ସାରେ ମହିଳାଙ୍କୁ ସନ୍ଧ୍ୟା ପର ରହଣି ବାରଣ ପ୍ରସଙ୍ଗ

## ରାଜ୍ୟ ସରକାରଙ୍କ ମହିଳା ସ୍ୱାଧୀନତା ବିରୋଧୀ ମନୋଭାବର ପରିପ୍ରକାଶ: ବିଜେଡି

ଭୁବନେଶ୍ୱର, ୧୮।୭ (ସମିସ): ମହିଳାମାନେ ସନ୍ଧ୍ୟା ୫.୩୦ ପରେ କାର୍ଯ୍ୟସ୍ଥଳୀରେ ରହିପାରିବେ ନାହିଁ ବୋଲି ରେଭେନ୍ସା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏକ ନିର୍ଦ୍ଦେଶନାମା ପ୍ରକାଶ କରିଥିଲେ। ନିର୍ଦ୍ଦେଶନାମା ପ୍ରକାଶ ପାଇବାର କିଛି ସମୟ ପରେ ଏହାକୁ ପ୍ରତ୍ୟାହାର କରିନିଆଯାଇଥିଲା। ଏହାକୁ ନେଇ ବିଜୁ ଜନତା ଦଳ ସରକାରଙ୍କ ମହିଳାଙ୍କ ସ୍ୱାଧୀନତା ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇ ତୀବ୍ର ସମାଲୋଚନା କରିଛି।

**ବିଶ୍ୱବିଦ୍ୟାଳୟ ଇତିହାସରେ ଏକ କଳଙ୍କମୟ ଅଧ୍ୟାୟ**

**ରାଜ୍ୟରେ ମହିଳା ଅସୁରକ୍ଷିତ ଥିବାର ଏକ ସ୍ୱୀକାରୋକ୍ତି**

**ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଦାବି**

ଶଙ୍ଖ ଭବନଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି, ମହିଳାଙ୍କୁ ସ୍ୱାଧୀନତା ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଏହି ବିଜ୍ଞପ୍ତିରୁ ସ୍ପଷ୍ଟ ହେଉଛି। ରାଜ୍ୟରେ ମହିଳାମାନଙ୍କ ଉପରେ ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଇଚାଲିଥିବା ବେଳେ ରାଜ୍ୟ ସରକାର ମହିଳାମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବାର ଏହା ଏକ ପ୍ରମାଣ ଭାବେ ଉଭା ହୋଇଛି। ଏହି ବିଜ୍ଞପ୍ତି ରାଜ୍ୟ ସରକାରଙ୍କ ମହିଳା ସ୍ୱାଧୀନତା ବିରୋଧୀ ମନୋଭାବକୁ ଦର୍ଶାଇଛି ବୋଲି ଡଃ ମହାନ୍ତି କହିଛନ୍ତି।

ସେ କହିଛନ୍ତି ଯେ ଏହି ବିଜ୍ଞପ୍ତି ଜରିଆରେ ମହିଳାଙ୍କ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇବା ଉଦ୍ୟମ ରେଭେନ୍ସା ଭଳି ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଇତିହାସରେ ସବୁଦିନ ପାଇଁ ଏକ କଳଙ୍କମୟ ଅଧ୍ୟାୟ ହୋଇ ରହିବ। ବିଜେପି ସରକାରଙ୍କ ଶାସନରେ ଆସିଥିବା ଏହି ବିଜ୍ଞପ୍ତି ଓଡ଼ିଶା ପାଇଁ ଆଉଥରେ ଲଜ୍ଜା ଓ ନିନ୍ଦା ଆଣିଛି। ଏହି ବିଜ୍ଞପ୍ତିକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଏହାକୁ ପ୍ରତ୍ୟାହାର କରି ଦିଆଯାଇଥିଲା। ଏଭଳି ତାଲିବାନୀ ବିଜ୍ଞପ୍ତି କିଭଳି ଭାବେ ପ୍ରକାଶ ପାଇଲା, ସେ ସଂପର୍କରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ସ୍ପଷ୍ଟୀକରଣ ରଖିବା ପାଇଁ ବିଜେଡି ଦାବି କରୁଛି। ଏହାଛଡ଼ା ରେଭେନ୍ସା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କ ସ୍ୱାକ୍ଷରରେ ଏହି ବିଜ୍ଞପ୍ତି ପ୍ରକାଶ ପାଇଥିବାରୁ, ତୁରନ୍ତ ତାଙ୍କୁ ନିଲମ୍ବନ କରିବା ପାଇଁ ଡଃ ମହାନ୍ତି ଦାବି କରିଛନ୍ତି।

### ଜି.ଏମ୍ ବିଶ୍ୱବିଦ୍ୟାଳୟରେ ଛାତ୍ରୀଙ୍କୁ ଦୁଷ୍କର୍ମ ଘଟଣା

## ନିଯୁକ୍ତି ବେଳେ ବିବାଦୀୟ ଥିଲେ ଗୋପୀକାନ୍ତ

ସମ୍ବଲପୁର, ୧୮।୭ (ସମିସ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଛାତ୍ରୀଙ୍କୁ ଦୁଷ୍କର୍ମ କରି ଜେଲ୍ ଯାଇଥିବା ଏଜୁକେସନ୍ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଗୋପୀକାନ୍ତ ସୁନା ନିଯୁକ୍ତି ସମୟରେ ମଧ୍ୟ ବିବାଦୀୟ ଥିବା ସୂଚନା ମିଳିଛି। ତଞ୍ଚକତା କରି ଗୋପୀକାନ୍ତ ସୁନା ଚାକିରି

**ତଞ୍ଚକତା କରି ଚାକିରି ହାତେଇଥିବା ନେଇ ହୋଇଥିଲା ଅଭିଯୋଗ**

ହାତେଇଥିବା ନେଇ ହାଇକୋର୍ଟରେ ମାମଲା ଦାୟର ହୋଇଥିଲା। ଗୋପୀକାନ୍ତ ମେରିଟ୍ ଲିଷ୍ଟରେ ପଛରେ ରହିବା କଥା। ହେଲେ ତଞ୍ଚକତା କରି ସେ ଚାକିରି ହାତେଇଥିବା ଅଭିଯୋଗ କରି ମାମଲା ଦାୟର କରିଥିଲେ। ଏଥିରେ ସେ ବିଶ୍ୱବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର୍, ଓଡ଼ିଶା ସରକାର ଓ ଗୋପୀକାନ୍ତଙ୍କୁ ପକ୍ଷଭୁକ୍ତ କରିଥିଲେ। ଏହି ଘଟଣା ପଦାକୁ ଆସିବା ପରେ ପ୍ରଫେସର୍ ସୁନାଙ୍କ କଳା କାରନାମାର ଆଉ ଏକ ଗୁମର ସାମ୍ନାକୁ ଆସିଛି।

ସୂଚନାନୁସାରେ, ସମ୍ବଲପୁର ଜିଏମ୍ ବିଶ୍ୱବିଦ୍ୟାଳୟ ଏଜୁକେସନ ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ପାଇଁ ପଦ ବାହାରିଥିଲା। ସେଥିରେ ଗୋପୀକାନ୍ତ, ଡ. ଶମ୍ଭୁଶଙ୍କର ଦୀପଙ୍କ ସମେତ ଆଉ କିଛି ଆଶାୟୀ ଆବେଦନ କରିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର୍ ପଦ ପାଇଁ ନେଟ୍ କିମ୍ବା ପିଏଚ୍‌ଡି ଆବଶ୍ୟକ ରହିଥିଲା। ତେବେ ଗୋପୀକାନ୍ତ ନେଟ୍ ଯୋଗ୍ୟତା ହାସଲ କରିଥିବା ବେଳେ ଶମ୍ଭୁଶଙ୍କରଙ୍କର ପିଏଚ୍‌ଡି ଡିଗ୍ରୀ ରହିଥିଲା। ତେବେ ଶମ୍ଭୁଙ୍କ ବଦଳରେ ଗୋପୀକାନ୍ତଙ୍କୁ ଚୟନ କରିଥିଲା ବିଶ୍ୱବିଦ୍ୟାଳୟ। ଯାହାକୁ ନେଇ ୨୦୨୦ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ନ୍ୟାୟ ଭିକ୍ଷା କରିଥିଲେ। ସେହି ମାମଲାର ଶୁଣାଣି ସରିଛି। ହେଲେ ଏ ବାବଦରେ ଜାଣି ନ ଥିବା କହିଛନ୍ତି ଉପକୁଳସଚିବ ଡ. ଉମାଚରଣ ପତି। ଏହା ପୂର୍ବ କୁଳପତି ଓ ରେଜିଷ୍ଟ୍ରାର୍ ସମୟର ଘଟଣା ବୋଲି ସେ କହିଛନ୍ତି। ସେହି ସମୟରେ ନିଯୁକ୍ତି ସ୍ୱଚ୍ଛତା ଅବଲମ୍ବନ ହୋଇଥିଲା। ଉଭୟ ପିଏଚ୍‌ଡି ଓ ନେଟ୍ ଯୋଗ୍ୟତା ହାସଲ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ଯିଏ ପରୀକ୍ଷାରେ ଭଲ କରିବ ସେ ଚାକିରି ପାଏ ଓ ତାହା ସିଲେକ୍ସନ କମିଟି ନିଷ୍ପତ୍ତି ନିଏ ବୋଲି ଡ. ପତି କହିଛନ୍ତି।

## ଜିଏମ୍‌ୟୁରେ ଆଇସିସିର ଗୁରୁତ୍ୱପୂର୍ଣ୍ଣ ବୈଠକ

ସମ୍ବଲପୁର, ୧୮।୭ (ସମିସ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଦୀର୍ଘ ଦିନ ଧରି ଅଧ୍ୟାପକ ଯୌନ ଶୋଷଣ କରୁଥିବା ଘଟଣା ପ୍ରସାରିତ ହେବା ପରେ ଶୁକ୍ରବାର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ କରାଯାଇଛି। ଛାତ୍ରୀଙ୍କୁ ଯୌନଶୋଷଣ ଘଟଣାର ପୁନରାବୃତ୍ତି ନହେଉ, ସମସ୍ତେ ଆଇସିସି ଉପରେ ବିଶ୍ୱାସ ଜନ୍ମାଇ ନିଜର ସମସ୍ୟା ଜଣାନ୍ତୁ, ଏହି କମିଟି ଘଟଣାକୁ ଗୋପନୀୟତା ରଖି ଅଭିଯୋଗକୁ ସମାଧାନ କରିଥାଏ; ଏହିପରି ଅନେକ ବିଷୟରେ ବୈଠକରେ ଆଲୋଚନା ହୋଇଥିବା ଆଇସିସି ଅଧ୍ୟକ୍ଷ ମୋନାଲିସା ମହାପାତ୍ର କହିଛନ୍ତି। ନାମଲେଖା ଚାଲୁଥିବା ବେଳେ ନୂତନ ପିଲା କିପରି ଏହି କମିଟି ବିଷୟରେ ଜାଣି ସଚେତନ ହେବେ, ତାହା ମଧ୍ୟ ଆଲୋଚନା ହୋଇଥିଲା। ଆସନ୍ତା ସପ୍ତାହରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କୁ ସଚେତନ କରିବା ନେଇ କର୍ମଶାଳା ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି।

## ବଢ଼ିଲା ଜଳସ୍ତର: ଆଉ ଦୁଇଟି ଗେଟ୍ ଖୋଲିଲା ହୀରାକୁଦ

ସମ୍ବଲପୁର, ୧୮।୭ (ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ପୁଣି ବୃଦ୍ଧି ପାଇ ଆଜି ୬୧୦.୫୨ ଫୁଟ୍‌ରେ ପହଞ୍ଚିଥିବା ବେଳେ ଜଳଭଣ୍ଡାର କର୍ତ୍ତୃପକ୍ଷ ଆଉ ୨ଟି ଗେଟ୍ ଖୋଲିଛନ୍ତି। ଫଳରେ, ବର୍ତ୍ତମାନ ୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଗତ ୬ ତାରିଖରେ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଇଥିଲା। କିନ୍ତୁ କ୍ରମଶଃ ଜଳଭଣ୍ଡାରର ଜଳସ୍ତର କମିବାରୁ ପର୍ଯ୍ୟାୟକ୍ରମେ ଗେଟ୍‌ଗୁଡ଼ିକୁ ବନ୍ଦ କରାଯାଇଥିଲା। ଗତକାଲି ସୁଦ୍ଧା ମାତ୍ର ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଥିଲା। ଉଲ୍ଲେଖଯୋଗ୍ୟ ଯେ, ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ।

## ପୂର୍ବ ଶତ୍ରୁତାରୁ ଗଡ଼ିଲା ମୁଣ୍ଡ

କଣାସ, ୧୮।୭ (ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଗଡ଼ିଶାଗୋଦା ଥାନା ହରଷପଡ଼ା ଗ୍ରାମରେ ଗତକାଲି ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟିଛି। ଏଥିରେ କେଶବ ଦଳେଇ (୫୫)ଙ୍କର ମୃତ୍ୟୁ ହୋଇଛି। ସୂଚନାନୁଯାୟୀ, ରାତି ପ୍ରାୟ ୧୦ଟାରେ ଏହି ଗଣ୍ଡଗୋଳ ଘଟିଥିଲା। ଗଣ୍ଡଗୋଳ ପରେ କେଶବ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ପରିବାରଲୋକେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗଡ଼ିଶାଗୋଦା ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। କେଶବଙ୍କ ପତ୍ନୀ ସଜନୀ ଦଳେଇଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମୀଙ୍କୁ ବାବୁଲି ବିଶ୍ୱାଳ, ଗୌରାଙ୍ଗ ବିଶ୍ୱାଳ, ଚୈତନ୍ୟ ବିଶ୍ୱାଳ, ରମେଶ ବିଶ୍ୱାଳ, ନିରୁ ବିଶ୍ୱାଳ, ଦିଲ୍ଲୀପ ବିଶ୍ୱାଳ ହତ୍ୟା କରିଛନ୍ତି। ଏହି ଘଟଣାରେ ପୁଲିସ୍ ୨ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

### କଂଗ୍ରେସ ରାଜନୈତିକ ବ୍ୟାପାର କମିଟି ବୈଠକ

# ବନ୍ଦ ପରେ ବଡ଼ ସମାବେଶ ଯୋଜନା

ଭୁବନେଶ୍ୱର, ୧୮।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ଘଟଣାରେ କଂଗ୍ରେସ କେବଳ ଓଡ଼ିଶା ବନ୍ଦ କରି ଚୁପ୍ ବସି ରହିବନି। ଏହି

**୨ ମାସ ମଧ୍ୟରେ ସରିବ ବ୍ଲକ୍ ଓ ଜୋନ୍ ସ୍ତରୀୟ କମିଟି ଗଠନ**



ପ୍ରସଙ୍ଗରେ ସରକାରଙ୍କୁ ଘେରିବା ପାଇଁ ଦଳ ବିଧାନସଭାରେ ସ୍ୱର ଶାଣିତ କରିବା ସହ ଜିଲ୍ଲାସ୍ତରରେ ମଧ୍ୟ ସମାବେଶ କରି ଲୋକଙ୍କୁ ଜାଗ୍ରତ କରିବ। ଏହି ସମାବେଶଗୁଡ଼ିକରେ ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଘଟଣା ସହିତ ରାଜ୍ୟରେ ବଢ଼ୁଥିବା ନାରୀ ହିଂସା, ବେକାରୀ, ଦରଦାମ ବୃଦ୍ଧି ଭଳି ପ୍ରସଙ୍ଗରେ ମଧ୍ୟ ଦଳ ଗର୍ଜନ କରିବ। ଶୁକ୍ରବାର ଓଡ଼ିଶା ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ କଂଗ୍ରେସର ରାଜନୈତିକ ବ୍ୟାପାର କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଅତିକମ୍‌ରେ ୬ଟି ସମାବେଶ କରିବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରଥମ ସମାବେଶ ଆସନ୍ତା ୨୫ ତାରିଖ ପରେ ବାଲେଶ୍ୱରରେ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି।

ସେହିପରି ଆସନ୍ତା ଦୁଇ ମାସ ମଧ୍ୟରେ କଂଗ୍ରେସ ଦଳ ବ୍ଲକ୍ ଓ ଜୋନ୍‌ସ୍ତରୀୟ କମିଟି ଗଠନ କରିବା ସହ ସଭାପତି ଚୟନ ପ୍ରକ୍ରିୟା ଶେଷ କରିବାକୁ ବୈଠକରେ ଆଲୋଚନା ହୋଇଛି। ଏହି କାମ ସହ 'ସଂଗଠନ ସୃଜନ' ମାଧ୍ୟମରେ ଏଆଇସିସି ଜିଲ୍ଲା ସଭାପତି ବାଛିବ ବୋଲି ହୋଇଥିବା ନିଷ୍ପତ୍ତିକୁ ବୈଠକରେ ସବୁଜ ସଂକେତ ମିଳିଛି। ଯେଉଁ ସ୍ଥାନରେ ସମାବେଶ ଆୟୋଜନ ହେବ, ସେଠାକୁ ଦଳର ସମସ୍ତ ବରିଷ୍ଠ ନେତାମାନେ ଗସ୍ତ କରିବେ ବୋଲି ନିଷ୍ପତ୍ତି ହୋଇଥିବା ବେଳେ ଦଳ ଏକ ହୋଇ ପ୍ରସଙ୍ଗ ଭିତ୍ତିକ ଲଢ଼େଇକୁ ଜୋର୍‌ଦାର୍ କରିବାକୁ ଆଲୋଚନା ହୋଇଛି। ବୈଠକରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ନିରଞ୍ଜନ ପଟ୍ଟନାୟକ, ଶରତ ପଟ୍ଟନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

■ ଏସ୍‌ସିବି ମେଡିକାଲ

## ଜ୍ୟୋତିପ୍ରକାଶଙ୍କୁ ଭେଟିଲା ଉଚ୍ଚଶିକ୍ଷା ବିଭାଗ ତଦନ୍ତ କମିଟି

କଟକ, ୧୮।୭ (ସମିସ): ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଉଦ୍ୟମ ବେଳେ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରି ଗୁରୁତର ଆହତ ହୋଇଥିବା ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କୁ ଆଜି ଉଚ୍ଚଶିକ୍ଷା ବିଭାଗ ତଦନ୍ତ କମିଟି ଏସ୍‌ସିବି ମେଡିକାଲରେ ଭେଟିଛି। ବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ରଙ୍କ ସମେତ ୩ଜଣ ମହିଳା ଅଧିକାରୀ ବଡ଼ ମେଡିକାଲ ଆସିଥିବା ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି। ବର୍ଣ୍ଣ ୟୁନିଟ୍ ଆଇସିୟୁରେ ଚିକିତ୍ସିତ ହେଉଥିବା ଜ୍ୟୋତିପ୍ରକାଶଙ୍କୁ ଏକ ଘଣ୍ଟା ଧରି ବିଭିନ୍ନ ପ୍ରସଙ୍ଗରେ ପଚରାଉଚରା କରାଯାଇଥିଲା। ଜ୍ୟୋତିପ୍ରକାଶଙ୍କୁ ଭେଟିବା ପରେ ଉକ୍ତ କମିଟି ବାଲେଶ୍ୱର ଅଭିମୁଖେ ଯାଇଥିଲା। ସୂଚନାଯୋଗ୍ୟ, ଜ୍ୟୋତିପ୍ରକାଶଙ୍କ ଦୁଇଟି ହାତ, ବାହୁ ଓ ମୁହଁ ପୋଡ଼ିଛି। ତାଙ୍କର ଶ୍ୱାସନଳୀ ମଧ୍ୟ ସାମାନ୍ୟ ପୋଡ଼ି ହୋଇଛି। ସ୍ପାଇରୋମିଟ୍ରି ଏକ୍ସରସାଇଜ କରାଯାଉଥିବା ବେଳେ ହାତର ସ୍କିନ ଗ୍ରାଫଟିଂ ହେବ ବୋଲି ଏସ୍‌ସିବି ଡାକ୍ତର କହିଛନ୍ତି। ଗୁରୁବାର କ୍ରାଇମବ୍ରାଞ୍ଚର ଏକ ଟିମ୍ ବଡ଼ ମେଡିକାଲ ଆସି ପ୍ରାୟ ୩ଘଣ୍ଟା ଧରି ପଚରାଉଚରା କରି ଫେରିଥିଲା। ଅନ୍ୟପକ୍ଷରେ ଜ୍ୟୋତିପ୍ରକାଶଙ୍କ ବାପା ସନାତନ କହିଛନ୍ତି ଯେ ପୁଅର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଛି। ସରକାରଙ୍କ ପକ୍ଷରୁ ସହାୟତା ଦିଆଯିବ ବୋଲି କୁହାଯାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ସହାୟତା ମିଳିନାହିଁ ବୋଲି ସେ ଜଣାଇଛନ୍ତି।

# ସମ୍ପାଦକୀୟ



ପୁରାଣ ଓ କିମ୍ବଦନ୍ତୀ ଆମ ପରିଚୟର ଅଂଶ ଓ ଅସ୍ତିତ୍ୱର ଆଧାର
-ସୁଧାମୂର୍ତ୍ତି

ସକାଳ
THE SAKALA

## ଅସ୍ଥିର ବିଶ୍ୱ

ରୁଷ ଓ ୟୁକ୍ରେନ ଯୁଦ୍ଧ ଆମେରିକା ଓ ନାଟୋ ସହଯୋଗୀଙ୍କ ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି। ସମସ୍ତ ସାମରିକ ସହଯୋଗ ସତ୍ତ୍ୱେ ୟୁକ୍ରେନର ପ୍ରତିରୋଧ ଶକ୍ତି ଦିନକୁ ଦିନ ଊଣା ହେଉଛି। ଅପରପକ୍ଷରେ ରୁଷର ପ୍ରତିପତ୍ତି ଓ ସାମର୍ଥ୍ୟ ବୃଦ୍ଧି ପାଉଛି। ରୁଷ-ୟୁକ୍ରେନ ଶାନ୍ତି ପ୍ରତିଷ୍ଠା ବା ବୁଝାମଣା ସକାଶେ ଟ୍ରମ୍ପଙ୍କ ପକ୍ଷରୁ ହେଉଥିବା ଉଦ୍ୟମରୁ କୌଣସି ସୁଫଳ ମିଳୁନି। ଆମେରିକା ଓ ନାଟୋ ରୁଷ-ୟୁକ୍ରେନ ଯୁଦ୍ଧରେ କେବଳ ପରାଜିତ ନୁହନ୍ତି, ରୁଷର ପ୍ରାଧାନ୍ୟ ସେମାନଙ୍କ ପାଇଁ ଅସହ୍ୟ ହୋଇପଡ଼ିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେଣୁ ଆମେରିକା ଓ ନାଟୋ ସହଯୋଗୀମାନେ ବିଚଳିତ ହେବା ସ୍ୱାଭାବିକ। ଏହି ପୃଷ୍ଠଭୂମିରେ ପରିବର୍ତ୍ତିତ ରଣନୀତି ଅନୁଯାୟୀ ଆର୍ଥିକ ଦୃଷ୍ଟିରୁ ରୁଷକୁ ଦୁର୍ବଳ କରିବାର ଯୋଜନା ପ୍ରସ୍ତୁତ ହୋଇଛି। ବିଭିନ୍ନ ଆର୍ଥିକ ପ୍ରତିବନ୍ଧକ ଲଗାଇ ରୁଷକୁ ଜବତ କରିବାକୁ ନାଟୋ ଚାହୁଁଛି। ଆମେରିକାର ସିନେଟରେ ମଧ୍ୟ ଏହା ଆଲୋଚନା ପରିସରକୁ ଆସିଛି। ଏହି ପ୍ରସ୍ତାବକୁ ୮୪ ସିନେଟର ସମର୍ଥନ କରିଥିବାରୁ ତାହା ଖୁବ୍ ଶୀଘ୍ର ଅନୁମୋଦନ ଲାଭ କରିବ ବୋଲି ଅନୁମାନ କରାଯାଉଛି। ଆହୁରି ମଧ୍ୟ ରୁଷ ସହ ବାଣିଜ୍ୟ ସଂପର୍କ ରଖୁଥିବା ରାଷ୍ଟ୍ର ବିରୋଧରେ ୫୦୦ % ଟାରିଫ ଲାଗୁ କରିବାକୁ ଆମେରିକା ଧମକ ଦେଇଛି। ବିଶେଷକରି ରୁଷରୁ ତୈଳ ଓ ଗ୍ୟାସ ସଂଗ୍ରହ କରୁଥିବା ଭାରତ, ଚୀନ ଓ ବ୍ରାଜିଲ ବିରୋଧରେ ୧୦୦ ପ୍ରତିଶତ ଟାରିଫ ଲାଗୁ କରିବାକୁ ନାଟୋର ସଚିବ ମାର୍କରୁଟ୍ ଧମକ ଦେଇଛନ୍ତି। ପରୋକ୍ଷରେ ରୁଷ ସହ ବାଣିଜ୍ୟ କାରବାର ରଦ୍ଦ କରିବାକୁ ଏହାକୁ ଏକ ଚେତାବନୀ ରୂପେ ଗ୍ରହଣ କରାଯାଇପାରେ।

ଇତିମଧ୍ୟରେ ଯୁଦ୍ଧ ସମାପ୍ତି ପ୍ରସଙ୍ଗରେ କୌଣସି ବୁଝାମଣାରେ ଉପନୀତ ହେବା ପାଇଁ ରାଷ୍ଟ୍ରପତି ଟ୍ରମ୍ପଙ୍କ ପକ୍ଷରୁ ରୁଷକୁ ୫୦ ଦିନ ସମୟ ଦିଆଯାଇଛି। କୂଟନୈତିକ ପର୍ଯ୍ୟବେକ୍ଷକ ମନେ କରନ୍ତି ଯେ ବ୍ରିକ୍ସ ସମ୍ମିଳନୀରେ ଗୃହୀତ ମିଳିତ ପ୍ରସ୍ତାବ ଟ୍ରମ୍ପଙ୍କୁ କ୍ଷୁବ୍ଧ କରିଛି। ଆଗକୁ ରୁଷ, ଚୀନ ଓ ଭାରତ ମଧ୍ୟରେ ସୁସଂପର୍କ ପ୍ରତିଷ୍ଠାର ପଥ ପରିଷ୍କାର ହେବାକୁ ଯାଉଥିବା ପାଶ୍ଚାତ୍ୟ ରାଷ୍ଟ୍ରଗୋଷ୍ଠୀ ଅନୁମାନ କରୁଛନ୍ତି। ଏହି ତିନି ରାଷ୍ଟ୍ର ମଧ୍ୟରେ ନବେ ଦଶକରେ ଆର୍ଥିକ, ସାମରିକ ଓ ରାଜନୈତିକ ସଂପର୍କ ସୁଦୃଢ଼ କରିବା ପାଇଁ ଆରମ୍ଭ ହୋଇଥିବା 'ଆରଆଇସି' ନୂଆ ରୂପ ନେଇ ପାରେ। ବେଜିଂରେ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଚୀନ୍ ପ୍ରତିପକ୍ଷ ଓ ବୈଦେଶିକ ମନ୍ତ୍ରୀଙ୍କ ସହିତ ସ୍ୱତନ୍ତ୍ର ସାକ୍ଷାତ ଆଲୋଚନା ଏବଂ ନିକଟରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ଚୀନ୍ ରାଷ୍ଟ୍ରପତି ସି.ଜିନପିଙ୍ଗଙ୍କ ସହ ଆଲୋଚନା ଏଥିଲାଗି ପାଶ୍ଚାତ୍ୟ ରାଷ୍ଟ୍ର ଜଗତରେ ଚର୍ଚ୍ଚାର ଖୋରାକ ଯୋଗାଇଛି।

ଅପରପକ୍ଷରେ ସଂପ୍ରତି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଥିବା ରୁଷ୍ ପୁଣି ଆରଆଇସି ସଂପର୍କ ଗଢ଼ିବା ଉଦ୍ୟମରେ କେତେଦୂର ଆନ୍ତରିକତା ପ୍ରକାଶ କରିବ ସେ ନେଇ ମଧ୍ୟ ସନ୍ଦେହ ରହିଛି। ପୁଣି ଏ କ୍ଷେତ୍ରରେ ପ୍ରମୁଖ ବାଧକ ହେଉଛି ଚୀନ୍‌ର ପରିବର୍ତ୍ତିତ ଭାରତ ବିରୋଧୀ ଆଭିମୁଖ୍ୟ। 'ଅପରେସନ ସିନ୍ଦୂର'ରେ ଚୀନ୍ ପାକିସ୍ତାନକୁ ଉପଗ୍ରହରୁ ସଂଗୃହୀତ ତଥ୍ୟ ଯୋଗାଇବା ସହ ସାମରିକ ସହାୟକ ମଧ୍ୟ ଯୋଗାଇଛି। ସେହିଭଳି ନିଜର ୬୨ ବିଲିୟନ ଡଲାର ମୂଲ୍ୟର ମହତାକାଂକ୍ଷୀ ଯୋଜନାକୁ ସାକାର କରିବା ସକାଶେ ଅଧିକୃତ କାଶ୍ମୀର ଉପରେ ଭାରତର ଦାବିକୁ ପ୍ରତିହତ କରିବା ସହ ଅକ୍ସାଇ ଚୀନକୁ ଦଖଲ ମଧ୍ୟ କରିଛି। ଭାରତର ଶକ୍ତି, ସାମର୍ଥ୍ୟ ଓ ସମୃଦ୍ଧିର ଗତିରୋଧ କରିବାରେ ଚୀନର ନାକାରାତ୍ମକ ଭୂମିକା ବିଶ୍ୱବାସୀଙ୍କୁ ବେଶ୍ ଜଣା। ଭାରତର ସମସ୍ତ ପଡ଼ୋଶୀ ରାଷ୍ଟ୍ରଙ୍କୁ ନିଜ ଅକ୍ତିଆରରେ ରଖି ଚୀନ ସେମାନଙ୍କୁ ନିଜ ସ୍ୱାର୍ଥ ରକ୍ଷା ସକାଶେ ପ୍ରୟୋଗ କରିଚାଲିଛି। ସି.ଜିନପିଙ୍ଗଙ୍କ ସହ ଆମ ବୈଦେଶିକ ମନ୍ତ୍ରୀଙ୍କ ସାକ୍ଷାତ ଓ ଆଲୋଚନାରୁ ସେଭଳି କିଛି ଅନୁକୂଳ ସଂପର୍କ ନେଇ ବାର୍ତ୍ତା ମଧ୍ୟ ମିଳିନାହିଁ। ଏଥିପୂର୍ବରୁ ମଧ୍ୟ ଏକାଧିକ ଥର ମୋଦୀ-ଜିନପିଙ୍ଗ ଭେଟ ହୋଇଛି, କିନ୍ତୁ ଚୀନ୍‌ର ଆଭିମୁଖ୍ୟ ଅପରିବର୍ତ୍ତିତ ରହିଛି। ତେଣୁ ଆରଆଇସିର ପୁନଃଗଠନ ଏତେ ସହଜ ନୁହେଁ ବୋଲି ଅନୁମାନ କରାଯାଉଛି।

ଏଭଳି ଅସ୍ଥିର ବିଶ୍ୱରେ ଭାରତ ପାଇଁ କିନ୍ତୁ ଏକ ବଡ଼ ଆଶ୍ୱାସନାର ବିଷୟ ହେଲା ଏହାର ବିଶାଳ ବଜାର ବ୍ୟବସ୍ଥା। ବଜାର ଅର୍ଥନୀତି ଆଉ ମୁକ୍ତ ନୁହେଁ। ବିଶ୍ୱବାଣିଜ୍ୟ ସଂଗଠନ ଭୂମିକା ଦିନକୁ ଦିନ କ୍ଷୁର୍ଣ୍ଣ ହେଉଛି। ଏସବୁ ସତ୍ତ୍ୱେ ୧୪୬ କୋଟି ଲୋକସଂଖ୍ୟା ବିଶିଷ୍ଟ ଭାରତର ବୃହତ ବଜାର ତାହାର ପ୍ରାଧାନ୍ୟ ହରାଇନି। ବଜାର ଯେଉଁଠି ଅଛି ସେଠାରେ ବିପଣନ ହେବ। ତେଣୁ ନିଜ ନଜର ବ୍ୟବସାୟିକ ସ୍ୱାର୍ଥରକ୍ଷା ସକାଶେ ମେଣ୍ଟ ଓ ଗୋଷ୍ଠୀ ନିର୍ବିଶେଷରେ ସେମାନେ ଆମ ସହ ସଂପର୍କ ରକ୍ଷା କରିବେ। ସମୟ ଓ ସୁବିଧାକୁ ଅପେକ୍ଷା କରିବା ହେଉଛି ବୁଦ୍ଧିମାନର କାମ। ସେହିଭଳି ରୁଷର ଅଶୋଧିତ ତୈଳ ଓ ଗ୍ୟାସ ଆମଦାନୀ ନ କଲେ ଯେ ଭାରତ ବଡ଼ ଧରଣର କ୍ଷତି ସହିବ ଏକଥା ନୁହେଁ। ଏଥିମଧ୍ୟରେ ଓପେକ୍ ରାଷ୍ଟ୍ରସମୂହ ତୈଳ ଉତ୍ପାଦନ ବଢ଼ାଇଛନ୍ତି। ଏହାର ପ୍ରଭାବରେ ରୁଷ ମଧ୍ୟ ରିହାତି ଘୋଷଣା କରିଛି। ଭାରତ ସେଭଳି ଚାପର ସମ୍ମୁଖୀନ ହେଲେ ୟୁଏଇ କିମ୍ବା ମଧ୍ୟପ୍ରାଚ୍ୟରୁ ତୈଳ ଆମଦାନୀ କରିପାରେ। ଏହାଛଡ଼ା ଭାରତ ପାଇଁ ଆଉ ଏକ ଆଶ୍ୱାସନାର ବିଷୟ ହେଉଛି ଆମେରିକାରେ ପ୍ରବାସୀ ଭାରତୀୟଙ୍କ ଲବି। ଟ୍ରମ୍ପଙ୍କ ଅସ୍ଥିର ମତିଗତି ଭାରତ ପାଇଁ କେତେକାଂଶରେ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଥିଲେ ମଧ୍ୟ ହଠାତ୍ ଦିଗ ବଦଳାଇବାର ସମ୍ଭାବନା କମ୍। କାରଣ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଓ ପ୍ରତିଷ୍ଠା ଅର୍ଜନ କରିଥିବା ଭାରତୀୟଙ୍କ ଆମେରିକାରେ ପ୍ରଭାବଶାଳୀ ଲବି ରହିଛି। ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱ ଅମଳରେ ପୋଖରାନ୍ ଆଣବିକ ପରୀକ୍ଷାଣକୁ ନେଇ ଉପୁଜିଥିବା ବିବାଦୀୟ ପରିସ୍ଥିତିର ସମାଧାନ ସେହି ପ୍ରବାସୀ ଭାରତୀୟଙ୍କ ଲବି ଯୋଗୁଁ ହୋଇପାରିଥିଲା। ତେଣୁ ଟ୍ରମ୍ପଙ୍କ ୪ ବର୍ଷର ଶାସନ ଶେଷକଥା ନୁହେଁ। ଆମେରିକା ସହିତ ସଂପର୍କକୁ ଆହୁରି ସୁଦୃଢ଼ କରିବାର ଆହ୍ୱାନ ହିଁ ବଡ଼ କଥା।

ଏବେ ବିଶ୍ୱ ଏକ ବିଚିତ୍ର ପରିସ୍ଥିତି ଦେଇ ଗତି କରୁଛି। ରୁଷ-ୟୁକେନ୍ ଯୁଦ୍ଧ ସମାପ୍ତ ପାଇଁ ଯେଉଁ ତତ୍ପରତା ପ୍ରକାଶ ପାଇଛି, ତାହା ଗାଜାରେ ଇସ୍ରାଏଲ କରୁଥିବା ନରସଂହାର କ୍ଷେତ୍ରରେ ଦେଖିବାକୁ ମିଳୁନି। ସେହିଭଳି ଇସ୍ରାଏଲ ଅଘୋଷିତ ଆଣବିକ ଅସ୍ତ୍ର ମହଜୁଦ୍ ରଖିଥିବା ବେଳେ ଇରାନ ନାଲି ଆଖିର ସମ୍ମୁଖୀନ ହେଉଛି? ନେତାନ୍ୟାହୁ ଓ ଟ୍ରମ୍ପଙ୍କ ସଂପର୍କର ଅର୍ଗଳିରେ ଏସବୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଓ ପ୍ରସଙ୍ଗ ନିଷ୍ପ୍ରଭ ହୋଇପଡୁଛି। ଇହୁଦୀଙ୍କ ପ୍ରାଧାନ୍ୟ ଓ ପତିଆରା ନିକଟରେ ଆମେରିକାର କ୍ଷମତା ଲବି ନିଷ୍ପ୍ରଭ କି? ଏହି ପ୍ରଶ୍ନ ମଧ୍ୟ ଉଠୁଛି, ଯାହାର ଗୂଢ଼ ରହସ୍ୟ ଆଜି ନହେଲେ ମଧ୍ୟ କାଲି ଉନ୍ମୋଚନ ହେବ। ଇତିମଧ୍ୟରେ ନାଟୋଠାରୁ ଦୂରେଇ ଯାଇଥିବା ଟ୍ରମ୍ପ ଏବେ ବ୍ରିକ୍ସର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବକୁ ପ୍ରତିହତ କରିବା ପାଇଁ ପୁଣି ଥରେ ସଂଗଠନକୁ କୋଳେଇ ନେବାକୁ ଉଦ୍ୟତ ହେଉଛନ୍ତି। ହୁଏତ ତା'ଭିତରେ ପୁଣି ଆଉ ଏକ ସମୀକରଣ ସୃଷ୍ଟି ହୋଇପାରେ। ଆଞ୍ଚଳିକ ସ୍ୱାର୍ଥ ଓ ପ୍ରସଙ୍ଗ ଭିତ୍ତିରେ ବିଭିନ୍ନ ଆଞ୍ଚଳିକ ଓ ବହୁପାକ୍ଷିକ ସଂଗଠନର ପୁନର୍ଗଠନ, ଜନ୍ମ ଓ ବିଲୟର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦେଇ ହେବ ନାହିଁ। ତେଣୁ ଅସ୍ଥିର ବିଶ୍ୱରେ ସମୟର ଆହ୍ୱାନକୁ ପ୍ରତିହତ କରିବା ପାଇଁ ଭାରତ ନିଜେ ହିଁ ନିଜକୁ ମୁକୁଳାଇବାର ବାଟ ଖୋଜିବାକୁ ପଡ଼ିବ। ●

# ପାଣିପାଗ ପ୍ରାକ୍‌ସୂଚନା କେତେ ଜରୁରୀ

ଡ.ମାନସ ରଞ୍ଜନ ଶତପଥୀ



ଓଡ଼ିଶାରେ ଦୁଇ-ତୃତୀୟାଂଶରୁ ଅଧିକ ଚାଷଜମି ଜଳସେଚନ ରହିତ। ତେଣୁ ଏଠାର ଚାଷୀକୁଳ ମୌସୁମୀ ବର୍ଷା ଉପରେ ବିଶେଷ ନିର୍ଭରଶୀଳ। ଏ ଦିଗରେ ସଠିକ ପାଣିପାଗ ସମ୍ବନ୍ଧୀୟ ପ୍ରାକ୍‌ସୂଚନା ସହାୟକ ହୋଇଥାଏ। ପାଣିପାଗ ବିଭାଗ ଆଜିକାଲି ନିୟମିତ ଭାବେ ଜନସାଧାରଣଙ୍କ ସୁବିଧା ଓ ସତର୍କତା ପାଇଁ ପ୍ରାକ ସୂଚନା ଦେଉଛି, ଯେଉଁଥିରେ ମୌସୁମୀ ବର୍ଷା, ଖରା, ଶୀତ, ଲଘୁଚାପ, ଅଦିନିଆ ବର୍ଷା, ବାତ୍ୟା, ଘଡ଼ଘଡ଼ି ଓ ବିଜୁଳି ସମ୍ପର୍କିତ ଖବର ଅନ୍ତର୍ଭୁକ୍ତ। ଏସବୁ ଖବର ଟିଭି, ରେଡିଓ ସହିତ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ତରଫରୁ ମୋବାଇଲରେ ମେସେଜ ପହଞ୍ଚୁଛି। ଏପରି ପାଣିପାଗର ପ୍ରାକ ସୂଚନା କୃଷି କାର୍ଯ୍ୟ ସହିତ ଶସ୍ୟ ଅମଳ, ଗସ୍ତ ସୂଚୀ, ଗୃହ ନିର୍ମାଣ, ଶୁଭ କାର୍ଯ୍ୟ, ଇତ୍ୟାଦି ସମାପନ କରିବାରେ ଜନତାଙ୍କୁ ବିଶେଷ ସହାୟକ ହୋଇଥାଏ। ତଥାପି ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବର୍ଷାରେ ବିଶେଷ ଅନିୟମିତତା ଅପାଠୁଆ ଚାଷୀଙ୍କୁ ହନ୍ତସନ୍ତ କରୁଛି।

ଓଡ଼ିଶା ଉପକୂଳବର୍ତ୍ତୀ ରାଜ୍ୟ ହୋଇଥିବାରୁ ସାଧାରଣ ଭାବେ ପ୍ରାକୃତିକ ବିପତ୍ତି ଯୋଗୁଁ ବିଶେଷ କ୍ଷତିଗ୍ରସ୍ତ ହୋଇଥାଏ। ୧୯୯୯ ମହାବାତ୍ୟାରେ ସଠିକ ପ୍ରାକ ସୂଚନା ଅଭାବରୁ ଅସଂଖ୍ୟ ଜନଜୀବନ ସହ ଅମାପ କ୍ଷତି ହେବା ଅସ୍ୱୀକାର କରାଯାଇ ନ ପାରେ। ସରକାର ଏହାକୁ ହୃଦବୋଧ କରିପାରି କିପରି ବିପର୍ଯ୍ୟୟର ଉଚିତ ମୁକାବିଲା କରିହେବ ସେନେଇ ପରିକଳ୍ପନା କରି ବିଭିନ୍ନ ଜ୍ଞାନୀ ଗୁଣୀ ଏପରିକି ଆଇଆଇଟିର ସହାୟତା ନେଇ ରଣନୀତି ଓ ଖସଡ଼ା ପ୍ରସ୍ତୁତ କରିଥିଲେ। ଏହି କ୍ରମରେ ଅତ୍ୟାଧୁନିକ ଡପ୍‌ଲାର ରାଡାର ୨୦୧୫ ମସିହାରେ ଗୋପାଳପୁର ଓ ପାରାଦ୍ୱୀପ ଠାରେ ପ୍ରତିଷ୍ଠା କରିଥିଲେ। ଏହି ରାଡାର ବିକଶିତ ରାଷ୍ଟ୍ରମାନେ ପାଣିପାଗ ସୂଚନା ପାଇଁ ବ୍ୟବହାର କରୁଥିବା ବେଳେ ଏହାର ବଜାର ଦର ବର୍ତ୍ତମାନ ୧୫ ରୁ ୨୦ କୋଟି ଟଙ୍କା। ବାର୍ଷିକ ଏହାର ରକ୍ଷଣାବେକ୍ଷଣ ଖର୍ଚ୍ଚ ପ୍ରାୟ ୨୦-୪୦ ଲକ୍ଷ ଟଙ୍କା। ଡପ୍‌ଲାର ସୂଚନା ପ୍ରଣାଳୀକୁ ଆହୁରି ମଜବୁତ କରିବା ଉଦ୍ଦେଶ୍ୟରେ ବାଲେଶ୍ୱର ଓ ସମ୍ବଲପୁରଠାରେ ୨୦୨୬ ମସିହା ସୁଦ୍ଧା ଆଉ ଦୁଇଟି ରାଡାର ପ୍ରତିଷ୍ଠା କରିବାକୁ ସରକାରୀ ପ୍ରସ୍ତୁତି ଚାଲୁ ରହିଛି। ଏହାଛଡ଼ା ଓଡ଼ିଶା ସରକାର 'ଓସଡମା ଓ ଓଡ୍ରାଫ' ଭଳି ସଂସ୍ଥା ଯଥାକ୍ରମେ ୧୯୯୯ ଓ ୨୦୦୧ ମସିହାରେ ଗଠନ କରିଛନ୍ତି।

ଡପ୍‌ଲାର ରାଡାର ପ୍ରତିଷ୍ଠା ପରବର୍ତ୍ତୀ ଅବସ୍ଥାରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଚିତ୍ରପଟରେ ବ୍ୟାପକ ପରିବର୍ତ୍ତନ ଆସିପାରିଲା। ଅଧୁନା ସଠିକ ପାଣିପାଗ ପ୍ରାକ୍‌ସୂଚନା ସହିତ ଓସଡମା ଓ ଓଡ୍ରାଫ ସହାୟତା ଯୋଗୁଁ ସରକାର ଫାଇଲିନ, ତିତଲି, ଫନି, ହୁଦହୁଦ, ୟଶ ଭଳି ବାତ୍ୟାରେ ମୃତାହତ ସଂଖ୍ୟା ଶୂନ୍ୟ କରି ପାରିଲେ ଏବଂ ଜାତୀୟ ଅନ୍ତର୍ଜାତୀୟ ସଂସ୍ଥାଙ୍କ ଦ୍ୱାରା ଓଡ଼ିଶା ପୁରସ୍କୃତ ହେଲା। ୧୮୪୦ ମସିହାରେ ଖ୍ରୀଷ୍ଟିଆନ ଡପ୍‌ଲାର ନିଜର ଗବେଷଣା ମାଧ୍ୟମରେ 'ଡପ୍‌ଲାର ପ୍ରଭାବ' ତତ୍ତ୍ୱ ଉଦ୍‌ଭାବନ କରିଥିଲେ, ଯାହାର ନିୟମକୁ ଆଧାର କରି ଡପ୍‌ଲାର ରାଡାର ପରିଚାଳିତ। ଏହି ରାଡାରଗୁଡ଼ିକ ସାଧାରଣ ଭାବେ ସମୁଦ୍ର ମୁହାଁ ହୋଇ ଉପକୂଳରେ ସ୍ଥାପନ ହୁଏ। ଫଳରେ ଏଥିରୁ ନିସୃତ ରେଡିଓ ତରଙ୍ଗ ସମୂହ ସମୁଦ୍ର ଗଭୀରତା ମଧ୍ୟକୁ ଅହର୍ନିଶ ପ୍ରବାହିତ ହେବା ସୁଯୋଗ ସୃଷ୍ଟି ହୁଏ। ଏହି ତରଙ୍ଗଗୁଡ଼ିକ ସମୁଦ୍ର ଗର୍ଭରେ ସୃଷ୍ଟି ହେଉଥିବା ବିଶେଷ ଜଳୀୟକଣା, ଝଡ଼ କିମ୍ବା ବିପରୀତ ପରିସ୍ଥିତି ସଂସ୍ପର୍ଶରେ ଆସିବା କ୍ଷଣି ଏହା ନିଜର ଗତି ଓ ତରଙ୍ଗରେ ବ୍ୟବହାରିକ ତ୍ୱରିତ ବ୍ୟତିକ୍ରମ ଦେଖାଇଥାଏ, ଯାହା ବିଚଳିତ ତରଙ୍ଗ ଆକାରରେ ରାଡ଼ାର ପାଖକୁ ଫେରିଆସେ। ଏହାର ଗୁରୁତ୍ୱ ଓ ଗତିବିଧି ବିଶେଷଜ୍ଞ ମାନେ ବ୍ୟାଖ୍ୟା କରି କେଉଁ ଦିଗରୁ, କେତେ ଦୂରତ୍ୱ ତଥା ଆସନ୍ନ ସାମୁଦ୍ରିକ ବିପତ୍ତିର ବେଗ ସମ୍ବନ୍ଧୀୟ ପୂର୍ବାନୁମାନ ଜନତାଙ୍କୁ ଯୋଗାଇ ଥାଆନ୍ତି। ଗୋଟିଏ ଡପ୍‌ଲାର ରାଡାର ଉଭୟ ପାର୍ଶ୍ୱରେ ୫୦୦ କିମି ପର୍ଯ୍ୟନ୍ତ ଜଳବାୟୁ ସଂକ୍ରାନ୍ତୀୟ ବାର୍ତ୍ତା ଦେବାରେ ସକ୍ଷମ। ଏଗୁଡ଼ିକ ମୁଖ୍ୟତଃ ବାତ୍ୟାର ଗତିବିଧି, ପବନର ରୂପରେଖ ଓ ନାଓ କାଷ୍ଟିଙ୍ଗ ସମ୍ବନ୍ଧୀୟ ସୂଚନା ପ୍ରେରଣ କରିଥା'ନ୍ତି। ନାଓ କାଷ୍ଟିଙ୍ଗ ଏକ ବିଶେଷ ବୈଷୟିକ ଜ୍ଞାନ, ଯାହା ମାଧ୍ୟମରେ ଆସନ୍ତା ୨ ରୁ ୩ ଘଣ୍ଟା ମଧ୍ୟରେ ହଠାତ ପାଗ ପରିବର୍ତ୍ତନ ହୋଇ ବର୍ଷା, ଘଡ଼ଘଡ଼ି, ବାତ୍ୟା ଓ ପବନ ସମ୍ବନ୍ଧୀୟ ପ୍ରାକ ସୂଚନା ମିଳିଥାଏ।

ଅତ୍ୟନ୍ତ ସଠିକ ପାଣିପାଗ ସୂଚନା ଉପଲବ୍ଧ କରିବାକୁ ସରକାର ବିଭିନ୍ନ ସ୍ଥାନରେ ପାଣିପାଗ କେନ୍ଦ୍ର ସ୍ଥାପନ କରୁଛନ୍ତି, ଯାହା ବର୍ତ୍ତମାନ ସୁଦ୍ଧା ପୂର୍ଣ୍ଣସମ୍ଭବ ହୋଇନାହିଁ। ବିଭିନ୍ନ ସ୍ଥାନରେ ପାଣିପାଗ କାର୍ଯ୍ୟାଳୟ ଖୋଲିବାରେ ଥିବା ଅସୁବିଧାକୁ ଏଡ଼ାଇବା ଲାଗି ପାଇଁ ବର୍ତ୍ତମାନ ପ୍ରାୟ ୩୦୦ ରୁ ଅଧିକ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ରମାନ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା ହୋଇସାରିଛି। ଏହି କେନ୍ଦ୍ରମାନଙ୍କର ନିତିଦିନିଆ କାର୍ଯ୍ୟକ୍ରମ ହେଲା ସେହି ଅଞ୍ଚଳରେ ହେଉଥିବା ବୃଷ୍ଟି, ତାପମାତ୍ରା, ଆର୍ଦ୍ରତା, ପବନର ଗତି, ଆକାଶରେ ଥିବା ମେଘର ଅବସ୍ଥା ଇତ୍ୟାଦି ବିଶ୍ଲେଷଣ କରି ସ୍ଥାନୀୟ ଅଞ୍ଚଳରେ ହେବାକୁ ଥିବା ପାଣିପାଗ ପରିବର୍ତ୍ତନ ବିଷୟରେ ପୂର୍ବାନୁମାନ ଯୋଗାଇବା। ବିଶେଷଜ୍ଞଙ୍କ ମତରେ ଏପରି ପାଣିପାଗ କେନ୍ଦ୍ର ଯେତେ କମ ଦୂରତାରେ ସ୍ଥାପନ ହେବ ସେତେ ନିର୍ଭୁଲ ଓ ସଠିକ ପାଣିପାଗ ପୂର୍ବାନୁମାନ ଜନତା ପାଇପାରିବେ। ଏପରିକି ଆସନ୍ତା ଦୁଇ ଘଣ୍ଟା ମଧ୍ୟରେ କିପରି ପାଣିପାଗରେ ପରିବର୍ତ୍ତନ ହେବ, ତାହା ନିର୍ଭୁଲ ଓ ନିର୍ବିଘ୍ନରେ ପ୍ରକାଶ କରା ଯାଇପାରିବ।

ଯୁକ୍ତରାଷ୍ଟ୍ର ଆମେରିକାରେ ଘଣ୍ଟାଏ ପୂର୍ବରୁ ବର୍ଷା, ଝଡ଼ କିମ୍ବା ବରଫ ଝଡ଼ ସୂଚନା ପାଣିପାଗ ବିଭାଗ ଯୋଗାଇଥା'ନ୍ତି, ଯାହା କଦାପି ଭୁଲ ହୋଇନଥାଏ। ସୂଚନା ଅନୁଯାୟୀ ସେଠାରେ ପ୍ରତି ୪୦ କି.ମି. ଦୂରତାରେ ପାଣିପାଗ କେନ୍ଦ୍ର ସ୍ଥାପନ ହେବା ଦ୍ୱାରା ବିଭିନ୍ନ ପାଣିପାଗ ଜନିତ ଉପାଦାନକୁ ନେଇ ସଠିକ ଆକଳନ କରିବା ଆମେରିକୀୟ ପାଣିପାଗ ବିଶେଷଜ୍ଞଙ୍କ ପକ୍ଷେ ଅତ୍ୟନ୍ତ ସହଜ ହୋଇଥାଏ। ଆମେରିକୀୟମାନେ ଅତ୍ୟାଧୁନିକ ରାଡାର ପ୍ରଣାଳୀ ସହିତ ନିର୍ଭୁଲ ପାଣିପାଗ ପୂର୍ବାନୁମାନ ପାଇଁ ଉପଗ୍ରହର ସହାୟତା ନେଇ ସଠିକ ଆକଳନ କରିପାରନ୍ତି। ଏହି ଉପଗ୍ରହମାନେ ଆକାଶ ମାର୍ଗରୁ ଦେଶୀୟ, ରାଜ୍ୟସ୍ତରୀୟ କିମ୍ବା ପ୍ରାନ୍ତୀୟ ପାଣିପାଗ ସମ୍ବନ୍ଧିତ ଚିତ୍ର ଉତ୍ତୋଳନ କରି ବିଭିନ୍ନ ପାଣିପାଗ କେନ୍ଦ୍ରମାନଙ୍କୁ ପ୍ରେରଣ କରିବା ପରେ ବିଶେଷଜ୍ଞମାନେ ସ୍ଥାନୀୟ ଅବସ୍ଥାକୁ ବ୍ୟାଖ୍ୟା କରି ସଠିକ ଆକଳନ କରିପାରନ୍ତି। ଏଠାରେ ସୂଚିତ କରାଯାଇପାରେ ଯେ ଭାରତରେ ମଧ୍ୟ ନିଜସ୍ୱ ଉପଗ୍ରହ ଇନସାଟ -୩ ଡି ଓ ଇନସାଟ-୩ ଡିଆର ବର୍ତ୍ତମାନ ପାଣିପାଗ ବିଭାଗକୁ ଜଳବାୟୁ ସମ୍ବନ୍ଧୀୟ ପ୍ରାକ ସୂଚନା ଯୋଗାଇ ଦେଉଛନ୍ତି।

ପାଣିପାଗ ସମ୍ବନ୍ଧୀୟ ପୂର୍ବାନୁମାନ ନିହାତି ପକ୍ଷେ ଆଜି ଏକ ବିଶେଷ ଆବଶ୍ୟକତା। ଭାରତ ପରିପ୍ରେକ୍ଷୀରେ ପାଣିପାଗ ବିଭାଗ ଆହୁରି ଅଧିକ ଶାଣିତ ହେବାର ଆବଶ୍ୟକତା ରହିଛି। ●

(ଅଧ୍ୟକ୍ଷ, ମଡେଲ ଡିଗ୍ରୀ କଲେଜ, ନୟାଗଡ଼)
ମୋ: ୯୪୩୭୪୭୯୦୪୫

# ଫୁଲ ତୁ କାହିଁକି ଝଡ଼ିଗଲୁ?

ଡକ୍ଟର ଅଭିମନ୍ୟୁ ବରାଳ

ବ୍ୟାସକବିଙ୍କ ନାମରେ ନାମିତ ଓଡ଼ିଶାର ଏକ ବିଶିଷ୍ଟ ଶିକ୍ଷାୟତନରେ ଫୁଟିବା ପୂର୍ବରୁ କଢ଼ିଟି ଝାଉଁଳି ଗଲା ବୃନ୍ତରେ। ଝଡ଼ି ପଡ଼ିଲା ଅକାଳରେ। ଫୁଟିଥିଲେ ତା'ର ସୁରଭି ଆମୋଦିତ କରିଥା'ନ୍ତା ସମସ୍ତଙ୍କୁ। ଏଥିସହିତ ପୁଣି ଥରେ କଳଙ୍କିତ ହୋଇଗଲା ଗୁରୁ-ଛାତ୍ରୀଙ୍କର ପବିତ୍ର ସମ୍ପର୍କ।

ପୁଣ୍ୟଭୂମି ଭାରତବର୍ଷ ଋଷିମୁନିଙ୍କ ଦେଶ। ପୂର୍ବକାଳରେ ଶିଷ୍ୟଶିଷ୍ୟାମାନେ ଗୁରୁକୁଳାଶ୍ରମରେ ରହି ଶିକ୍ଷା ଲାଭ କରୁଥିଲେ। ଯେଉଁଠି ପ୍ରିୟମ୍ବଦା, ଅନସୂୟା, ଶକୁନ୍ତଳା ପ୍ରଭୃତି ମୁନି କନ୍ୟାମାନେ ଉଦାହରଣ ସୃଷ୍ଟି କରିଛନ୍ତି, ସେଠାରେ ଆଜି ସେ ଦିବ୍ୟଚେତନାର ଅବକ୍ଷୟ ଘଟିଲା କେମିତି? କିନ୍ତୁ ଆଜି ଆମର ବ୍ୟବସ୍ଥା ହିଁ ଏଇଆ। ଝିଅଟି ଉତ୍ପୀଡ଼ନକୁ ସହ୍ୟ କରି ନପାରି ନିଜକୁ ଠେଲି ଦେଲା ମରଣ ମୁହଁକୁ। ନିଜର ଦୁଃଖକୁ ସେ ସମସ୍ତଙ୍କ ପାଖରେ ଜଣାଇ ହତାଶ ହେଲା, ନ୍ୟାୟ ପାଇବାରେ ବିଫଳ ହେଲା। ଆଉ କେତେ ବାରମ୍ବାର ହୋଇଥା'ନ୍ତା? ଆମ ବ୍ୟବସ୍ଥାକୁ ଧିକ୍। ସମସ୍ତେ ଜାଣିଲେ, ହେଲେ କେହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ସେ ଜାଣିଲା ତା'କୁ ଏ ରାଜ୍ୟରେ ନ୍ୟାୟ ମିଳିବ ନାହିଁ। ସେ ତ କୌଣସି ବଡ଼ଲୋକର ଝିଅ ନୁହେଁ, ଏକ ସାଧାରଣ ପରିବାରର ପିଲା। ତା'କଥା କିଏ ଶୁଣିବ? ରାଧାନାଥ ଯଥାର୍ଥରେ କହିଛନ୍ତି **'ଧିକ ସେ ସଂସାର ପ୍ରବଳର ଯହିଁ ସବୁକଥାରେ ସୁଯୋଗ, ଦୁର୍ବଳର ଯହିଁ ଲଲାଟ ଲିଖନ ନୀରବେ ଲାଞ୍ଛନା ଭୋଗ।(ପାର୍ବତୀ)'।**

ଆଜି ସମସ୍ତେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ଲେଡ଼ିଗୁଡ଼ ସବୁ କହୁଣିକୁ ବହିଯିବା ପରେ। କିନ୍ତୁ କାହାରି ଆଖିରେ ଲୁହ ନାହିଁ। ଟିକିଏ ଆଗରୁ ସେମାନେ କୁଆଡ଼େ ଯାଇଥିଲେ? ସେମାନେ କ'ଣ କଲେ? ଯୁଗେ ଯୁଗେ ଏ ସମାଜ ଏହିପରି। କାହାପ୍ରତି ସେ ସମ୍ବେଦନଶୀଳ ହୁଏ ନାହିଁ। ଏପରିକି ସତୀ ଶିରୋମଣି ଜାନକୀ ମହାରଣୀଙ୍କୁ ଏ ସମାଜ କଟୁ ସମାଲୋଚନା କରିବାକୁ ପଛାଇଲା ନାହିଁ। ଶେଷରେ ସୀତାଠାକୁରାଣୀ ଅତିଷ୍ଠ ହୋଇ ପାତାଳ ଗମନ କଲେ। ଆମର ସାମାଜିକ ବିଧି ବ୍ୟବସ୍ଥାରେ ଝିଅଟିଏ ପାଇଁ କେହି ବି ସମ୍ବେଦନଶୀଳ ହେଲେ ନାହିଁ। ସମସ୍ତେ ଲୋକଦେଖାଣିଆ ମନ୍ତବ୍ୟ ଦେଇ ନିଜର ଦାୟିତ୍ୱ ତୁଲାଇ ଦେଲେ।

ପବିତ୍ର ଶିକ୍ଷାୟତନ ଆଜି କାହିଁକି ଏଡ଼େ ଅପବିତ୍ର, ବିକଳାଙ୍ଗ? ଆମ ସମାଜ, ଆମ ବିଚାର ଧାରା, ଆମ ନୈତିକତା ଆଉ କ'ଣ ଅଛି? ଏସବୁର ଅଧୋପତନ ହୋଇ ପାଇଛି। ସମସ୍ତଙ୍କୁ ଗୁହାରି କରିବା ପରେ ଯେତେବେଳେ କେହି ନଶୁଣି ଉପେକ୍ଷା କଲେ, ସେତେବେଳେ ଝିଅଟି ଏପରି କଠୋର ତଥା ଚରମ ପଦକ୍ଷେପ ନେବାକୁ ବାଧ୍ୟ ହେଲା। ସର୍ବସମକ୍ଷରେ ସେ ନିଜକୁ ଜାଳିଦେଲା। କେବଳ ଜଣେ ଛାତ୍ରକୁ ଛାଡ଼ିଦେଲେ କେହି ସେଠାରେ ନଥିଲେ। କେହି ତା' ଜୀବନକୁ ରକ୍ଷା କରିବାକୁ ଚେଷ୍ଟା କଲେ ନାହିଁ। କେହି ସେତେବେଳେ ଆଗେଇ ଆସିଲେ ନାହିଁ କାହିଁକି? ଏ ରହସ୍ୟ ତଦନ୍ତସାପେକ୍ଷ। ଏବେ ବୁକୁଫଟା କାନ୍ଦ କାନ୍ଦି ଓଡ଼ିଶା ବନ୍ଦ କଲେ କ'ଣ ହେବ? ଆମରିମାନଙ୍କ ଅପାରଗତାରୁ ସେ ଝିଅ ଆଜି ଚାଲିଗଲା ଅଫେରା ରାଇଜକୁ। ତା'ର ଅମୂଲ୍ୟ ଜୀବନ ଜଳିପୋଡ଼ି ପାଉଁଶ ହୋଇଗଲା। ଏହା ହିଁ ଥିଲା ଏହି ସମାଜ ତଥା ସମାଜର ବଡ଼ ପଣ୍ଡାମାନଙ୍କ ସମ୍ମୁଖରେ ଝିଅଟିର ମୌନ ପ୍ରତିବାଦ। ସେ ଝିଅ ପୋଡ଼ି ଯାଇ ନାହିଁ, ବରଂ ଆମ ସମାଜର ନୈତିକତା ଶତଧା ଦଗ୍ଧ ହୋଇ ଯାଇଛି। ଝିଅଟିର ଆତ୍ମଦାହ ଆଜି ଏହି ବାର୍ତ୍ତା ପ୍ରେରଣ କରିଛି।

ଓଡ଼ିଆ ଘରର ପାରମ୍ପରିକ ଜୀବନଧାରା ଆଜି ସମ୍ପୂର୍ଣ୍ଣ ପଥଭ୍ରଷ୍ଟ। ଝିଅ ଓଡ଼ିଆ ଘରର ଲକ୍ଷ୍ମୀ ବୋଲି ବିବେଚନା କରାଯାଏ, ଝିଅଟିଏ କୋଳକୁ ଆସିଲେ ଘରର ଆନନ୍ଦ ବଢ଼ିଯାଏ, ପିତାମାତାଙ୍କର ଆୟୁବୃଦ୍ଧି ହୁଏ ବୋଲି ବିଶ୍ୱାସ ରହିଛି। ଝିଅଟିଏ ଆମ ଘରର ଆନନ୍ଦର ବଳୟ। ସେ ଦୁହିତା, ଦୁଇ କୁଳକୁ ହିତା।

ହଇଲୋ ଝିଅ, ତୁଏ ମର୍ମନ୍ତୁଦ ପଦକ୍ଷେପ କାହିଁକି ନେଲୁ? ତୁତ ଏଡ଼େ ସାହାସୀ ଝିଅ। କେତେକ ଆନୁଷ୍ଠାନରେ ଝିଅମାନଙ୍କ ଆତ୍ମରକ୍ଷା କରିବାର ଶିକ୍ଷା ଦେଉଥିଲୁ। ତୁ କାହିଁକି ଏଡ଼େ ଦୁର୍ବଳ ହୋଇଗଲୁ? ନିଜକୁ ରକ୍ଷା କରି ପାରିଲୁ ନାହିଁ? କୁଆଡ଼େ ଗଲା ସେ ସାହସ, ସେ ଧୈର୍ଯ୍ୟ? ତୁ ଏ ଜାତିର ବୀରାଙ୍ଗନା। ବରଂ ତୁ ବଞ୍ଚି ରହି ଦେଖିଥା'ନ୍ତୁ ସମାଜ କିପରି ଜଳୁଛି। ସମାଜପତିମାନେ କିପରି ବିକଳ ଚିତ୍କାର କରୁଛନ୍ତି। ତୋତେ ଅବଶ୍ୟ ନ୍ୟାୟ ମିଳିବ। ଏ ଜଗତ ଦେଖିବ। ଯେଉଁଠି ଥିଲେ ବି ତୋ ଆତ୍ମା ସନ୍ତୋଷ ଲାଭ କରିବ। ଏହାର ତୋର ଆତ୍ମଦାହ ନୁହେଁ, ସମାଜକୁ ଏକ ମହାନ ଚେତାବନୀ। ଶିକ୍ଷାୟତନରେ ରହୁଥିବା ନରପିଶାଚମାନେ ନିଶ୍ଚୟ ମହାଶିକ୍ଷା ଲାଭ କରିବେ।

ଏଭଳି ଦୁର୍ଭାଗ୍ୟଜନକ ଘଟଣାଗୁଡ଼ିକ ଘଟିବାର ପ୍ରମୁଖ କାରଣ ହେଲା ମହାବିଦ୍ୟାଳୟଗୁଡ଼ିକୁ ସ୍ୱୟଂଶାସିତ କରିଦେବା। ଏହାଦ୍ୱାରା ଅଧ୍ୟାପକମାନେ ଅଧିକ ଶକ୍ତିଶାଳୀ ହୋଇଗଲେ ଏବଂ ସେମାନଙ୍କର ସ୍ୱେଚ୍ଛାଚାରିତା ବଢ଼ିଗଲା। ଯଥାଯଥ ଯୋଗ୍ୟତା ନ ଥାଇ ବି ଅନେକ ବିଶ୍ୱବିଦ୍ୟାଳୟରେ ପ୍ରଫେସର/ ସହକାରୀ ପ୍ରଫେସର ହେବାର ସୁଯୋଗ ପାଇଗଲେ। ଛାତ୍ରଛାତ୍ରୀମାନଙ୍କ ନମ୍ବର ବଢ଼ାଇବା-କମାଇବା, ଉପସ୍ଥାନ କମାଇଦେବା, ପରୀକ୍ଷାରେ ପ୍ରତିବନ୍ଧକ ସୃଷ୍ଟି କରି ଛାତ୍ରମାନଙ୍କୁ ଅସୁବିଧାରେ ପକାଇ ସେମାନଙ୍କୁ ଶୋଷଣ କରିବା ସହଜ ହୋଇଗଲା। ଅନେକ ଝିଅ ମଧ୍ୟ ଯୌନ ଶୋଷଣର ଶିକାର ହେଲେ। ଅତୀତରେ ବିଶ୍ୱବିଦ୍ୟାଳୟମାନଙ୍କ ଅଧୀନରେ ମହାବିଦ୍ୟାଳୟମାନେ ରହିଥିଲେ ଏବଂ ସେମାନଙ୍କ ପରୀକ୍ଷା ନିୟନ୍ତ୍ରଣ ବିଶ୍ୱବିଦ୍ୟାଳୟ କରୁଥିଲା। ତେଣୁ ଏତେଟା ଦୁର୍ନୀତି ଏବଂ ଶୋଷଣ ହୋଇ ପାରୁନଥିଲା।

ମୃତାଛାତ୍ରୀ ସୌମାଶ୍ରୀଙ୍କର ଜଣେ ସହପାଠିନୀଙ୍କ ଗଣମାଧ୍ୟମରେ ଦେଇଥିବା ବୟାନରୁ ଜଣାଯାଏ, ସୌମ୍ୟାଶ୍ରୀଙ୍କ ସପକ୍ଷରେ ୧୨ ରୁ ୧୫ ଜଣ ଛାତ୍ରଛାତ୍ରୀ ଥିବା ବେଳେ ବିଭାଗୀୟ ଅଧ୍ୟାପକ ଓ ଅଧ୍ୟକ୍ଷଙ୍କ ସପକ୍ଷରେ ୩୦୦ ଛାତ୍ରଛାତ୍ରୀ ଥିଲେ। ସେମାନେ ହୁଏତ ନିଜର ସ୍ୱାର୍ଥ ସିଦ୍ଧି ଲାଗି ଅଧ୍ୟାପକଙ୍କ ସହିତ ଥିଲେ। କାରଣ ପରୀକ୍ଷାରେ ଫେଲ କରିଦେବାର ଭୟ ଥିଲା। ତେଣୁ ଆମର ଲୋକପ୍ରିୟ ସରକାରଙ୍କୁ ଅନୁରୋଧ ଏହାର ଆଶୁ ନିରାକରଣ କରାଗଲେ ଶିକ୍ଷାନୁଷ୍ଠାନର ଗୌରବ ପୁଣି ଫେରି ଆସିବ। ନଚେତ କେତେ ଯେ ସୌମ୍ୟାଶ୍ରୀ ଅଗ୍ନି ଦଗ୍ଧ ହେବେ କହି ହେବ ନାହିଁ। ●

ସାକ୍ଷୀଗୋପାଳ(ପୁରୀ)
ମୋ: ୯୯୩୭୮୩୫୨୩୩

# ତିବ୍ବତରେ ବୌଦ୍ଧଧର୍ମ

ପ୍ରବୀର କୁମାର ପଟ୍ଟନାୟକ

ଦ୍ୱିତୀୟ-ବୁଦ୍ଧ କଥା



ରାଜା ସ୍ରଙ୍ଗ ବୌଦ୍ଧ ଗୁରୁ ଓ ବୌଦ୍ଧ ଗ୍ରନ୍ଥ ସନ୍ଧାନ ନିମିତ୍ତ ପ୍ରତିନିଧି ଦଳଙ୍କୁ ଭାରତ ଓ ଚୀନ ପଠାଇଲେ। ତିବ୍ବତରେ ଉପସ୍ଥିତ ଥିବା ଭାରତ, ନେପାଳ ଓ ଚୀନର ବୌଦ୍ଧ ଆଚାର୍ଯ୍ୟଗଣ ତଥା ଭାରତକୁ ଯାଇ ଶିକ୍ଷାଲାଭ କରିଥିବା ଥୋନ୍‌ମି ଏବଂ ତାଙ୍କର ଯୋଗ୍ୟ ଶିଷ୍ୟଗଣ ସମସ୍ତଙ୍କୁ ସଂଗୃହୀତ ଶାସ୍ତ୍ର ଓ ଧର୍ମଗ୍ରନ୍ଥଗୁଡ଼ିକର ଅନୁବାଦ ତଥା ସଂପାଦନା କାର୍ଯ୍ୟରେ ନିୟୋଜିତ କଲେ। କରଣ୍ଡବ୍ୟୁହସୂତ୍ର, ରତ୍ନମେଘସୂତ୍ର ଆଦି ଅନେକ ଗ୍ରନ୍ଥ ତିବ୍ବତର ନୂତନ ଲିପି ଓ ଭାଷା ବ୍ୟବହାର କରି ଅନୁବାଦ କରାଗଲା। ରାଜା ସ୍ରଙ୍ଗ ଦୀର୍ଘ ବର୍ଷ ଧରି ନିଜେ ତିବ୍ବତର ନୂତନ ଲିପି ଓ ଭାଷାର ଅଧ୍ୟୟନ ମଧ୍ୟ କରିଥିଲେ। ରାଜା ଅନେକ ଶାସ୍ତ୍ର ଓ ଧର୍ମଗ୍ରନ୍ଥ ଅଧ୍ୟୟନ କରିବା ସହ ଦେଶରେ ବହୁ ଧର୍ମୀୟ ଅନୁଷ୍ଠାନ ଓ ମଠ, ମନ୍ଦିର ଆଦି ପ୍ରତିଷ୍ଠା କରିଥିଲେ। ବୌଦ୍ଧଧର୍ମର ନୀତିକାନ୍ତି ଓ ଶିକ୍ଷଣୀୟ ବାଣୀ ଇତ୍ୟାଦି ବ୍ୟାପକ ଭାବେ ସମଗ୍ର ତିବ୍ବତରେ ପ୍ରସାରିତ କରାଇଥିଲେ। ରାଜା ସ୍ରଙ୍ଗ ଏବଂ ତାଙ୍କ ଦୁଇ ରାଣୀ ତିବ୍ବତରେ ବୌଦ୍ଧ ଧର୍ମର ବୀଜରୋପଣ କରିବା ସହ ଦେଶରେ ଶିକ୍ଷା, ସାଂସ୍କୃତିକ ବିକାଶ ଓ ସାମାଜିକ ସଂସ୍କାରର ଭିତ୍ତି ମଧ୍ୟ ସ୍ଥାପନ କରାଇଲେ। ରାଜା ସ୍ରଙ୍ଗଙ୍କୁ ତିବ୍ବତର ସଂରକ୍ଷକ ବୌଦ୍ଧ ଦେବତା ଅବଲୋକିତେଶ୍ୱରଙ୍କ ଅବତାର ଭାବରେ ଗ୍ରହଣ କରାଯାଇଥିଲା।

ରାଜା ସ୍ରଙ୍ଗ୍‌ଙ୍କ ଶାସନ କାଳରେ ତିବ୍ବତରେ ବୌଦ୍ଧ ଧର୍ମକୁ ପ୍ରଚଳନ କରାଗଲା। ତିବ୍ବତୀୟ ଭାଷା ଓ ଲିପିକୁ ମଧ୍ୟ ପ୍ରଚଳନ କରାଗଲା। ଏହାବ୍ୟତୀତ ଅନ୍ୟ ଭାଷାର ଶାସ୍ତ୍ର ଓ ଧର୍ମ ଗ୍ରନ୍ଥସବୁ ଯାହା ମିଳିଲା ବ୍ୟାପକଭାବେ ତାହାକୁ ଲିପିବଦ୍ଧ କରାଯିବା କାର୍ଯ୍ୟ ମଧ୍ୟ ଆରମ୍ଭ ହେଲା। ବୌଦ୍ଧ ଧର୍ମକୁ ନିଜ ଦେଶରେ ପ୍ରଚଳିତ କରିବାରେ ରାଜାଙ୍କ ଉଦ୍ଦେଶ୍ୟ ଧାର୍ମିକ ଅପେକ୍ଷା ଅଧିକ ରାଜନୈତିକ ହିଁ ଥିଲା। ସେ ଚାହୁଁଥିଲେ ପଡ଼ୋଶୀ ଓ ବାହାର ଦେଶ ସହିତ ସାଂସ୍କୃତିକ ବିନିମୟ ତିବ୍ବତୀୟମାନଙ୍କର ବୃଦ୍ଧି ପାଉ, ଯାହା ସେହି ଅଞ୍ଚଳର ସଭ୍ୟତା ଓ ସଂସ୍କୃତିର ପ୍ରଭାବ ତିବ୍ବତୀୟମାନଙ୍କ ଉପରେ ପଡ଼ିବ ଏବଂ ସେମାନେ ସଭ୍ୟ, ସଂସ୍କୃତିସଂପନ୍ନ ଓ ମାର୍ଜିତ ତଥା ସଂସାରାଭିଜ୍ଞ ହୋଇପାରିବେ, ଯାହାଫଳରେ ଦେଶର ଉନ୍ନତି ସାଧନ ହୋଇପାରିବ। ସମାନ୍ତରାଳ ଭାବେ ରାଜା ସ୍ଥାନୀୟ ବନ ଧର୍ମକୁ ମଧ୍ୟ ଉତ୍ସାହିତ କରୁଥିଲେ। ସେଥିରେ ମଧ୍ୟ ରାଜାଙ୍କୁ ଦିବ୍ୟପୁରୁଷ ଭାବେ ବିବେଚନା କରାଯାଉଥିଲା। ରାଜା ଉଭୟ ଧର୍ମକୁ ପ୍ରଶ୍ରୟ ଦେଉଥିଲେ ମଧ୍ୟ ଯେହେତୁ ବନ୍ ତିବ୍ବତର ଦୀର୍ଘକାଳର ଧାର୍ମିକ ପରମ୍ପରା ଭାବେ ରହି ଆସିଥିଲା, ତାହାର ସମାଜରେ ଅଧିକ ପ୍ରଭାବ ରହିଥିଲା। ଏଣୁ ଉଭୟ ଧର୍ମ ମଧ୍ୟରେ ସଂଘର୍ଷ ଘଟିବା ମଧ୍ୟ ସ୍ୱାଭାବିକ ଥିଲା।

ସେ ସମୟକୁ ସମଗ୍ର ଦେଶ ଏକଜୁଟ ଥିଲା। ପାଖ ପଡ଼ୋଶୀ ଛୋଟ ଛୋଟ ରାଜ୍ୟଗୁଡ଼ିକୁ ଜୟ କରି ତିବ୍ବତ ସହ ରାଜା ମିଶାଇ ଦେଇଥିଲେ। ପଡ଼ୋଶୀ ପ୍ରଭାବଶାଳୀ ଶାଙ୍ଗ୍-ଶୁଙ୍ଗ ଅଞ୍ଚଳ ବନ୍ ଧର୍ମର ଗଡ଼ ଭଳି ରହିଥିଲା। ତାକୁ ମଧ୍ୟ ରାଜା ଜୟ କରି ତିବ୍ବତ ସହ ମିଶାଇ ଦେଇଥିଲେ। ତାହାର ଧର୍ମ ଓ ସଂସ୍କୃତି ମଧ୍ୟ ତିବ୍ବତୀୟ ଧର୍ମ ସଂସ୍କୃତି ସହ ମିଶି ପ୍ରଭାବ ବିସ୍ତାର କଲା। କ୍ରମେ ବନ୍ ଧର୍ମ ବିଦେଶୀ ବୌଦ୍ଧ ଧର୍ମକୁ ପ୍ରତିରୋଧ କରିବାକୁ ଲାଗିଲା। ରାଜା ସ୍ରଙ୍ଗଙ୍କ ତିରୋଧାନ ପରେ ତିବ୍ବତରେ ବୌଦ୍ଧଧର୍ମ ଆଗକୁ ବଢ଼ି ପାରିଲା ନାହିଁ। ବନ୍ ଧର୍ମ ଅଧିକ ପ୍ରଭାବଶାଳୀ ଭାବେ ଉଭା ହେବାରେ ଲାଗିଲା।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ବ୍ରାହ୍ମଣୀ, ଖରସ୍ରୋତା, କାଣୀ ନଦୀରେ ବନ୍ୟା

# ଗାଁ ଦାଣ୍ଡକୁ ଉଠି ଆସିଲେ କୁମ୍ଭୀର

**ପଟ୍ଟାମୁଣ୍ଡାଇ/ରାଜନଗର, ୧୮।୭(ସମିସ):** ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଯୋଗୁଁ ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକ୍‌ର ବହୁ ଅଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ପଟ୍ଟାମୁଣ୍ଡାଇ ପୌରପରିଷଦର ୯ଟି ୱାର୍ଡ ଓ ୧୪ଟି ପଞ୍ଚାୟତର ଲୋକ ଏବଂ ରାଜନଗର ବ୍ଲକ୍‌ର ୨୦ରୁ ଅଧିକ ଗାଁ ପାଣି ଘେରରେ ରହିଛି। ଗାଁ ରାସ୍ତା ପାଣିରେ ବୁଡ଼ି ରହିଥିବାରୁ ଯାତାୟାତ ଠପ୍ ହୋଇଯାଇଛି। ବିଦ୍ୟୁତ୍ ସେବା ମଧ୍ୟ ବ୍ୟାହତ ହୋଇଛି। ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏପରିକି, ବନ୍ୟାପାଣିରେ କିଛି କୁମ୍ଭୀର ଗାଁକୁ ଉଠି ଆସିଥିବା ଦେଖିବାକୁ ମିଳିଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଅପରପକ୍ଷେ, ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ପୌରାଞ୍ଚଳ ବୁଲି ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି।



ପଟ୍ଟାମୁଣ୍ଡାଇ, ରାଜନଗରର ବହୁ ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ

ବିଦ୍ୟୁତ୍ ସେବା ବ୍ୟାହତ, ପାନୀୟଜଳ ପାଇଁ ଲୋକେ ହନ୍ତସନ୍ତ

ପୌରାଞ୍ଚଳ ବୁଲି ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

ସପ୍ତାହେ ଧରି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବନ୍ୟା ପରିସ୍ଥିତି ଲାଗି ରହିଛି। ଯାତାୟାତ, ବିଦ୍ୟୁତ ଓ ପାନୀୟ ଜଳ ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି। ପୌର ପରିଷଦର ୯ଟି ୱାର୍ଡ ପ୍ରଭାବିତ ହୋଇଥିବା ବେଳେ ୧୧ ହଜାର ଲୋକ ବିପନ୍ନ ହୋଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତର ୫୦ହଜାରରୁ ଉର୍ଦ୍ଧ୍ୱ ଲୋକ ଓ ୧୫ହଜାର ଗୃହପାଳିତ ପଶୁ ଜଳବନ୍ଦୀ ଅଛନ୍ତି। ଡାମରପୁର, ଶ୍ରୀରାମପୁର ଓ ବଳଭଦ୍ରପୁର ପଞ୍ଚାୟତରେ ସ୍ଥିତି ବେହାଲ ହୋଇଛି। ଯାତାୟାତ ଓ ପାନୀୟଜଳ ସମସ୍ୟା ଯୋଗୁଁ ଲୋକମାନେ ଅସୁବିଧା ଭୋଗୁଛନ୍ତି। ସିଂହଗାଁ ପଞ୍ଚାୟତର ସିଂହଗାଁ, କୃଷ୍ଣଦାସପୁର, ରାଉଳିଆଡିଆ, ପାଣିସାଉଁଳିଆ ଆଦି ଜଳମଗ୍ନ ହୋଇ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ସେହିପରି ଅଳପୁଆ ପଞ୍ଚାୟତର ଗୋଜିଆକଣ, ବିଲମଲିକସାହି, ବେହେରାସାହି, ମିଶ୍ରବାଗ, ସେଠୀସାହି, ଜେନାସାହି, ପାହାନ୍ତସିଂହ ସାହି, ତରଡ଼ିପାଳ ପଞ୍ଚାୟତର ପୋଖରୀକୂଳ, ଗୋପାଳପୁର, ଜେନାସାହି, ବିଶ୍ୱାଳସାହି, ନାଥସାହି, ମଲିକସାହି, ଘାଗରାଡିଆ ପେଣ୍ଠପାଳ ପଞ୍ଚାୟତର କୂଳସାହି, କୋଳଥିଆ, ବାଲିକିରା, ଦାଣ୍ଡିସାହି ଦାଣ୍ଡିସାହି, ଅଣରା ପଞ୍ଚାୟତର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଞ୍ଚାୟତର ନୂଆଡିଆ, ଜଗନ୍ନାଥପୁର, ଶାନ୍ତିପଡା, ସିଦ୍ଧବାଲି, ବଲୁରିଆ ପଞ୍ଚାୟତର ଫୁଲପାଟଣା ପାଣିଘେରରେ ଥିବା ବେଳେ ହଜାରହଜାର ଏକର ଚାଷଜମି ଜଳମଗ୍ନ ହୋଇପଡ଼ିଛି।

ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ତନୁପୁର ରାସ୍ତା ବୁଡ଼ିଯାଇଥିବାରୁ ବାଲିପାଟଣା, ଖଡ଼ିପାଳ, ତନୁପୁର, ନନ୍ଦିନୀନଗର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ପଟ୍ଟାମୁଣ୍ଡାଇ ବ୍ଲକର ବାଛରା ପଞ୍ଚାୟତ ମଣ୍ଡପଡା-ବାଛରା ରାସ୍ତା ବୁଡିଯାଇଥିବାରୁ ବାଛରା, ମଣ୍ଡପଡା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ସେହିପରି ରାଜନଗର ବ୍ଲକ୍ ଅନ୍ତର୍ଗତ ୪ଟି ପଞ୍ଚାୟତ ବନ୍ଧପଡା, ଓସ୍ତିଆ, ବେଲପାଳ, ରାଜପୁରର ୨୦ଟି ଗାଁ ପାଣି ଘେରରେ ରହିଛି। ଗାଁ ରାସ୍ତାରେ ୪ ଫୁଟ ଉଚ୍ଚର ପାଣି ଚାଲୁଛି। ବନ୍ୟା ଯୋଗୁଁ ଫସଲ କ୍ଷତିଗ୍ରସ୍ତ ହୋଇଛି।

ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ନନ୍ଦିନୀନଗର, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, କଷଣଅଣ୍ଟା, ବାଲିପଡ଼ା, ନୂଆଗାଁ, କାକୁଡ଼ିପଲ୍ଲୀ ସମେତ ବ୍ଲକର ବାଛରା ପଞ୍ଚାୟତର ମଣ୍ଡପଡା, ବାଛରା ଗ୍ରାମକୁ ବୋଟ ଯୋଗେ ଯାଇ ବନ୍ୟା ସ୍ଥିତି ଓ ବିପନ୍ନ ଲୋକଙ୍କ ଅବସ୍ଥା ଅନୁଧ୍ୟାନ କରିଥିଲେ। ବିଧାୟକଙ୍କ ସହ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ଯୁବନେତା ଦିଲ୍ଲୀପ ସେଠୀ କାଉନସିଲର ପ୍ରଶାନ୍ତ ବାରିକ, ପ୍ରିୟଙ୍କା ସେଠୀ, ମଧୁସ୍ମିତା ମଲିକ, ସୁଧାମୟ ମଲିକ ପ୍ରମୁଖ ବନ୍ୟାବିପନ୍ନ ବିଭିନ୍ନ ୱାର୍ଡ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ବିଧାୟକ ଶ୍ରୀ ସାହୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବନ୍ୟା ବିପନ୍ନ ୯ଟି ୱାର୍ଡର ଲୋକଙ୍କୁ ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବାକୁ ପୌର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ବିପନ୍ନ ଲୋକଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି।

### ପ୍ରସୂତି ମୃତ୍ୟୁକୁ ନେଇ ଉତ୍ତେଜନା

# ନର୍ସିଂହୋମରେ ଭଙ୍ଗାରୁଜା

**ଜଗତସିଂହପୁର,୧୮।୭(ସମିସ):** ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ଜଣେ ପ୍ରସୂତିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରି ଉତ୍ତ୍ୟକ୍ତ ଲୋକେ ସମ୍ପୃକ୍ତ ନର୍ସିଂହୋମରେ ଭଙ୍ଗାରୁଜା କରିବା ସହିତ ପ୍ରାୟ ୨ ଘଣ୍ଟା ଧରି ରାସ୍ତାରେ ଶବ ରଖି ଅବରୋଧ କରିଥିଲେ।



ଶବ ରଖି ଜୟପୁର-ଜଗତସିଂହପୁର ରାସ୍ତା ଅବରୋଧ

ସୂଚନା ମୁତାବକ, ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ତରଡ଼ା ଗ୍ରାମର ସସ୍ମିତା ସ୍ୱାଇଁ ନାମକ ଜଣେ ମହିଳା ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଭୂୟାଁଙ୍କ ନିକଟରେ ଚିକିତ୍ସିତ ହେଉଥିଲେ। ଗର୍ଭ ଧାରଣାର ୫ ମାସ ପରେ ଅଲ୍ଟ୍ରାସାଉଣ୍ଡ ସମୟରେ ଗର୍ଭରେ ଛୁଆ ନଷ୍ଟ ହୋଇଯାଇଥିବା ଡାକ୍ତର ଭୂୟାଁ କହିବା ସହିତ ଚର୍ଚ୍ଚିକା ବଜାରସ୍ଥ ସାଇଶ୍ରଦ୍ଧା ନର୍ସିଂହୋମରେ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ। ୧୭ ତାରିଖ ଦିନ ୧.୩୦ ସମୟରେ ଅସ୍ତ୍ରୋପଚାର ହୋଇଥିଲା। ତେବେ ଅସ୍ତ୍ରୋପଚାର ପରେ ରକ୍ତସ୍ରାବ ବନ୍ଦ ନ ହେବାରୁ ସସ୍ମିତାଙ୍କୁ ଏକ ଘରୋଇ ଆମ୍ବୁଲାନ୍ସରେ ଚିକିତ୍ସା ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ନ ଦେଇ କଟକ ରେଫର କରିଥିଲେ ନର୍ସିଂହୋମ କର୍ତ୍ତୃପକ୍ଷ ଓ ଡାକ୍ତର ଭୂୟାଁ। ଆମ୍ବୁଲାନ୍ସ କଲେଜ ଛକରେ ଖରାପ ହୋଇଯାଇଥିବାବେଳେ ଆଉଏକ ଘରୋଇ ଆମ୍ବୁଲାନ୍ସରେ ରୋଗୀଙ୍କୁ କଟକ ନିଆଯାଇଥିଲା। ମାତ୍ର ସାଇଶ୍ରଦ୍ଧା ନର୍ସିଂହୋମ କର୍ତ୍ତୃପକ୍ଷ ଚିକିତ୍ସା ସମ୍ବନ୍ଧୀୟ କୌଣସି କାଗଜପତ୍ର ଦେଇ ନ ଥିବାରୁ କୌଣସି ନର୍ସିଂହୋମ ତାଙ୍କୁ ଆଡ଼ମିଶନ କରି ନ ଥିଲେ। ପରିବାର ଲୋକ ରୋଗୀଙ୍କୁ ଏସସିବି ମେଡ଼ିକାଲକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଇଶ୍ରଦ୍ଧା ନର୍ସିଂହୋମର ତ୍ରୁଟିପୂର୍ଣ୍ଣ ଚିକିତ୍ସା ଓ ବିନା କାଗଜପତ୍ରରେ କଟକ ରେଫର କରିଥିବାରୁ ପ୍ରସୂତୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆଣି ସସ୍ମିତାଙ୍କ ପରିବାର ଓ ସ୍ଥାନୀୟ ଲୋକ ନର୍ସିଂହୋମ ସମ୍ମୁଖ ଜଗତସିଂହପୁର-ଜୟପୁର ରାସ୍ତାରେ ଶବ ରଖି ପ୍ରତିବାଦ କରିବା ସହିତ ନର୍ସିଂହୋମରେ ପଶି ଭଙ୍ଗାରୁଜା କରିଥିଲେ। ସାଇଶ୍ରଦ୍ଧା ନର୍ସିଂହୋମ କର୍ତ୍ତୃପକ୍ଷ ଓ ଅସ୍ତ୍ରୋପଚାର କରିଥିବା ଡାକ୍ତରଙ୍କୁ ଗିରଫ ସହିତ ଉପଯୁକ୍ତ କ୍ଷତିପୂରଣ ଦାବି କରି ୨ ଘଣ୍ଟା ଧରି ରାସ୍ତାରୋକ କରାଯାଇଥିଲା।

### ସେବାଶ୍ରମ ଛାତ୍ର ଆତ୍ମହତ୍ୟା ଘଟଣା

# ପ୍ରଧାନଶିକ୍ଷକ ନିଲମ୍ବିତ

**ନୂଆପଡ଼ା, ୧୮।୭(ସମିସ):** ନୂଆପଡ଼ା ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନ ସାହାଜଟ ସେବାଶ୍ରମ ସ୍କୁଲରେ ଅନୌପଚାରିକ ଭାବେ ରହୁଥିବା ପଛୁଆ ବର୍ଗର ଛାତ୍ର ଅଶ୍ୱିନୀ ବନଛୋର୍ ସ୍କୁଲ ପରିସର ଏକ ଗଛରେ ଆତ୍ମହତ୍ୟା କରିବା ଘଟଣାରେ ପ୍ରଧାନଶିକ୍ଷକ ହରଦେବ ହଂସଙ୍କୁ ଶୁକ୍ରବାର ନିଲମ୍ବିତ କରାଯାଇଛି।



୩ବର୍ଷ ତଳେ ଜଗଦୀଶ ନାଗ ନାମକ ଜଣେ ଶିକ୍ଷକ ସାହଜଟ ସେବାଶ୍ରମକୁ ବଦଳି ହୋଇ ଆସିଥିଲେ। ସେହିଦିନଠାରୁ ତାଙ୍କର ସଂପର୍କୀୟ ଭଣଜା ଅଶ୍ୱିନୀ ବନଛୋର୍‌ଙ୍କୁ ସାଙ୍ଗରେ ଆଣି ନାମ ଲେଖାଇଥିଲେ। ସେବେଠୁ ଏହି ଛାତ୍ରଜଣଙ୍କ ଏହି ଏସସି/ଏସ୍‌ଟି ହଷ୍ଟେଲରେ ରହିଆସୁଥିଲେ। ଘଟଣା ଦିନ (ବୁଧବାର) ଜଗଦୀଶ ଆଶ୍ରମରେ ନ ଥିଲେ। ଏପରିକି, ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ମଧ୍ୟ ରହୁନଥିଲେ। ସମସ୍ତ ଅନ୍ତେବାସୀ ରାତ୍ରିଭୋଜନ କରିବା ପରେ ଅଶ୍ୱିନୀ ବାହାରକୁ ଚାଲିଯାଇଥଲେ। ବିଳମ୍ବିତ ରାତିରେ ସେ ଗଛରେ ଝୁଲୁଥିବା ଅନ୍ୟ ଛାତ୍ରମାନେ ଦେଖିବାକୁ ପାଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ ଉପଭୋକ୍ତା ମହାସଂଘର ଚିଠି

## ବିହାର ଦେଲା ମାଗଣା ବିଜୁଳି; ଓଡିଶାରେ କେବେ?

**ଭୁବନେଶ୍ୱର, ୧୮।୭(ସମିସ):** ବିହାରର ବିଜେପି-ଜେଡିୟୁ ସରକାଙ୍କ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ତାଙ୍କ ରାଜ୍ୟରେ ୧୨୫ ୟୁନିଟ୍ ମାଗଣା ବିଜୁଳି ଅଗଷ୍ଟ ୧ରୁ ଲାଗୁ ହେବ ବୋଲି ଘୋଷଣା କରିଛନ୍ତି। କିନ୍ତୁ ଦୁଃଖର କଥା, ବିଜୁଳି ଉତ୍ପାଦନର ରାଜ୍ୟ ଓଡ଼ିଶାରେ ମାଗଣା ବିଜୁଳି ଦିଆଗଲା ନାହିଁ। ସରକାରକୁ ଆସିବା ପୂର୍ବରୁ ରାଜ୍ୟବାସୀଙ୍କୁ ବିଜେପି ମାଗଣା ବିଜୁଳି ଦେବାକୁ ପ୍ରତିଶୃତି ଦେଇଥିଲା। ୧୩ ମାସ ହେଲା ସରକାର ଆସିଲାଣି; କିନ୍ତୁ ଏହା କାର୍ଯ୍ୟକାରୀ ହେଲା ନାହିଁ। ତେଣୁ କେବେ ଓଡ଼ିଶା ସରକାର ରାଜ୍ୟବାସୀଙ୍କୁ ମାଗଣା ବିଜୁଳି ଦେବେ, ତାକୁ ନେଇ ପ୍ରଶ୍ନ କରିଛି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ। ସମ୍ପାଦକ ରବି ବେହେରା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଓଡ଼ିଶାରେ ଅନ୍ତତଃ ୨୦୦ ୟୁନିଟ୍ ବିଜୁଳି ମାଗଣାରେ ଦେବା ପାଇଁ ଦାବି କରିଛନ୍ତି।

## ଖରସ୍ରୋତାରୁ ନିଖୋଜ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

**ସିଂହପୁର, ୧୮।୭(ସମିସ):** ଖରସ୍ରୋତା ନଦୀକୁ ଡେଇଁ ନିଖୋଜ ହୋଇଯାଇଥିବା ଛାତ୍ରୀଙ୍କ ମୃତଦେହ ଆଜି ଉଦ୍ଧାର କରାଯାଇଛି। ସିଂହପୁର ନିକଟବର୍ତ୍ତୀ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ସୁଧାଂଶୁ ଶେଖର ମିଶ୍ରଙ୍କ ଝିଅ ସସ୍ମିତା ଗତକାଲି ମଧ୍ୟାହ୍ନରେ ଖରସ୍ରୋତା ନଦୀକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଗତକାଲିଠାରୁ ଓଡ୍ରାଫ ଟିମ୍ ଓ ବିଞ୍ଝାରପୁର ପୁଲିସ ଖୋଜାଖୋଜି ଜାରି ରଖିଥିଲେ। ତେବେ ଆଜି ଅପରାହ୍ନରେ ନଦୀରେ ବୁଡ଼ିବାର ୩୦୦ ମିଟର ଦୂର ଯାଜପୁର ଜିଲ୍ଲାର ଚନ୍ଦନପୁର ଗ୍ରାମ ନିକଟ ନଦୀରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବିଞ୍ଝାରପୁର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଯାଜପୁରକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

## ନାଳରେ ବୁଡ଼ି ମା'-ପୁଅ ମୃତ

**ଫିରିଙ୍ଗିଆ/ଫୁଲବାଣୀ,୧୮।୭(ସମିସ):** କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ୍ ପସରା ପଞ୍ଚାୟତ ଅନ୍ତର୍ଗତ ପଖାଳଖିଆ ନିକଟ ଖଉମୁଣ୍ଡା ଜଙ୍ଗଲରେ ଏକ ଅଘଟଣ ଘଟିଛି। ଜଙ୍ଗଲ ଭିତରେ ଥିବା ଏକ ନାଳରେ ବୁଡ଼ି ମା'-ପୁଅଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, କଇନ୍ତା ଭୋଇ (୪୫) ଓ ତାଙ୍କ ପୁଅ ଆରତ(୫)। ଚକାପାଦ ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ପୁଅ ଆରତକୁ ସାଥିରେ ନେଇ କଇନ୍ତା ଗୁରୁବାର ଦିନ ପୋଢ଼ ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। କିନ୍ତୁ ଦୁହେଁ ଆଉ ଘରକୁ ଫେରିନଥିଲେ। କଇନ୍ତାଙ୍କ ସ୍ୱାମୀ ଗତକାଲି ବହୁ ଖୋଜାଖୋଜି କରିବା ପରେ ମଧ୍ୟ ପାଇନଥିଲେ। ତେବେ ଆଜି ପୁଣିଥରେ ଖୋଜିବାକୁ ଯାଇଥିବା ବେଳେ ଉଭୟ ମା'-ପୁଅଙ୍କ ଶବ ନାଳରେ ଭାସୁଥିବା ଦେଖିବାକୁ ପାଇଥିଲେ। ସେ ଦୁହିଁଙ୍କୁ ଉଦ୍ଧାର କରି ବ୍ରାହ୍ମଣପାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ତେବେ କେଉଁ ପରିସ୍ଥିତିରେ ଦୁହିଁଙ୍କର ମୃତ୍ୟୁ ହେଲା, ସେନେଇ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

# ଭାଇବୋହୂକୁ ହାଣିଦେଲା ଦେଢ଼ଶୁର

**କଲ୍ୟାଣସିଂହପୁର,୧୮।୭(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଧାମୁଣିପଙ୍ଗା ପଞ୍ଚାୟତର ଢେପାଗୁଡ଼ା ଗ୍ରାମରେ ଦେଢଶୁରର କୋଡ଼ି ଚୋଟରେ ଭାଇବୋହୂର ମୃତ୍ୟୁ ଘଟିଛି।

ପରିବାର ଲୋକଙ୍କ କହିବା ଅନୁଯାୟୀ, ଆଜି ସକାଳେ ବୈମାଝୀ ପ୍ରେପକା ନିଜ ବିଲକୁ କାମ କରିବାକୁ ଯାଇଥିଲେ। ତାଙ୍କ ସ୍ତ୍ରୀ ସୌଲେନ୍ଦ୍ରି ସାରକା (୩୫) ଘରେ ରୋଷେଇ କରୁଥିଲେ। ଦେଢ଼ଶୁର ଲତ୍ରା ପ୍ରେପକା (୬୦) ଧରିଥିବା କୋଡ଼ିରେ ଭାଇବୋହୂର ମୁଣ୍ଡରେ ଦୁଇ ଚୋଟ ମାରିଥିଲେ। ଫଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ରୋଷେଇ ଘରେ ପଡିରହିଥିଲା। ପ୍ରେପକା ଏହି ହତ୍ୟାକାଣ୍ଡ ବିଷୟରେ ପରିବାର ଲୋକଙ୍କୁ କହିଥିଲେ ମଧ୍ୟ ସେମାନେ ବିଶ୍ୱାସ କରି ନଥିଲେ। ତେବେ ସେ ବାରମ୍ବାର କହିବାରୁ ପିଲାମାନେ ଯାଇ ସୌଲେନ୍ଦ୍ରି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିରହିଥିବା ଦେଖିଥିଲେ।। ଖବର ପାଇ ସ୍ୱାମୀ ବୈମାଝୀ ଘଟଣାସ୍ଥଳରେ ପହଞ୍ଚି ସଙ୍ଗେ ସଙ୍ଗେ ରୋଗୀବୁହା ଗାଡି ଯୋଗେ ତାଙ୍କୁ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ଚିନ୍ମୟ ନାୟକ ପ୍ରାଥମିକ ଚିକିତ୍ସା କରି ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

**ଜମିବାଡ଼ି ବିବାଦ**

ପୂର୍ବରୁ ପରିବାର ମଧ୍ୟରେ ଜମିଜମା ଗଣ୍ଡଗୋଳ ଲାଗିରହିଥିଲା। ଆଜି ସକାଳୁ ବିଲରେ ଦୁଇ ଭାଇଙ୍କ ମଧ୍ୟରେ ବଚସା ହୋଇଥିଲା। ରାଗରେ ଆସି କୋଡ଼ି ଧରି ରଷେଇ ଘରେ ଭାଇବୋହୁକୁ ଆକ୍ରମଣ କରିଥିବା ଲତ୍ରା କହିଛନ୍ତି। ବୈମାଝୀ ପ୍ରେପକା ଶିକ୍ଷକତା କରୁଥିବା ବେଳେ ସ୍ତ୍ରୀ ସୌଲେନ୍ଦ୍ରି ସାରକା କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ସଦର ମହକୁମାରେ (ଏଏନ୍‌ଏମ) ମହିଳା ସ୍ୱାସ୍ଥ୍ୟ କର୍ମୀ ଭାବେ କାର୍ଯ୍ୟରତ। ଢେପାଗୁଡା ଗ୍ରାମରେ ପୁଲିସ ଅଧିକାରୀ ନୀଳକଣ୍ଠ ବେହେରା ପହଞ୍ଚି ତଦନ୍ତ ଚଳାଇଛନ୍ତି। ଭାଇବୋହୁର ମୃତ୍ୟୁ ଖବର ଶୁଣିବା ପରେ ନିଜେ ମାରିଥିବ କୋଡ଼ି ଧରି ଥାନାରେ ଦେଢଶୁର ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ସ୍ଥାନୀୟ ପୁଲିସ ରାୟଗଡା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରି ହତ୍ୟା ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।


**AFFIDAVIT**

Apana By virtue of an affidavit before the Notary Public, Titilagarh, on dated-02/07/2025. I, **Bigantha Kharsel,** aged about 57 years, S/o Late Pitho, resident of At/Po- Bhatipada, P.S. Titilagarh, Dist- Bolangir (Odisha) affirm that, my actual name is **Bigantha Kharsel,** S/o. Pitho which is mentioned in my Railway service record but in my Aadhar Card my name has been mentioned as **Biganath Kharsel**, S/o. Pita Kharsel instead of **Bigantha Kharsel,** S/o. Pitho. That, **Bigantha Kharsel**, S/o. Pitho and **Biganath Kharsel**, S/o. Pita Kharsel is same and one person. Henceforth, I shall be known as **Bigantha Kharsel**, S/o. Pitho for all future purposes.

**Bigantha Kharsel**

**IN THE COURT OF THE CIVIL JUDGE (SENIOR DIVISION) ANGUL**
**CIVIL SUIT NO: 195 /2020**
Kumudini Naik
Versus
Prabhakar Naik and others

**DRAFT NOTICE**
U/O 5, RULE 20 OF CIVIL PROCEDURE CODE.

To,
D.5. Sharat Naik, Aged about 45 years, Vill: Amantapur, P.O.: Bimalbeda, P.S: Jarpada, Dist: Angul
Bibhuti Behera, Aged about 40 years, Son of Late Niladri Behera, Vill: Amantapur, P.O.: Bimalbeda, P.S: Jarpada, Dist: Angul
Whereas the above named Plaintiff filed a suit for registration of a sale deed and other reliefsYou are hereby noticed to appear in this Court in person or by a pleader duly instructed and able to answer all material questions relating to the case, or who shall be accompanied by some persons able to answer all such questions, on the 03rd day of September 2025, at 10 ½ O' clock in the forenoon, to answer the claim if any; and directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set-off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter claim, you shall enter such documents in a list to be annexed to the written statement.
Take notice that, in default of your appearance on the day before mentioned, the suit will be heard and determined in your absence.
Given under my hand and the seal of the Court, this 11th day of July 2024.

**Sd/- Court of the Civil Judge (Sr. Divn) Angul**

**AFFIDAVIT**

I Arun Kumar Patra, S/o- Dibakar Patra, Village- Palusia, Po- Gopinathpur, Ps-Bhograi, Dist- Balasore declared by affidavit before Executive Magistrate, Bhograi, No. 2531/ 2025 that my daughter name as Hena Patra in her Birth and Matric certificate, that wrongly mentioned as Henarani Patra in Aadhar. Hena Patra and Henarani Patra is one & same person. Hence she shall be known as **Hena Patra** for all future purposes.

**AFFIDAVIT**

I, Manoj Kumar Samal, S/o- Dinabandhu Samal, resident of Plot No- 68, Sector-2, Niladri Vihar, Ps- Chandrasekarpur, Bhubaneswar, Pin- 751021, Dist- Khordha, Odisha declare by this affidavit No-1386, date- 14/07/2025 that now onwards I shall be known as **MANOJ SAMAL** for all future purposes.

**AFFIDAVIT**

By virtue of affidavit no . 8219 , sworn before Executive Magistrate, SADAR CUTTACK dated 18/07/2025, I, Jatadhari Sukula, S/o- Manu Sukula permanent resident of At/Po- NUAGARH, P.S-ASTARANGA, DIST-PURI, Odisha, Pin- 752109 declare that I have changed the name of my daughter from Rajshree Sukula to Rajashree Sukula. Henceforth she shall be known as **Rajashree Sukula** for all purpose.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, no.830, dtd. 18/07/ 2025, I, Sri Gedala Venkat, S/o- Sri G. Babu Rao, resident of R.K. Colony, Nabarangpur state that, my original name's spelling is **Gedala Venkat** but in my son **Gedila Rohit Kumar**'s PM Shri Kendriya Vidyala school record my name has been wrongly recorded as **Gedila Venkat** instead of **Gedala Venkat**. Hence **Gedila Venkat** and **Gedala Venkat** is one and same person.

**AFFIDAVIT**

By virtue of an affidavit sworn before The Notary Public, Titilagarh on dated- 15/07/2025. I, **Mamata Majhi** (new name), W/o- Laxman Majhi, Address: At- Sikuan, PO- Marlad, PS- Titilagarh, Dist- Balangir (Odisha), PIN- 767066 declare that I have changed my name from **Lovely Majhi** (old name) To **Mamata Majhi** (new name). Henceforth, I shall be known as **Mamata Majhi** (new name) for all future purposes.

**(Mamata Majhi)**

**ହସ୍ତଶିଳ୍ପୀ ଇନ୍କ୍ୟୁବେସନ୍ କାର୍ଯ୍ୟକ୍ରମ**
KIIT-Technology Business Incubator (KIIT-TBI), Bhubaneswar

ଓଡିଶାର Applique (ଚାନ୍ଦୁଆ), Hand Painting (ହସ୍ତଚିତ୍ର), Ceramics/Terracotta (ସେରାମିକ୍ସ/ଟେରାକୋଟା) ଓ Silver Filigree (ରୁପା ତାରକସି) ଶିଳ୍ପୀ ଙ୍କ ପାଇ KIIT-TBI ଏବଂ ବିକାଶ ଆୟୁକ୍ତ (ହସ୍ତଶିଳ୍ପ), ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର ଙ୍କର ମିଳିତ ଆନୁକୁଲ୍ୟ ରେ ଆୟୋଜିତ ହସ୍ତଶିଳ୍ପୀ ଇନ୍କ୍ୟୁବେସନ୍ କାର୍ଯ୍ୟକ୍ରମ ରେ ଚୟନ ପାଇ ଆବେଦନ କରନ୍ତୁ।

- ଚୟନ ତାରିଖ: ୨୨ ଜୁଲାଇ ୨୦୨୫
- ସ୍ଥାନ: କିଟ୍-ଟିବିଆଇ (KIIT-TBI), କ୍ୟାମ୍ପସ-୧୧, କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
- ପ୍ରତି କଳାରୁ କେବଳ ୫ ଜଣ ମହିଳା ଶିଳ୍ପୀଙ୍କୁ ଚୟନ କରାଯିବ
- Stipend: ଦିନକୁ ଟଙ୍କା ୫୦୦.୦୦
- ଅବଧି: ୨.୫ ମାସ - ସମ୍ପୂର୍ଣ୍ଣ ନି:ଶୁଳ୍କ ଏବଂ ଆବାସିକ କାର୍ଯ୍ୟକ୍ରମ
- ଆବେଦନ ଲିଙ୍କ: https://sfurti.kiitincubator.in/

ବିବରଣୀ ଇମେଲ୍ କରନ୍ତୁ: debashis@kiitincubator.in. ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ: 7751003502 / 9311429320


## ଅବଶିଷ୍ଟାଂଶ

### ପାସହାର ୯୦.୫୭%...

ବେଳେ ଛାତ୍ରଙ୍କ ୮୬.୧୬% ଓ ଛାତ୍ରୀଙ୍କ ୯୪.୦୯% ପାସହାର ରହିଛି। ସେହିପରି ବିଜ୍ଞାନରେ ୩୪୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୧୧ଜଣ ପାସ କରିଛନ୍ତି।

ମୋଟ୍ ପାସହାର ୮୯.୩୬% ଥିବା ବେଳେ ଛାତ୍ରଙ୍କ ୮୮.୩୪% ଏବଂ ଛାତ୍ରୀଙ୍କ ପାସହାର ୯୦.୮୪% ରହିଛି। ବାଣିଜ୍ୟରେ ୧୩୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୧ ଏବଂ ଧନ୍ଦାମୂଳକ ଶିକ୍ଷାରେ ୩୨ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୯ଜଣ କୃତକାର୍ଯ୍ୟ ହୋଇଛନ୍ତି। ଜଗତସିଂହପୁର ଜିଲାର ଶହେ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ ନୂଆପଡ଼ାରେ ସର୍ବନିମ୍ନ ୩୩.୩୩ ପ୍ରତିଶତ ପିଲା ପାସ୍ କରିଥିବା ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି।

### ତିନି ତଦନ୍ତକାରୀ...

ତଦନ୍ତ ଆଜି ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଅନୁସନ୍ଧାନର ନିର୍ଯ୍ୟାସ କ'ଣ ବାହାରିବ, ସେନେଇ ସାଧାରଣରେ ଉତ୍କଣ୍ଠା ବଢ଼ି ଚାଲିଥିବା ବେଳେ ଏହି ଘଟଣା ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସଂଶ୍ଳିଷ୍ଟ ଅନ୍ୟ ଅଭିଯୁକ୍ତଙ୍କ ଉପରୁ କେବେ ପରଦା ଉଠିବ, ସେନେଇ ଆଲେଚନା ଜୋର୍ ଧରିଛି।

ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଥିବା କ୍ରାଇମ୍‌ବ୍ରାଞ୍ଚର ଗୋଟିଏ ଟିମ୍ ଆଜି ସୌମ୍ୟାଶ୍ରୀଙ୍କ ପୈତୃକ ବାସଭବନକୁ ଯାଇ ତାଙ୍କ ପରିବାର ସଦସ୍ୟଙ୍କ ବୟାନ ରେକର୍ଡ କରିଥିବା ବେଳେ ଅନ୍ୟ ଏକ ଟିମ୍ କଲେଜ କ୍ୟାମ୍ପସ୍‌ରେ ପୀଡ଼ିତା ଛାତ୍ରୀଙ୍କ ସହପାଠୀମାନଙ୍କୁ ଡାକି ପଚରାଉଚରା କରିଛି।

ଅନ୍ୟପକ୍ଷରେ ଘଟଣାର ପୁଙ୍ଖାନୁପୁଙ୍ଖ ରିପୋର୍ଟ ସଂଗ୍ରହ କରିବା ପାଇଁ ଦିଲ୍ଲୀରୁ ୟୁଜିସିର ଚାରିଜଣିଆ ଏକ ଫ୍ୟାକ୍ଟଫାଇଣ୍ଡିଂ ଟିମ୍ ଆଜି ବାଲେଶ୍ୱରରେ ପହଞ୍ଚିଛି। କମିଟି ଅଧ୍ୟକ୍ଷ ପ୍ରଫେସର୍ ରାଜକୁମାର ମିତ୍ତଲଙ୍କ ନେତୃତ୍ୱରେ ସଦସ୍ୟା ପ୍ରଫେସର୍ସୁ କ୍ଷମା ଯାଦବ, ଡ. ନିରୋଜ ଗୁପ୍ତା, ୟୁଜିସିର ଯୁଗ୍ମସଚିବ ତଥା କମିଟିର ସଂଯୋଜକ ଡ. ଅସୀମା ମଙ୍ଗଲା ପ୍ରମୁଖ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜକାନ୍ତ ପାଢ଼ୀଙ୍କ ସହ ମାମଲାର ବିଭିନ୍ନ ଦିଗକୁ ନେଇ ଆଲେଚନା କରିଛନ୍ତି। ଏହାସହ ସୌମ୍ୟାଶ୍ରୀଙ୍କୁ ନିର୍ଯାତନା ଘଟଣା ବାବଦରେ ତଥ୍ୟ ସଂଗ୍ରହ କରିବା ସହ ଆତ୍ମାହୁତିର ବିଭିନ୍ନ ଦିଗ ଉପରେ ରିପୋର୍ଟ ସଂଗ୍ରହ କରିଛନ୍ତି। ସେହିପରି ପୀଡ଼ିତା ଛାତ୍ରୀଙ୍କ ସହପାଠୀମାନଙ୍କ ସହ ଆଲୋଚନା କରି ତଥ୍ୟ ସଂଗ୍ରହ କରିବା ସହ ଆଗକୁ ଏଭଳି ସମ୍ବେଦନଶୀଳ ଘଟଣା ଯେମିତି ନଘଟିବ, ସେନେଇ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର୍ ପାଢ଼ୀଙ୍କ ସହ ଆଲୋଚନା କରିଛନ୍ତି। ଆସନ୍ତାକାଲି ଏହି ଟିମ୍‌ର ସଦସ୍ୟମାନେ ଦୁଇ ଭାଗରେ ବିଭକ୍ତ ହୋଇ ପୃଥକ୍ ପୃଥକ୍ ସ୍ଥାନରୁ ତଥ୍ୟ ସଂଗ୍ରହ କରିବେ। ଗୋଟିଏ ଟିମ୍ ସୌମ୍ୟାଶ୍ରୀଙ୍କ ପରିବାର ସଦସ୍ୟଙ୍କ ବୟାନ ରେକର୍ଡ କରିବାକୁ ଯିବ। ଅନ୍ୟ ଟିମ୍ କଲେଜ କ୍ୟାମ୍ପସ୍‌ର ଅନ୍ୟ ଦିଗ ଉପରେ ତଦନ୍ତ କରିବେ।

ସେହିପରି ଉଚ୍ଚଶିକ୍ଷା ବିଭାଗର ଆଉ ଏକ ଉଚ୍ଚସ୍ତରୀୟ କମିଟି ଆଜି ଅପରାହ୍ଣରେ ଆସି କଲେଜରେ ପହଞ୍ଚି ଘଟଣାର ଅନ୍ୟ ଦିଗ ଉପରେ ତଦନ୍ତକୁ ଆଗକୁ ବଢ଼ାଇଛନ୍ତି। କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ସଦସ୍ୟମାନଙ୍କୁ ଗୋଟି ଗୋଟି କରି ପଚରାଉଚରା କରିଛନ୍ତି। ତେବେ କମିଟିର ସଦସ୍ୟ ଥିବା ତିନିଜଣ ଛାତ୍ରୀ ଆଜି ତଦନ୍ତରେ ସାମିଲ ହୋଇନାହାନ୍ତି। ଏହା ତଦନ୍ତକାରୀ କମିଟି ଓ କଲେଜ କର୍ତ୍ତୃପକ୍ଷଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଡ. କାଳୀପ୍ରସନ୍ନ ମହାପାତ୍ରଙ୍କ ନେତୃତ୍ୱରେ ଗଠିତ ଏହି ଟିମ୍‌ରେ ବିଭାଗୀୟ ଯୁଗ୍ମ ସଚିବ ଡ. ମୌସୁମୀ ନାୟକ ଏବଂ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର୍ ଝୁମକି ରଥ ସାମିଲ ଅଛନ୍ତି। ସେମାନେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି)ର ସଦସ୍ୟ ସଦସ୍ୟାମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା ଆଲୋଚନା କରିଥିବା ଜଣାପଡ଼ିଛି। ଆସନ୍ତାକାଲି ଟିମ୍ ଘଟଣାର ଅନ୍ୟ ଦିଗ ଉପରେ ତଦନ୍ତ କରିବ ବୋଲି ଜଣାପଡ଼ିଛି। ଅପରପକ୍ଷେ, ପୀଡ଼ିତାଙ୍କୁ ଆତ୍ମଦାହ ଭଳି ଜଘନ୍ୟ ନିଷ୍ପତ୍ତି ପାଇଁ ପ୍ରବର୍ତ୍ତାଇଥିବା ବ୍ୟକ୍ତିବିଶେଷ ଏବଂ ଏଭଳି ସମ୍ବେଦନଶୀଳ ଘଟଣାକୁ ଚାପି ଦେବାକୁ ରହିଥିବା ଅଦୃଶ୍ୟ ଚାପ ଆଦି ଉପରୁ ତିନିଟି ଯାକ ତଦନ୍ତକାରୀ ଟିମ୍ କେମିତି ପରଦାଉଠାଉଛନ୍ତି, ତାହା ସର୍ବିଙ୍କ ଅପେକ୍ଷାରେ ରହିଛି। ଏଜେନ୍ସିଗୁଡ଼ିକର ତଦନ୍ତ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସ୍ଥିରୀକୃତ ହେବ ବୋଲି ସୂଚନା ମିଳିଛି।

### ହେଲ୍ପଲାଇନ ନମ୍ବର...

ହେଲ୍ପଲାଇନ ନମ୍ବର ପ୍ରଦର୍ଶନ କରାଯିବ। ଏଥିପାଇଁ ବିଭାଗ ପକ୍ଷରୁ ସମସ୍ତ କୁଳସଚିବ ଓ ଅଧ୍ୟକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଓ ପ୍ରତିକାର ) ଅଧିନିୟମ, ୨୦୧୩ ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ଏହାସହ ଛାତ୍ରୀଙ୍କ ସୁରକ୍ଷା ପାଇଁ ବିଭିନ୍ନ ସଚେତନତା କର୍ମଶାଳା ହେବ। କର୍ମଶାଳାରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟ ଉପସ୍ଥିତ ରହିବେ। କର୍ମଶାଳାର ବିସ୍ତୃତ ବିବରଣୀ ୩ଦିନ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିବାକୁ କୁହାଯାଇଛି।

### ୬୪ କୋଟିର...

ସୂଚନାଯୋଗ୍ୟ ଯେ କମିସନି କାରବାର ଅଭିଯୋଗ ଆସିବା ପରେ ୧୯୮୭ରେ ଜେପିସି ତଦନ୍ତ ଆରମ୍ଭ ହେଲା। ୧୯୮୯ରେ ହୋଇଥିବା ଲୋକସଭା ନିର୍ବାଚନରେ ବୋଫର୍ସ ବିବାଦ ଘେରରେ ଥିବା ରାଜୀବ ଗାନ୍ଧୀ ସରକାରର ପତନ ଘଟିଥିଲା ଏବଂ ଭିପି ସିଂହ ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୯୦ରେ ସିବିଆଇ ଏହି ମାମଲାରେ ଏଫ୍‌ଆଇଆର ଦାଖଲ କରିଥିଲା। ୧୯୯୯ରେ ପ୍ରଥମ ଚାର୍ଜସିଟ୍ ଦାଖଲ ହୋଇଥିଲା। ଏଥିରେ ୱିନ୍ ଚଢ଼ା, ମଧ୍ୟସ୍ଥି ସାଜିଥିବା କ୍ୱାତ୍ରୋଚି, ପ୍ରତିରକ୍ଷା ସଚିବ ଭଟନାଗର ଏବଂ ବୋଫର୍ସ କଂପାନୀର ନାମ ଥିଲା। ୨୦୦୪ରେ ଦିଲ୍ଲୀର ଏକ କୋର୍ଟ ପ୍ରମାଣ ଅଭାବରୁ ରାଜୀବ ଗାନ୍ଧୀଙ୍କ ନାମ ବାଦ୍ ଦେଇଥିଲା। ୨୦୦୬ରେ ଭାରତ ସରକାରଙ୍କ ଅନୁରୋଧ କ୍ରମେ କ୍ୱାତ୍ରୋଚିଙ୍କୁ ଆର୍ଜେଣ୍ଟିନାରେ ଅଟକ ରଖାଯାଇଥିଲା। କିନ୍ତୁ ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ପ୍ରତ୍ୟର୍ପଣ ଚୁକ୍ତି ନଥିବାରୁ କ୍ୱାତ୍ରୋଚିଙ୍କୁ ମୁକ୍ତ କରାଯାଇଥିଲା। ଶେଷରେ ୨୦୧୧ରେ ଦିଲ୍ଲୀର ସିବିଆଇ କୋର୍ଟ ଏହି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। କୋର୍ଟ କହିଥିଲେ ଯେ କ୍ୱାତ୍ରୋଚିଙ୍କ ପ୍ରତ୍ୟର୍ପଣ ପାଇଁ ସରକାରୀ ତହବିଲରୁ ୨୫୦ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଲାଣି। ଆଉ ଅଧିକ ଖର୍ଚ୍ଚ କରାଯିବା ସମ୍ଭବ ନୁହେଁ। ୧୯୯୩ରୁ ଭାରତ ଛାଡ଼ି ପଳାଇଥିବା କ୍ୱାତ୍ରୋଚିଙ୍କୁ ଆଉ ଅଣାଯାଇପାରିନଥିଲା।

## ମଣିଜଙ୍ଗ ସ୍କୁଲ ଛାତ୍ରକୁ ମାଡ଼ ମାରିବା ଘଟଣା

# ନିଲମ୍ବନ ପରେ ଜେଲ୍‌ଗଲେ ଶିକ୍ଷୟିତ୍ରୀ

ନିଶ୍ଚିନ୍ତକୋଇଲି,୧୮।୭(ସମିସ)

ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ମଣିଜଙ୍ଗ ପଞ୍ଚାୟତରେ ଥିବା ଭଗବତୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରକୁ ମାଡ଼ ମାରିବା ଘଟଣାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ତନୁପ୍ରିୟା ପୃଷ୍ଟି ଗୁରୁବାର ଦିନ ତାଙ୍କ ଚାକିରୀରୁ ନିଲମ୍ବିତ ହୋଇଥିଲେ। ଛାତ୍ରଙ୍କ ପରିବାର ପକ୍ଷରୁ ଥାନାରେ ମାମଲା ରୁଜୁ କରାଯାଇଥିବାରୁ ଶୁକ୍ରବାର ସକାଳେ କିଶୋରନଗର ଥାନା ପୁଲିସ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଜାମିନ୍ ନାମଞ୍ଜୁର ହେବାରୁ ଏବେ ଶିକ୍ଷୟିତ୍ରୀ ଜଣକୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଥିବା ପୁଲିସ ସୂତ୍ରରୁ ଜଣାଯାଇଛି। ବିଶୃଙ୍ଖଳିତ ଛାତ୍ରକୁ ଆକଟ କରିବାକୁ ଯାଇ ଶିକ୍ଷୟିତ୍ରୀ ଜଣକ ୪ଜଣ ଛାତ୍ରକୁ ଦୁଇ ପାହାର ଲେଖାଏଁ ମାଡ଼ ମାରିଥିଲା ବେଳେ ତିନି ଜଣ ଛାତ୍ର ଅଭିଭାବକ ଏଭଳି ଘଟଣା ପ୍ରତି କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥିଲା ବେଳେ ଜଣେ ଛାତ୍ର ଶିକ୍ଷୟିତ୍ରୀଙ୍କ ନାମରେ ସରକାରଙ୍କ ପକ୍ଷରୁ ନୂତନ ଭାବେ ପ୍ରଣୟନ କରାଯାଇଥିବା ଷ୍ଟୁଡେଣ୍ଟ ହେଲପଲାଇନ ନଂରେ ଅଭିଯୋଗ କରିବାରୁ ଏଭଳି ଘଟଣା ଘଟିଥିବା ଜଣାଯାଇଛି। ଛାତ୍ରଙ୍କୁ ଆକଟ କରି ଶୃଙ୍ଖଳିତ କରିବା ପାଇଁ ମାଡ଼ ଦେଇ ତାଗିଦ୍ କରିବାରୁ ଶିକ୍ଷୟିତ୍ରୀଙ୍କର ଏଭଳି ଅବସ୍ଥା ହୋଇଥିବା ନେଇ ଆଲୋଚନା ହେଉଛି। ଶିକ୍ଷୟିତ୍ରୀ ଓ ଛାତ୍ରୀଙ୍କ ମଧ୍ୟରେ ଏହି ସାମାନ୍ୟ ଘଟଣାକୁ କେନ୍ଦ୍ର କରି ମଣ୍ଡଳ ଶିକ୍ଷାଧିକାରୀ ଏବଂ କିଶୋରନଗର ଥାନା ପୁଲିସ ପକ୍ଷରୁ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ଉପରେ ଏଭଳି କଠୋର ଦଣ୍ଡ ବିଧାନ କରାଯାଇଥିବାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷକ ସମାଜ ଏଭଳି ଘଟଣାରେ ସ୍ତବ୍ଧ ହୋଇଥିଲା ବେଳେ ବିଦ୍ୟାଳୟରେ ଶିକ୍ଷକ ଓ ଛାତ୍ରଙ୍କ ମଧ୍ୟରେ କିଭଳି ମନୋଭାବ ରଖି ଶିକ୍ଷାଦାନ କରିବାକୁ ହେବ ସେ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଶିକ୍ଷୟିତ୍ରୀ ଜଣକ ଛାତ୍ରକୁ ମାଡ଼ ମାରି ଚାକିରିରୁ ନିଲମ୍ବନ ହୋଇଥିବା ବେଳେ ତାଙ୍କ ଘର ପାଖରୁ ୨୫ କିଲୋମିଟର ଦୂରରେ ଥିବା ରାମକୃଷ୍ଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଙ୍କୁ କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦିଆଯିବା ଏବଂ ପୁଲିସ ପକ୍ଷରୁ ଥାନାରେ ମାମଲା ରୁଜୁ କରାଯାଇ ଶିକ୍ଷୟିତ୍ରୀଙ୍କୁ ଚୌଦ୍ୱାର ଜେଲ ପଠାଇ ଦିଆଯିବାକୁ ନେଇ ପ୍ରଶାସନ ଓ ପୁଲିସ ଏହି ବ୍ଲକରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଯଦି ଏଭଳି ଦଣ୍ଡ ଦିଆଯାଇପାରୁଛି ତା'ହେଲେ ଏହି ବ୍ଲକରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏଥର ସେମାନଙ୍କର ସୀମାରେଖା ମଧ୍ୟରେ ରହି କାର୍ଯ୍ୟ କରିବେ ବୋଲି ଏକ ଭଲ ଶିକ୍ଷା ଲାଭ କଲେ ବୋଲି ଆଲୋଚନା କରୁଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ



ଚୌଦ୍ୱାର,୧୮।୭(ସମିସ): ଚୌଦ୍ୱାର ଅବସରପ୍ରାପ୍ତ ଶିକ୍ଷକ ସଂଘର ୧୮ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ନରହରି ନାୟକଙ୍କ ଅଧ୍ୟକ୍ଷତାରେ ଜନ୍ମେଜୟ ସ୍କୁଲ ପରିସରସ୍ଥ ଶିକ୍ଷକ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ସାହୁ ଏଥିରେ ଅତିଥିଭାବେ ଯୋଗ ଦେଇଥିଲେ। ବ୍ରଜେନ୍ଦ୍ର ନାୟକ, ପ୍ରଭାତୀ ପଟ୍ଟନାୟକ, ନିକୁଞ୍ଜ ବିହାରୀ ପଣ୍ଡା, ପବିତ୍ର ଜେନା, ଉତ୍ତମ ସ୍ୱାଇଁ, କ୍ଷେତ୍ରମୋହନ ଜଟ ପ୍ରମୁଖ ସଂଘର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ସୁଭାଷଚନ୍ଦ୍ର ମିଶ୍ର ଏବଂ ପ୍ରତିଷ୍ଠାତା ସମ୍ପାଦକ ସୁକାନ୍ତ ମହାନ୍ତିଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶିକ୍ଷକ ହରିହର ମହାରଣା, ବୀଣାପାଣି ମହାପାତ୍ର ଓ ପ୍ରଧାନଶିକ୍ଷୟିତ୍ରୀ ମିନତୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ପ୍ରମୋଦ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଜୟକୃଷ୍ଣ ସ୍ୱାଇଁ ବିବରଣୀ ପାଠ କରିଥିଲେ। ଶିବପ୍ରସାଦ ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପୂର୍ଣ୍ଣଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ।

## ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା

## ୧୦୦ ଚାଷୀଙ୍କୁ ମିଳିବ ଗାଈ

ନିଶ୍ଚିନ୍ତକୋଇଲି,୧୮।୭(ସମିସ): ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ନିଶ୍ଚିନ୍ତକୋଇଲି ଅଞ୍ଚଳର ୭୦ ଶତକଡ଼ା ରିହାତିରେ ୧୦୦ ଜଣ ଚାଷୀଙ୍କୁ ଗାଈ ଯୋଗାଇ ଦିଆଯିବ ବୋଲି ସ୍ଥିର ହୋଇଛି। ପ୍ରତ୍ୟେକ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ଏହି ବାବଦରେ ୟୁନିଅନ ବ୍ୟାଙ୍କ୍ ନିଶ୍ଚିନ୍ତକୋଇଲି ଶାଖା ପକ୍ଷରୁ ୨ ଲକ୍ଷ ୩୦ ହଜାର ଟଙ୍କା ଋଣ ଯୋଗାଇ ଦିଆଯିବ। ଏହି ଅର୍ଥରେ ଚାଷୀ ଗାଈ କିଣିବା ପରେ ସରକାରଙ୍କ ପକ୍ଷରୁ ତାଙ୍କୁ ୧ ଲକ୍ଷ ୬୧ ହଜାର ୨୮୦ ଟଙ୍କା ରିଆତି ଦିଆଯିବ ବୋଲି ଜଣାଯାଇଛି।



ଏହି ରିଆତି ଋଣ ସଂକ୍ରାନ୍ତ ଏକ ଗୋ ଚାଷୀ ସଚେତନତା କାର୍ଯ୍ୟକ୍ରମ ବୁହାଳ ପଞ୍ଚାୟତ ସାଧକନଗରଠାରେ ଥିବା ଓମଫେଡ଼ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଛି। କେନ୍ଦ୍ର ପରିଚାଳକ ସାରଙ୍ଗଧର ସାହୁ ଓ ସନ୍ତୋଷ କୁମାର ସାହୁଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ କଟକ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ସୁଶାନ୍ତ ନାୟକ, ସମ୍ମାନୀତ ଅତିଥି ଭାବେ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ.ପ୍ରକାଶ କୁମାର ବେହୁରା ଏବଂ ଡ଼ଃ ସୁଦିପ୍ତା ସାହୁ, ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ନିଶ୍ଚିନ୍ତକୋଇଲି ଶାଖା ପରିଚାଳକ ଦେବବ୍ରତ ସାହୁ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ସରକାରଙ୍କ ପକ୍ଷରୁ ଗୋ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସବସିଡ ଲୋନ୍ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସଚେତନ କରାଇଥିଲେ। ସରକାରଙ୍କର ଏହି ଯୋଜନାରେ ସମ୍ପୃକ୍ତି ହୋଇ ଗୋ ଚାଷୀମାନେ ସ୍ୱରୋଜଗାରକ୍ଷମ ହେବା ପାଇଁ ଏଥିରେ ଚାଷୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଦୁଗ୍ଧ ଶୀତଳୀକରଣ କେନ୍ଦ୍ରର ସମ୍ପାଦକ ରବୀନ ସାହୁ, ସଭାପତି ସବିତା ସାହୁ, ବିଷ୍ଣୁଚରଣ ବାରିକ, ସୁବାଷ ସେଠୀ, ବିଶ୍ୱଜିତ୍ ଦାସ, ଆଶିଷ ନାୟକ, ରମେଶ ରାଉତ ପ୍ରମୁଖ ପରିଚାଳନା କରିଥିଲେ। ଗୋଚାଷୀ ମନୋରମା ବରାଳ, ରତ୍ନାକର ବେହେରା, ଲୋକନାଥ ସାମଲ, ରବୀନ୍ଦ୍ର ମଳିକ ଓ ରବୀନ୍ଦ୍ର ଭଟ୍ଟ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## କିରୋସିନ୍ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିବା କଲେଜ ଛାତ୍ରୀଙ୍କ ମୃତ୍ୟୁ

ବଡମ୍ବା,୧୮।୭(ସମିସ): ପ୍ରେମବ୍ୟାପାରକୁ ନେଇ ଗୁରୁବାର ବଡମ୍ବା ବ୍ଲକ ଅଧୀନ ସାନବାରସିଂ ଗ୍ରାମର ଦୁର୍ଯ୍ୟୋଧନ ସ୍ୱାଇଁଙ୍କ ଝିଅ ମନୀଷା ସ୍ୱାଇଁ (୧୮) ଦେହରେ କିରୋସିନ ଢାଳି ଆତ୍ମହତ୍ୟା କରିବାକୁ ଉଦ୍ୟମ କରି ଗୁରୁତର ଅବସ୍ଥାରେ କଟକ ବଡଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁବରଣ କରିଛନ୍ତି। ଆଜି ଅପରାହ୍ନରେ ମୃତ ମନୀଷାଙ୍କ ପିତା ଦୁର୍ଯ୍ୟୋଧନ ସ୍ୱାଇଁଙ୍କ ଅଭିଯୋଗକୁ କେନ୍ଦ୍ର କରି ବଡମ୍ବା ଥାନା କେସ ନମ୍ବର ୧୩୫/୨୫ରେ ଏକ ମାମଲା ରୁଜୁ କରାଯାଇଥିବା ବଡମ୍ବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି। ତେବେ ସମ୍ପୃକ୍ତ ଘଟଣାରେ ଜଡିତ ଯୁବକଙ୍କୁ ତୁରନ୍ତ ଗିରଫ କରିବା ନେଇ ସାନବାରସିଂ ଗ୍ରାମର ଗ୍ରାମବାସୀ ଶୁକ୍ରବାର ବିଳମ୍ବିତ ରାତିରେ କଟକ-ନରସିଂହପୁର ମୁଖ୍ୟରାସ୍ତା ଅବରୋଧ କରି ପ୍ରତିବାଦ କରିଛନ୍ତି। ଘଟଣାସ୍ଥଳରେ ବଡମ୍ବା ପୁଲିସ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି।

**ସମ୍ପୃକ୍ତ ଯୁବକଙ୍କୁ ଗିରଫ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକ**



ସୂଚନା ଅନୁସାରେ, ମନୀଷା ସ୍ୱାଇଁ ସେହି ଗ୍ରାମର ଜଣେ ଯୁବକଙ୍କୁ ଭଲ ପାଉଥିଲେ। ଏନେଇ ପରିବାର ପକ୍ଷରୁ ବିଭିନ୍ନ ସମୟରେ ଝିଅକୁ ଏ ସମ୍ପର୍କରେ ବାରଣ କରାଯାଇଥିଲା। ଫଳରେ ଗୁରୁବାର ଅପରାହ୍ନ ସମୟରେ ଘରେ ଏକୁଟିଆ ଥିବା ବେଳେ ସେ କୌଣସି କଥାକୁ ନେଇ ନିଜ ଦେହରେ କିରୋସିନ ଢାଳି ହୋଇ ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବଡମ୍ବା ମେଡିକାଲକୁ ଚିକିତ୍ସା ପାଇଁ ପଠାଯାଇଥିବା ବେଳେ ସେଠି ଅବସ୍ଥା ସଂକଟାପନ୍ନ ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

## ଆସିଲା ସୁଶୋଭିତାଙ୍କ ବ୍ୟବଚ୍ଛେଦ ରିପୋର୍ଟ

## ହତ୍ୟା ନୁହେଁ, ଆତ୍ମହତ୍ୟା କରିଥିବା ସ୍ପଷ୍ଟ

କଣ୍ଟାପଡା,୧୮।୭(ସମିସ): ଚଳିତ ମାସ ୮ ତାରିଖରେ ଗୋବିନ୍ଦପୁର ଥାନା ଅଞ୍ଚଳର ଏକ ମହାବିଦ୍ୟାଳୟରେ କେନ୍ଦୁଝର ଜିଲ୍ଲା ଘଷିପୁରା ଅଞ୍ଚଳର ସୁଶୋଭିତା ସାହୁ ପ୍ରାଣୀ ବିଜ୍ଞାନ ବିଭାଗରେ ପିଜି କରୁଥିଲେ। ଛାତ୍ରୀ ରହୁଥିବା ଏକ ଭଡା ଘର ଗାଧୁଆ ଘରୁ ଝୁଲନ୍ତା ଅବସ୍ଥାରେ ଗୋବିନ୍ଦପୁର ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନାକୁ ପଠେଇଥିଲା। ଏନେଇ ଛାତ୍ରୀଙ୍କ ବାପା ଅଚ୍ୟୁତାନନ୍ଦ ସାହୁ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟରେ ଏହା ହତ୍ୟା ନୁହେଁ ଆତ୍ମହତ୍ୟା ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସଦର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସ୍ପଷ୍ଟ କରିଛନ୍ତି। ଛାତ୍ରୀ ଜଣଙ୍କ ପ୍ରେମ ସଂପର୍କକୁ ନେଇ ଆତ୍ମହତ୍ୟା କରିଥିବା ବେଳେ ଫୋନର ସମସ୍ତ ତଥ୍ୟ ଏବେ ମଧ୍ୟ ତଦନ୍ତାଧୀନ ଥିବା ଶ୍ରୀ ହେମ୍ବ୍ରମ ସୂଚନା ଦେଇଛନ୍ତି।

## ଧରାପଡ଼ିଲା ମୋବାଇଲ ଚୋର

ନିଶ୍ଚିନ୍ତକୋଇଲି,୧୮।୭(ସମିସ): ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟ ଅସୁରକ୍ଷିତ ରହିଛି। ପ୍ରତ୍ୟେକ ହାଟ ପାଳିରେ ଚୋରମାନଙ୍କର ପ୍ରାଦୁର୍ଭାବ ବଢୁଛି। ଦୀର୍ଘ ଦିନ ଏହି ସାପ୍ତାହିକ ହାଟରୁ ସାଇକଲ, ବାଇକ, ମୋବାଇଲ ଚୋରି ହେଉଥିବା ବେଳେ ପକେଟ୍ ମାର୍ ହୋଇ ଟଙ୍କା ମଧ୍ୟ ଲୁଟ୍ ହେବାର ବିଭିନ୍ନ ସମୟରେ ଅଭିଯୋଗ ହୋଇଛି; ହେଲେ ଏଥିପ୍ରତି ନିଶ୍ଚିନ୍ତକୋଇଲି ପୁଲିସ ପକ୍ଷରୁ ସେଭଳି ଆଖିଦୃଷ୍ଟିଆ ପଦକ୍ଷେପ ନିଆଯାଉ ନ ଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରୁ କମ ବୟସର ପିଲାମାନେ ଆସି ଏଠାରୁ ଚୋରି କରୁଛନ୍ତି। ଏହି ପିଲା ଚୋରଙ୍କ ପଛରେ ବଡ଼ ର୍‌ୟାକେଟ୍ ରହିଥିବା ଜଣାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ନିଶ୍ଚିନ୍ତକୋଇଲି ଥାନା ଅଧୀନସ୍ଥ ସାଙ୍କିଲୋ ଗ୍ରାମର ବିଷ୍ଣୁଚରଣ ନାୟକ ହାଟରୁ ଆଳୁ କିଣୁଥିବା ବେଳେ ତାଙ୍କ ଉପରେ ପକେଟରେ ରଖିଥିବା ଏକ ଦାମୀ ମୋବାଇଲକୁ ଜଣେ ପିଲା ଚୋର ଚୋରି କରୁଥିବା ବେଳେ ସେ ଧରି ପକାଇଥିଲେ। ଏହା ପୂର୍ବରୁ ବାଲିଆପଦା ଗ୍ରାମର ପ୍ରତାପରୁଦ୍ର ବାରିକଙ୍କ ଠାରୁ ମଧ୍ୟ ସେହି ପିଲାଟି ଏକ ଦାମୀ ମୋବାଇଲ ଚୋରି କରି ପାଖରେ ରଖିଥିଲା। ଚୋର ଧରାପଡ଼ିବା ପରେ ବହୁ ଲୋକ ରୁଣ୍ଡ ହୋଇ ଥାନାକୁ ଖବର ଦେବାରୁ ପୁଲିସ ଆସି ସମ୍ପୃକ୍ତ ଚୋରକୁ ଥାନାକୁ ନେଇ ପଚରାଉଚରା କରୁଛି। ମୋବାଇଲ ଚୋରି କରୁଥିବା ଏହି ପିଲାଟିର ଘର ବିହାର ରାଜ୍ୟ ଭାଗଲପୁରଠାରେ ହୋଇଥିବା ବେଳେ ସେ ବହୁଦିନ ହେବ ପାଗା ଅଞ୍ଚଳରେ ତାଙ୍କ ଭାଇ ଓ ମାଆ ସହିତ ରହୁଥିବା ଜଣାଯାଇଛି। ବାପା ରାଜେଶ ମାଥୁର ମୃତ୍ୟୁବରଣ କରିଥିବାରୁ ମା' ରୀତା ଦେବୀ ସହିତ ସେ ରହୁଥିବା ଜଣାଯାଇଛି। ପୁଲିସ ଉକ୍ତ ଘଟଣାର ତଦନ୍ତ କରି ଏହା ପଛରେ ଥିବା ମୋବାଇଲ ଚୋର ର୍‌ୟାକେଟକୁ ସଠିକ୍ ଭାବେ ଧରିପାରିଲେ ଏହି ହାଟରୁ ପୂର୍ବରୁ ଚୋରି ହୋଇଥିବା ଶହ ଶହ ମୋବାଇଲ, ବାଇକ ଓ ସାଇକଲ ମିଳିପାରନ୍ତା ବୋଲି ଲୋକମାନଙ୍କ ମଧ୍ୟରେ ଆଲୋଚନା ହେଉଛି।

## ଦୁଇ ଗାଈ ଓ ବାଛୁରି ଜୀବନ୍ତ ଦଗ୍ଧ

ଭଦ୍ରେଶ୍ୱର,୧୮।୭(ସମିସ): ମାହାଙ୍ଗା ବ୍ଲକ ମଉଦା ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ଗୋଟିଏ ଗୁହାଳରେ ଆକସ୍ମିକ ଭାବେ ଅଗ୍ନିକାଣ୍ଡ ଘଟି ଦୁଇଟି ଗାଈ ଓ ଗୋଟିଏ ବାଛୁରୀ ଜୀବନ୍ତ ଦଗ୍ଧ ହୋଇଛନ୍ତି। ସୂଚନା ମୁତାବକ, ମଉଦା ଗ୍ରାମର ମଲ୍ଲି ସ୍ୱାଇଁଙ୍କ ଗୁହାଳରେ ଗୁରୁବାର ବିଳମ୍ବିତ ରାତ୍ରରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଏହି ଅଗ୍ନିକାଣ୍ଡରେ ଏତେ ତୀବ୍ର ଥିଲା ଯେ ଗୁହାଳ ଘରେ ବନ୍ଧା ହୋଇଥିବା ୨ଟି ଗାଈ ଓ ଗୋଟିଏ ବାଛୁରି ଜୀବନ୍ତ ଜଳି ଯାଇଥିଲେ। ଅପରପକ୍ଷେ ଏହି ଗୁହାଳରେ ଥିବା ୩ଟି ଛେଳିକୁ ମଧ୍ୟ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଛି।

## ପୋଖରୀ ବିଲ୍ ଅର୍ଥ ନ ମିଳିଲେ ସରପଞ୍ଚଙ୍କ ଆତ୍ମାହୁତି ଧମକ

କନ୍ଦରପୁର,୧୮।୭(ସମିସ): କଟକ ସଦର ବ୍ଲକ ଅନ୍ତର୍ଗତ ଆୟତପୁର ପଞ୍ଚାୟତର ଦାମୋଦରପୁରଠାରେ ଖୋଳାଯାଇଥିବା ଏକ ପୋଖରୀର ବିଲ୍‌କୁ ବ୍ଲକ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରି ପ୍ରଦାନ କରୁ ନ ଥିବା ସରପଞ୍ଚ ରାକେଶ ବେହେରା ଅଭିଯୋଗ କରିଛନ୍ତି। ବାରମ୍ବାର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଭେଟି ବିଲ୍ ସଂପର୍କରେ ଯେତେ କହିଲେ ବି ତାହା ଫଳପ୍ରଦ ନ ହେବା କାହା ଚାପରେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବନ୍ଧା ଛନ୍ଦା ପକାଇ ପୋଖରୀ ଖୋଳି ମୂଲିଆ, ଟ୍ରାକ୍ଟର ଜେସିବି ପଇସା ଦେଇପାରୁ ନ ଥିବାରୁ ସରପଞ୍ଚ ସାଧାରଣରେ ଅପମାନିତ ହେଉଥିବା ଅଭିଯୋଗ କରିଛନ୍ତି। ଯଦି ଉକ୍ତ ପୋଖରୀ ବିଲ୍ ସାତ ଦିନ ଭିତରେ ପ୍ରଦାନ କରା ନ ଯାଏ ତେବେ ବ୍ଲକ୍ ପରିସରରେ ବିଡିଓଙ୍କ ସାମନାରେ ଆତ୍ମାହୁତି ଦେବେ ବୋଲି ସରପଞ୍ଚ ରାକେଶ ବେହେରା ଲିଖିତ ଜଣାଇଛନ୍ତି। ଏଥିସହିତ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନକୁ ମଧ ଲିଖିତ ଜଣାଇଥିବା ଜଣାପଡିଛି।

## ଆହତ ହରିଣ ଉଦ୍ଧାର



ନରସିଂହପୁର,୧୮।୭(ସମିସ): ନରସିଂହପୁର ପଶ୍ଚିମ ବନାଞ୍ଚଳ ଅନ୍ତର୍ଗତ ଝାଜିବନ୍ଧ ନିକଟରୁ ଏକ ଆହତ ହରିଣକୁ ବଡଭୂଇଁ ଗ୍ରାମର କିଛି ଯୁବକ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ଶୁକ୍ରବାର ଅପରାହ୍ନରେ ହରିଣଟି ଜଙ୍ଗଲ ଭିତରୁ ଗ୍ରାମ ଅଭିମୁଖେ ପଳାଇ ଆସିଥିଲା। ହରିଣଟି ଏପଟ ସେପଟ ହେବା ଫଳରେ କିଛି କୁକୁର ହରିଣକୁ ଆକ୍ରମଣ କରିଥିଲେ। ଏଥିରେ ହରିଣର ଗୋଡ଼ ପାଖରେ କ୍ଷତ ହେବାରୁ ସେଠାରେ ରହି ଯାଇଥିଲା। ସେହି ରାସ୍ତା ଦେଇ ଯାଉଥିବା କିଛି ଯୁବକ ଆହତ ହରିଣକୁ ଉଦ୍ଧାର କରି ବନାଞ୍ଚଳ ଅଧିକାରୀ ପ୍ରଦୀପ ନାୟକଙ୍କୁ ହସ୍ତାନ୍ତର କରିଥିଲେ। ରେଞ୍ଜର ଶ୍ରୀ ନାୟକ ସ୍ଥାନୀୟ ପ୍ରାଣୀ ଚିକିତ୍ସାକଙ୍କ ନିକଟରେ ପ୍ରାଥମିକ ଚିକିତ୍ସା କରି ଜଙ୍ଗଲ ଭିତରକୁ ଛାଡ଼ି ଦେଇଥିବା ଜଣାପଡ଼ିଛି।

## ପଙ୍କାଳ କୁଦିଆ ଅଞ୍ଚଳରେ ବାଘ ଆତଙ୍କ



ତିଗିରିଆ,୧୮।୭(ସମିସ): ତିଗିରିଆ ବ୍ଲକ ଅଧୀନ ଜେମାଦେଇପୁର ପଞ୍ଚାୟତ ଅନ୍ତର୍ଗତ ପଙ୍କାଳର କୁଦିଆ ଗ୍ରାମରେ ଆଜି ବାଘ ଆତଙ୍କ ଦେଖାଦେଇଛି। ସ୍ଥାନୀୟ ଜନସାଧାରଣ ବାଘ ଭଳି କୌଣସି ବନ୍ୟଜନ୍ତୁକୁ ଦେଖି ଆତଙ୍କିତ ହୋଇ ପଡିଥିଲେ। କିଛି ଲୋକ ଏହାକୁ କଲରା ପତରିଆ ବାଘ ବୋଲି କହିଥିଲେ। ଗ୍ରାମବାସୀ ଏ ସମ୍ପର୍କରେ ସ୍ଥାନୀୟ ବନବିଭାଗକୁ ଅବଗତ କରିଥିଲେ। ବନପାଳ ପ୍ରଶାନ୍ତ ପରିଡା ନିଜର ଟିମ ସହ ଘଟଣାସ୍ଥଳରେ ପହଞ୍ଚି ବାଘ ରହିଥିବା ପଡିଆର ବିଭିନ୍ନ ସ୍ଥାନକୁ ଅନୁଧ୍ୟାନ କରିଥିଲେ। ପରେ ଡିଏଫଓ ଡ. ଯଜ୍ଞଦତ୍ତ ପତି, ଏସିଏଫ ନୀଳମାଧବ ସାହୁଙ୍କ ସହ ଅତିରିକ୍ତ ବନକର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାସ୍ଥଳରେ ଅଧିକ ଅନୁଧ୍ୟାନ କରିଥିଲେ। କିଛି ସମୟ ପରେ ହଠାତ ଏକ ବନ୍ୟଜନ୍ତୁ ଘଟଣାସ୍ଥଳରୁ ଦୌଡ଼ି ନିକଟରେ ଥିବା ଜଙ୍ଗଲକୁ ପଳେଇ ଯାଇଥିଲା। ସ୍ଥାନୀୟ ବନ ଅଧିକାରୀ ଉକ୍ତ ଜନ୍ତୁର ପାଦ ଚିହ୍ନ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖି ଏହା ବାଘ ନୁହେଁ ବୋଲି ପ୍ରକାଶ କରିବା ସହ ଏହା ବଣ ଭୂଆଁ ପ୍ରଜାତିର ଜୀବ ବୋଲି ସୂଚନା ଦେଇଥିଲେ। ସ୍ଥାନୀୟ ଜନସାଧାରଣ ଭୟଭୀତ ନ ହେବା ସହ ସତର୍କ ରହିବାକୁ ଡିଏଫଓ ଡ. ପତି ସୂଚନା ଦେବା ସହ ଯଦି କୌଣସି ଅଜଣା ଜନ୍ତୁକୁ ସ୍ଥାନୀୟ ଜନସାଧାରଣ ଦେଖନ୍ତି ସେ ସମ୍ପର୍କରେ ସଙ୍ଗେ ସଙ୍ଗେ ବନ ବିଭାଗକୁ ସୂଚନା ଦେବାକୁ ପରାମର୍ଶ ଦେଇଥିଲେ।

## ଅଡ଼ଶପୁର-ଜଗତସିଂହପୁର-କସର୍ଦ୍ଦା ରାସ୍ତା ସମ୍ପ୍ରସାରଣ ଦାବି

ଅଡ଼ଶପୁର,୧୮।୭(ସମିସ): ନିଆଳୀ ନିର୍ବାଚନମଣ୍ଡଳୀର କେନ୍ଦ୍ରବିନ୍ଦୁ ଅଡ଼ଶପୁର ବଜାର। ଏହି ବଜାରରୁ ଦ୍ୱୀପାଞ୍ଚଳକୁ ସଂଯୋଗ କରୁଛି ଗ୍ରାମ୍ୟ ରାସ୍ତା ଅଡ଼ଶପୁରରୁ କସର୍ଦ୍ଦା ଭାୟା ଜଗତସିଂହପୁର ରୋଡ। ଉକ୍ତ ରାସ୍ତା ଦେଇ ଲୋକମାନେ ପୁରୀ, କଟକ ଭୁବନେଶ୍ୱର ସହ ବିଭିନ୍ନ ସ୍ଥାନକୁ ଗମନାଗମନ କରୁଛନ୍ତି। ରାସ୍ତାର ଓସାର କହିଲେ ୮ରୁ ୧୦ ଫୁଟ। ଗୋଟେ ବସ ହେଉ କି ଟ୍ରକ କିମ୍ବା ହାଇୱା ଗଲେ ଆଉ ଗୋଟେ ଗାଡ଼ି ବି ପାସ କରିପାରୁ ନାହିଁ। ସକାଳ ୧୧ଟାରୁ ଏବଂ ସନ୍ଧ୍ୟା ପର୍ଯ୍ୟନ୍ତ ରାସ୍ତା ବହୁତ ଜାମ ରହୁଛି। ପିଲାମାନେ ସ୍କୁଲ କଲେଜ ଯିବା ପାଇଁ ବହୁତ ଅସୁବିଧା ଭୋଗୁଛନ୍ତି। ଏହି ରାସ୍ତାକୁ ସମ୍ପ୍ରସାରଣ ପାଇଁ ଦୀର୍ଘ ୧୨ବର୍ଷ ହେଲାଣି ନିଆଳି ତଥା ଓଡିଶା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ ତରଫରୁ ବାରମ୍ବାର ଦାବି ଅନଶନ ଏବଂ ଧାରଣା ଦିଆଯାଉଛି। ସରକାର ଏଥିପ୍ରତି କର୍ଣ୍ଣପାତ କରୁ ନାହାନ୍ତି। ଏ ଦିଗରେ ଦୃଷ୍ଟି ଦେବା ପାଇଁ ନିଆଳି ବିଧାୟକଙ୍କ ପାଖରେ ଦାବି ପ୍ରଦାନ କରାଯାଇଛି। ରାସ୍ତାକୁ ସମ୍ପ୍ରସାରଣ ସହ ରାଜ୍ୟ ରାଜପଥର ମାନ୍ୟତା ପ୍ରଦାନ ପୂର୍ବକ ରାସ୍ତାଟି ସ୍ୱର୍ଗତ ତ୍ରିଲୋଚନ କାନୁନଗୋ ଏବଂ ସ୍ୱାଧୀନତା ସଂଗ୍ରାମୀ କସ୍ତୁରୀଚରଣ ମଲ୍ଲିକଙ୍କ ନାମରେ ନାମିତ କରିବାକୁ ଟ୍ରଷ୍ଟ ପକ୍ଷରୁ ପ୍ରତିଷ୍ଠାତା ତଥା ଯୁବ ସମାଜସେବୀ ସନ୍ତୋଷ ମାଝୀ, କୃଷିବିତ ପ୍ରମୋଦ ମଲ୍ଲିକ, ସ୍ଥାୟୀ ସଭାପତି ପ୍ରସନ୍ନ ପାତ୍ର, ବିଶ୍ୱମ୍ବର ସେନାପତି ଦାବି କରିଛନ୍ତି।



# କଲେଜ କର୍ମଚାରୀ ଚଳାଇଛନ୍ତି କୋଚିଂ ସେଣ୍ଟର

 କଟକ,୧୮।୭(ସମିସ)

ବାବୁ ସରକାରୀ ଚାକିରି କରି ବେଆଇନ କୋଚିଂ ସେଣ୍ଟର ଚଳାଇଛନ୍ତି। ମାଗଣା ଶିକ୍ଷା ଦେବା କହି ପିଲାମାନଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ନେଉଛନ୍ତି। ଏହି ସରକାରୀ ବାବୁ ଜଣଙ୍କ ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ କାମ କରୁଛନ୍ତି; କିନ୍ତୁ ନିଜ ଅଞ୍ଚଳରେ ଦୁଇ ଦୁଇଟି ବେଆଇନ କୋଚିଂ ସେଣ୍ଟର ଚଳାଇଛନ୍ତି। ସରକାରୀ କଲେଜ ସାମ୍ନାରେ ବେଆଇନ କୋଚିଂ ସେଣ୍ଟର ଚାଲିଛି। ଶିକ୍ଷା କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ର ସରକାର ସୁଧାର ଆଣିବା ନିମନ୍ତେ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଶିକ୍ଷା ବ୍ୟବସ୍ଥା କରିଛନ୍ତି। ସରକାରୀ କଲେଜର ଅଧ୍ୟାପକ ଓ କର୍ମଚାରୀମାନେ ଏହାକୁ ଭ୍ରୁକ୍ଷେପ ନ କରି ନିଜ ପକେଟ ଗରମ ପାଇଁ ଛାତ୍ରଛାତ୍ରୀଙ୍କଠାରୁ ବେଆଇନ ଭାବେ ଅର୍ଥ ନେଇ ନିଜ ପକେଟ ଗରମ କରୁଛନ୍ତି। ସରକାରୀ ଚାକିରି କରି ସରକାରଙ୍କଠାରୁ ଦରମା ନେଇ ବେଆଇନ ଭାବେ ଦୁଇ ଦୁଇଟି କୋଚିଂ ସେଣ୍ଟର ଖୋଲି ଶିକ୍ଷାକୁ ବ୍ୟବସାୟୀକରଣ କରିବାରେ ଲାଗିଛନ୍ତି। ଏହାର ଏକ ନଗ୍ନ ନମୁନା ମାହାଙ୍ଗା ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ମାହାଙ୍ଗା ବ୍ଲକ ଅଞ୍ଚଳରେ ଛତୁ ଫୁଟିଲା ଭଳି ଚାଲିଛି ବେଆଇନ କୋଚିଂ ସେଣ୍ଟର। ବିନା ସରକାରୀ ସ୍ୱୀକୃତିରେ ଅବାଧରେ ଚଳାଉଛନ୍ତି କୋଚିଂ ସେଣ୍ଟର। ସେହିଭଳି ଟ୍ୟୁଟୋରିଆଲର ମାଲିକ ହେଉଛନ୍ତି କଟକର ସରକାରୀ କଲେଜରେ ଲାବ୍ରୋଟୋରୀ ଆସିଷ୍ଟାଣ୍ଟ ଓ ଷ୍ଟୋର କିପର ଭାବେ କାର୍ଯ୍ୟ କରୁଥିବା ଜଣେ ଅଧିକାରୀ। ସରକାରଙ୍କଠାରୁ ମୋଟା ଅଙ୍କର ଦରମା ନେଉଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଶିକ୍ଷା ବିଭାଗରେ ଚାକିରି କରିଥିବା କୌଣସି କର୍ମଚାରୀ ଘରୋଇ ଭାବେ କୋଚିଂ ସେଣ୍ଟର ଖୋଲିପାରିବେ ନାହିଁ। ତେବେ ଉକ୍ତ ଅଧିକାରୀ ଜଣକ ଏହି କୋଚିଂ ସେଣ୍ଟର ଖୋଲି କଲେଜରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ପାଠପଢା ଆଳରେ ଲକ୍ଷ ଲକ୍ଷ ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ତାଙ୍କର ମାହାଙ୍ଗାରେ ଦୁଇଟି କୋଚିଂ ସେଣ୍ଟର ଚାଲିଥିବାର ଅଭିଯୋଗ ହୋଇଛି। ଏହି ଦୁଇଟି କୋଚିଂ ସେଣ୍ଟରରେ ପ୍ରାୟ ୫ ଶହ ଛାତ୍ରଛାତ୍ରୀ କଲେଜ ୟୁନିଫର୍ମରେ ପାଠ ପଢୁଥିବାର ଦେଖିବାକୁ ମିଳିଛି। ସ୍ଥାନୀୟ ଜେଏନ କଲେଜ କୁଆଁପାଳ, ମାହାଙ୍ଗା ମହିଳା ମହାବିଦ୍ୟାଳୟ ପଲ୍ଲିସାହି ଓ ପୁଷ୍ପଗିରି ମହାବିଦ୍ୟାଳୟ ଏରକଣାର ଛାତ୍ରଛାତ୍ରୀମାନେ ଏହି କୋଚିଂ ସେଣ୍ଟରରେ ବାର୍ଷିକ ୨୫ ହଜାର ଟଙ୍କା ଲେଖାଏଁ ଦେଇ ପାଠ ପଢୁଥିବାର ଅଭିଯୋଗ ହୋଇଛି। ତେବେ ଶ୍ରୀ ସାହୁ ବେଆଇନ ଭାବେ କୋଚିଂ ସେଣ୍ଟର ଖୋଲି ଶିକ୍ଷାଦାନ କରୁଥିଲା ବେଳେ ଶିକ୍ଷା ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଏ ଦିଗରେ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି।

**ଶିକ୍ଷା ନାମରେ ଚାଲିଛି ବ୍ୟବସାୟ**

● ଭତ୍ତା ଟଙ୍କା ହଡ଼ପ ଘଟଣା

## ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଥାନାରେ ଅଭିଯୋଗ

ଭଦ୍ରେଶ୍ୱର, ୧୮।୭(ସମିସ): ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଗ୍ରାମପଞ୍ଚାୟତରେ ଭତ୍ତା ଟଙ୍କା ଆତ୍ମସାତ ଘଟଣା ଭିନ୍ନ ମୋଡ଼ ନେଇଛି। ସହକାରୀ ଯନ୍ତ୍ରୀଙ୍କ ବିରୁଦ୍ଧରେ ଭଦ୍ରେଶ୍ୱର ସରପଞ୍ଚ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମାହାଙ୍ଗା ବ୍ଲକର ସହକାରୀ ଯନ୍ତ୍ରୀ ମୋନାଲିସା ମଲ୍ଲିକ ଭଦ୍ରେଶ୍ୱର ଗ୍ରାମପଞ୍ଚାୟତର ହିତାଧିକାରୀଙ୍କୁ ଭତ୍ତା ଟଙ୍କା ବଣ୍ଟନ ନିମନ୍ତେ ଗତ ଜୁନ ମାସରେ ପଞ୍ଚାୟତ ଜମା ଖାତାରୁ ପାଞ୍ଚ ଲକ୍ଷ ବତିଶ ହଜାର ଟଙ୍କା ଉଠାଇଥିଲେ। ମୋନାଲିସା ନାମକୁ ମାତ୍ର କେତେଜଣ ହାତ ଗଣତି ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଅବଶିଷ୍ଟ ଟଙ୍କାକୁ ନେଇ ମୋନାଲିସା ଫେରାର ହୋଇଯାଇଛନ୍ତି। ଏ ପଞ୍ଚାୟତକୁ ଆସୁନାହାନ୍ତି କିମ୍ବା ଭତ୍ତା ଟଙ୍କା ବଣ୍ଟନ କରୁନାହାନ୍ତି। ଭତ୍ତା ଟଙ୍କା ପାଇ ନ ପାରି ଅସହାୟ ହିତାଧିକାରୀମାନେ ଚରମ ହଟହଟ୍ଟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ସରପଞ୍ଚ ମୋନାଲିସାଙ୍କୁ ଫୋନ୍ କଲେ ମଧ୍ୟ ସେ ଫୋନ୍ ଉଠାଉ ନାହାନ୍ତି। ଏ ସମ୍ପର୍କରେ ଆଜି ଭଦ୍ରେଶ୍ୱର ସରପଞ୍ଚ କମଳାକାନ୍ତ ରାଉତ ସହକାରୀ ଯନ୍ତ୍ରୀ ମୋନାଲିସାଙ୍କ ନାମରେ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଭଦ୍ରେଶ୍ୱର ଥାନା ପୁଲିସ ଏହି ଅଭିଯୋଗର ତଦନ୍ତ ଜାରି ରଖିଛନ୍ତି।

## ‘ସମୟ କଷଟିରେ ମୋ ଜୀବନ’ ଉନ୍ମୋଚିତ

କଟକ, ୧୮।୭(ସମିସ): ସାଇ ଆଶ୍ରିତ ରାଜକିଶୋର ସେନାପତିଙ୍କ ଆତ୍ମଜୀବନୀ ଭିତ୍ତିକ ଜୀବନ ଗ୍ରନ୍ଥ ‘ସମୟ କଷଟିରେ ମୋ ଜୀବନ’ ଉନ୍ମୋଚିତ ହୋଇଛି। ତୁଳସୀପୁର ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ ଶ୍ୟାମସୁନ୍ଦର ସାମଲ ଓ ସଂଯୋଜନା କରିଥିଲେ ଶିକ୍ଷାବିତ ଇତିଶ୍ରୀ ସେନାପତି। ଅତିଥି ଭାବେ ଗଙ୍ଗାଧର ରାଉତରାୟ, ଡା. ଦିଲ୍ଲୀପ ମହାରଣା, ସାଧୁ ଚରଣ ପ୍ରଧାନ, ବରିଷ୍ଠ ଆଇନଜୀବୀ ମାନଗୋବିନ୍ଦ ପ୍ରଧାନ, ଅଧ୍ୟାପକ ଚିତ୍ତରଞ୍ଜନ ବେହେରା, ପ୍ରଶାସକ ପ୍ରଫୁଲ୍ଲ ଦାସ ପ୍ରମୁଖ ଯୋଗଦେଇଥିଲେ। ଶ୍ୟାମ ସୁନ୍ଦର ସାମଲ ଧନ୍ୟବାଦ ଦେଇଥିଲେ।

## ‘ସେବି’ ପକ୍ଷରୁ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

ଫୁଲନଖରା, ୧୮।୭(ସମିସ): ଅଭ୍ୟୁତ୍ଥାନ ଫାଉଣ୍ଡେସନ୍ ଚାରିଟେବୁଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ‘ସେବି’ ପକ୍ଷରୁ ଏକ ଆର୍ଥିକ ସାକ୍ଷରତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଶକୁନ୍ତଳା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ୧୭୦ ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଟ୍ରଷ୍ଟର ଚେୟାରମ୍ୟାନ ଦାଶରଥି ମିଶ୍ର ଟ୍ରଷ୍ଟର ଲକ୍ଷ୍ୟ ଓ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଇବା ଦିଗରେ କାର୍ଯ୍ୟ କରୁଛି ବୋଲି କହିଥିଲେ। ଇଣ୍ଡିଆନ୍ ବ୍ୟାଙ୍କର ଅବସରପ୍ରାପ୍ତ ମୁଖ୍ୟ ପରିଚାଳକ କ୍ଷୀରୋଦ ଚନ୍ଦ୍ର ପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଅଟଳ ପେନ୍‌ସନ୍ ଯୋଜନାଠାରୁ ଆରମ୍ଭ କରି ପିଏମ୍‌ଏସ୍‌ବିୱାଇ ଓ ପିଏମ୍‌ଜେଜେବିୱାଇ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ମୁଖ୍ୟଅତିଥି ଭାବରେ ‘ସେବି’ର ଏଜିଏମ୍ ଜୟ ଅଗ୍ରୱାଲ ସେୟାର ମାର୍କେଟରେ ବିନିଯୋଗ ବାବଦରେ ସତର୍କ ରହି କିପରି ଅର୍ଥ ବିନିଯୋଗ କରିବ ଏବଂ ସିଷ୍ଟମିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଆଲୋଚନା ସମ୍ବନ୍ଧୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସଠିକ୍ ଉତ୍ତରଦାତାଙ୍କୁ ଟ୍ରଷ୍ଟ ପକ୍ଷରୁ ଉପହାର ପ୍ରଦାନ କରାଯାଇଥିଲା।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର




ନିଶ୍ଚିନ୍ତକୋଇଲି, ୧୮।୭(ସମିସ): ଅଖିଳ ଭାରତ ରାଜ୍ୟ ସରକାରୀ ପେନ୍‌ସନ୍‌ର ମହାସଂଘ ଆହ୍ୱାନକ୍ରମେ ନିଶ୍ଚିନ୍ତକୋଇଲି ବ୍ଲକ ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ବିଡିଓ ଅଶୋକ କୁମାର ମହାନ୍ତିଙ୍କୁ ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କ କର୍ମଚାରୀ ବିରୋଧୀ ପ୍ରତାରଣାପୂର୍ଣ୍ଣ ୟୁପିଏସ ଯୋଜନାକୁ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇ ବିଭିନ୍ନ ଦାବି ନେଇ ଉକ୍ତ ଦାବିପତ୍ର ଦିଆଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ କର୍ମଚାରୀ ଓ ପେନସନରଙ୍କ ପାଇଁ ପୁରୁଣା ପେନସନ ଯୋଜନା ଲାଗୁ କରିବା ଦାବିରେ ଜାତୀୟ ପ୍ରତିବାଦ ଦିବସ ଉପଲକ୍ଷେ ସଂଘର ସଭାପତି ରଜନୀକାନ୍ତ ଦାସ, ସମ୍ପାଦକ ଗୋଲଖଚନ୍ଦ୍ର ବାରିକ, ବସନ୍ତ କୁମାର ସ୍ୱାଇଁ, ବୃନ୍ଦାବନ ପାତ୍ର, କାମିନୀ ପଣ୍ଡା, ରଶ୍ମି ଜେନା, ବିଚିତ୍ରାନନ୍ଦ ବେହେରା, ସୌଭାଗ୍ୟ ବରାଳଙ୍କ ସମେତ ବହୁ ସଭ୍ୟ ଏଥିରେ ଯୋଗଦେଇଥିଲେ।

### ଚୌଦ୍ୱାରରେ ରାଜପଥ ପାଲଟିଛି ମରଣଯନ୍ତା

# କୁମ୍ଭକର୍ଣ୍ଣ ନିଦ୍ରାରେ ରାଜପଥ ବିଭାଗ ଓ ଠିକାସଂସ୍ଥା

ଚୌଦ୍ୱାର, ୧୮।୭(ସମିସ)



● ବଢ଼ିଚାଲୁଛି ନିର୍ମାଣ ଅବଧି, ସରିବା ନେଇ ପ୍ରଶ୍ନବାଚୀ
● ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଲାଗୁନି ସଂକେତ; ବଢୁଛି ଦୁର୍ଘଟଣା

ରାଜପଥ ପ୍ରାଧିକରଣର ବେପରୁଆ ମନୋଭାବ ଯୋଗୁଁ ଚୌଦ୍ୱାର ଦେଇ ଯାଇଥିବା ୫୫ନମ୍ବର ଜାତୀୟ ରାଜପଥ ପାଲଟି ଯାଇଛି ମରଣଯନ୍ତା। ଗୋଟିଏ ପଟେ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଅତ୍ୟନ୍ତ ମନ୍ଥରଗତିରେ ଚାଲିଥିବାବେଳେ ନିର୍ମାଣ ଅବଧି ବଢ଼ି ବଢ଼ି ଯିବା ଯୋଗୁଁ ଜନସାଧାରଣ ପ୍ରଭାବିତ ହେଉଛନ୍ତି। ଅନ୍ୟପଟେ ରାସ୍ତା ନିର୍ମାଣ ନିମନ୍ତେ ରାଜପଥ ପ୍ରାଧିକରଣ ତଥା ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥାର ବେପରୁଆ କାମ ଯୋଗୁଁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେଉଛି। ସଡ଼କ ନିର୍ମାଣ ସମୟରେ ଏହାର ଗତିପଥକୁ ବାରମ୍ବାର ପରିବର୍ତ୍ତନ କରାଯାଉଛି; ମାତ୍ର କୌଣସି ସଂକେତ ଦିଆ ନ ଯିବା ଯୋଗୁଁ ଦୁର୍ଘଟଣା ଘଟୁଥିବା ଆଲୋଚନାର ବିଷୟ ହୋଇଛି। ରାସ୍ତା ନିର୍ମାଣ ସମୟରେ ଯାନବାହନର ଗତି ପରିବର୍ତ୍ତନ ପାଇଁ ରାଜପଥ ବିଭାଗ କିମ୍ବା ଠିକାସଂସ୍ଥା କେହି ବି ସଂକେତ ଫଳକ ଲଗାଉ ନାହାନ୍ତି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଯାନବାହନ ଭୁଲ ମାର୍ଗରେ ପଶିଯିବା ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣା ମଧ୍ୟ ଘଟୁଛି। ବିଶେଷ କରି ମଙ୍ଗୁଳି ପଟୁ ଢେଙ୍କାନାଳ ଆଡ଼କୁ ଯାଉଥିବା ଯାନବାହନ କେଉଁଠୁ କେଉଁ ପଟ ରାସ୍ତାରେ ଯିବେ ସେନେଇ କୌଣସି ସୂଚନା ନ ପାଇ ଭୁଲ ମାର୍ଗରେ ପଶି ଯାଉଛନ୍ତି। ଫଳରେ ନିଜେ ଭୁଲରେ ପଶିଥିବା ଯାନବାହାନ ସହ ବିପରୀତ ଦିଗରୁ ଆସୁଥିବା ଯାନବାହନ ହଇରାଣ ହେଉଥିବା ଦେଖିବାକୁ ମିଳିଛି। ପୁନଶ୍ଚ ଚୌଦ୍ୱାରରେ ରାସ୍ତାର ଉଭୟ ପାର୍ଶ୍ୱରେ ବଡ଼ ବଡ଼ ବଜାରର ଥିବାବେଳେ ଜନଗହଳି ଲାଗି ରହୁଛି; ସେତିକିବେଳକୁ ଭୁଲ ମାର୍ଗରେ ପଶିଯାଇଥିବା ଯାନବାହନ ଯୋଗୁଁ ଅନେକ ଦୁର୍ଘଟଣାର ନଜିର ମଧ୍ୟ ରହିଛି। ସେହିଭଳି ସମ୍ବଲପୁରରୁ ମଙ୍ଗୁଳି ଦେଇ କଲିକତା କିମ୍ବା ବିଶାଖାପାଟଣା ଯାଉଥିବା ଯାନବାହନଗୁଡ଼ିକ ଦିଗହରା ହୋଇ ଏଣେ ତେଣେ ପଶିଯାଉଥିବା ଦେଖିବାକୁ ମିଳିଛି। ପୁନଶ୍ଚ ଚୌଦ୍ୱାର ଦେଇ ଯାଇଥିବା ଏହି ରାଜପଥକୁ କିଛି କିଛି ଓଭର ବ୍ରିଜ କରାଯାଇଥିବାବେଳେ ଏଠାରେ ଅଣ୍ଡରପାସ ମଧ୍ୟ ରହିଛି। ତେବେ ଏହି ଅଣ୍ଡରପାସ ଦେଇ ଯାଉଥିବା ଯାନବାହନ ହଠାତ ବାହାରୁଥିବାବେଳେ ଦୁର୍ଘଟଣା ମଧ୍ୟ ଘଟୁଛି। ବିଶେଷ କରି ଗାନ୍ଧୀଛକ ନିକଟରେ ଅଧିକ ସମସ୍ୟା ଦେଖିବାକୁ ମିଳିଛି। ଏହିଠାରୁ ଓଭରବ୍ରିଜ ଆରମ୍ଭ ହୋଇଥିବାବେଳେ କିଛି ଦୂରରେ ଗାନ୍ଧୀଛକ ଠାରୁ ବିରୂପା ମହାନଦୀ ବ୍ୟାରେଜ ଦେଇ କଟକ ରାସ୍ତା ମଧ୍ୟ ଲମ୍ବିଛି। ତେଣୁ କିଏ କେତେବେଳେ କେଉଁ ମାର୍ଗକୁ ଯିବ ଜଣାପଡୁନି। ଏପରିସ୍ଥିତିରେ ଲୋକେ ଟ୍ରାଫିକକୁ ଦାୟୀ କରୁଥିବାବେଳେ ବିଚରା ଟ୍ରାଫିକ ମଧ୍ୟ କ’ଣ କରିବ କିଛି ବୁଝିପାରୁନି। ଏହି ରାସ୍ତା ନିର୍ମାଣଠାରୁ ଆଜି ପର୍ଯ୍ୟନ୍ତ ଅବ୍ୟବସ୍ଥିତ ଭାବେ ଚାଲିଥିବାବେଳେ ଏଠାରେ ବିଭିନ୍ନ ସଂକେତ ଫଳକର ଆବଶ୍ୟକତା ଥିବା ଅଞ୍ଚଳବାସୀ ଦାବି କରିଛନ୍ତି।

## ଯାଦବ ଉନ୍ନୟନ ପରିଷଦର ବନ୍ଧୁମିଳନ ଉତ୍ସବ



ଭଦ୍ରେଶ୍ୱର, ୧୮।୭(ସମିସ): କଟକ ଜିଲ୍ଲା ଯାଦବ ଉନ୍ନୟନ ପରିଷଦ ମାହାଙ୍ଗା ଆନୁକୂଲ୍ୟରେ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ସାଇ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ବନ୍ଧୁମିଳନ ଉତ୍ସବରେ ଅନୁଷ୍ଠାନର ସଭାପତି ପ୍ରଫେସର କାର୍ତ୍ତିକ ଚନ୍ଦ୍ର ପୃଷ୍ଟି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ ନୀଳମଣି ଦାସ ଯାଦବମାନେ ଐକ୍ୟବଦ୍ଧଭାବେ ଭାଇଚାରା ସୃଷ୍ଟି କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଡାକ୍ତର ଅକ୍ଷୟ ବେହେରା ଯୋଗଦାନ କରି ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଏକ ଗୋଶାଳା ସ୍ଥାପନ ନିମନ୍ତେ ଓଡ଼ିଶା ସରକାରଙ୍କୁ ଅବଗତ କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ନିଶ୍ଚିନ୍ତକୋଇଲି ବ୍ଲକ ଯାଦବ ପରିଷଦର ସଭାପତି ଗୋପାଳ ଚନ୍ଦ୍ର ବେହେରା, ଉପଦେଷ୍ଟା ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ରବୀନ୍ଦ୍ରନାଥ ଦାସ, କଟକ ଜିଲ୍ଲା ଯାଦବ ପରିଷଦର ଉପଦେଷ୍ଟା ରବୀନ୍ଦ୍ର ଦାସ, ରାମଚନ୍ଦ୍ର ପରିଡ଼ା, ଉପସଭାପତି ରସାନନ୍ଦ ବାରିକ, ସୁଶାନ୍ତ ବେହେରା, ଉପଦେଷ୍ଟା କୃଷ୍ଣଚନ୍ଦ୍ର ଦାସ, ସଙ୍ଗଠକ ଇଂ ପ୍ରଫୁଲ ବେହେରା, ବସନ୍ତ ଦାସ, କବି ଡମ୍ବରୁଧର ପରିଡ଼ା, ସନନ୍ତ ଦାସ, ଦିଲ୍ଲୀପ ଦାସ, କେଶବ ଚନ୍ଦ୍ର ଦାସ, ସାମ୍ବାଦିକ ଶ୍ୟାମସୁନ୍ଦର ପଲାଇ, କାହ୍ନୁଚରଣ ଦାସ, ବୀରକିଶୋର ଦାସ, ଅଜିତ ଦାସ, ପ୍ରଦ୍ୟୁମ୍ନ ବେହେରା, ରାମଚନ୍ଦ୍ର ଦାସ ପ୍ରମୁଖ ବହୁ ଯାଦବ ନେତା ଯୋଗଦାନ କରି ନ୍ୟାର୍ଯ୍ୟଦାବି ହାସଲ ନିମନ୍ତେ ଯାଦବମାନେ ଐକ୍ୟବଦ୍ଧଭାବେ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ଶିକ୍ଷାବିତ ନୀଳମଣି ଦାସଙ୍କୁ ମୁଖ୍ୟ ସଂଯୋଜକ ରବି ଦାସ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାଧାରଣ ସମ୍ପାଦକ ଅନନ୍ତ କିଶୋର ପଲେଇ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସଂଗଠନ ସମ୍ପାଦକ ଗୌରାଙ୍ଗ ଚନ୍ଦ୍ର ଦାସ ପୂର୍ଣ୍ଣ ସହଯୋଗ କରିଥିଲେ।

## ଚାରାରୋପଣ ଓ ଦନ୍ତ ପରୀକ୍ଷା ଶିବିର




ଟାଙ୍ଗୀ, ୧୮।୭(ସମିସ): ରୋଟାରୀ କ୍ଲବ କଟକ ମିଲେନିୟମ ଓ ଇକୋ କ୍ଲବ୍ ବିଶ୍ୱନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ସପନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ଚାରାରୋପଣ ଓ ଦନ୍ତ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ସଭାପତି ସୁଧିର କୁମାର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ହରମୋହନ ପ୍ରଧାନ, ନାଏବ ସରପଞ୍ଚ ମାନସ ରଞ୍ଜନ ଭଗତ, କ୍ଲବ ସମ୍ପାଦକ ସମ୍ବିତ ଲେଙ୍କା, ଗଣେଶ ପ୍ରସାଦ ସାହୁ, ଦେବବ୍ରତ ରାୟ ଓ ବିଜୟ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିବା ସହ ଚାରାରୋପଣ କରିଥିଲେ। ଏହି ଅବସରରେ ଡ଼ା ପ୍ରାଚୀ କରଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କ ଦନ୍ତ ପରୀକ୍ଷା କରାଯାଇଥିଲା। କଲେଜ ଅଧ୍ୟକ୍ଷ ଡ଼ ସଚ୍ଚିଦାନନ୍ଦ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ପ୍ରଧାନଶିକ୍ଷକ ପରମାନନ୍ଦ ଭୋଇ, ଶିକ୍ଷକ ସଞ୍ଜିତ ଦାସ ଓ ନିଳୀମା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ



କିଶନନଗର, ୧୮।୭(ସମିସ): କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ବୁଢୀ ମା’ ସ୍ୱର୍ଗତା ଚଞ୍ଚଳା ସେଠୀଙ୍କ ଆଜି ତାଙ୍କ ଏକଦଶାହ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆୟୋଜିତ କିଶନନଗର ହାଟ ପଡ଼ିଆଠାରେ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବାଚସ୍ପତି ସୁରମା ପାଢ଼ୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସମେତ ବିଭିନ୍ନ ରାଜନୈତିକ ନେତା ଓ ଦଳର ବିଭିନ୍ନ କର୍ମକର୍ତ୍ତା ମାନେ ଯୋଗଦେଇଥିଲେ।

## ଚାରାରୋପଣ କାର୍ଯ୍ୟକ୍ରମ

ଚୌଦ୍ୱାର, ୧୮।୭(ସମିସ): ଚୌଦ୍ୱାର ଶ୍ରୀଜଗନ୍ନାଥ ଭକ୍ତ ସମାଜ ଆନୁକୂଲ୍ୟରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭକ୍ତ ସମାଜ ସମ୍ପାଦକ ଶରତ କୁମାର ଖୁଣ୍ଟିଆଙ୍କ ପୌରୋହିତ୍ୟରେ ସ୍ଥାନୀୟ ଓଟିଏମ କଲୋନୀସ୍ଥିତ ପିଏମଶ୍ରୀ ଓଟିଏମ ହାଇସ୍କୁଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଧାରାବାହିକ ପ୍ରବଚକ ବାବା ସତ୍ୟାନନ୍ଦ ଦାସ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଚାରାରୋପଣ ସମ୍ପର୍କିତ ଶପଥପାଠ କରାଯାଇଥିଲା। ଭକ୍ତ ସମାଜର ସନ୍ତୋଷ କୁମାର ଧର, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ବିଶ୍ୱକଲ୍ୟାଣ ଦାସ, ବିମଳ ବେଉରା, ଶିକ୍ଷାବିତ୍ ଜିତେନ୍ ରାଉତ, ଅର୍ଜୁନ ପଣ୍ଡା, ସାମ୍ବାଦିକ ସତ୍ୟବ୍ରତ ଦାସ, ଦୀପକ ମଙ୍ଗରାଜ, ନାରାୟଣ ସ୍ୱାଇଁଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ‘ମା ପାଇଁ ଗଛଟିଏ’ କାର୍ଯ୍ୟକ୍ରମ

ଚୌଦ୍ୱାର, ୧୮।୭(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ କୟଳପଡ଼ା ପଞ୍ଚାୟତରେ ‘ମା ପାଇଁ ଗଛଟିଏ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ରଶ୍ମୀ ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ବିଜେପି ନେତା ନୟନ କିଶୋର ମହାନ୍ତି ଅତିଥି ଭାବେ ଚାରାରୋପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ।




ଇନ୍ଦ୍ରାଣୀପାଟଣା ମଣ୍ଡଳ ସଭାପତି ଦାମୋଦର ନାୟକ, ନିରଞ୍ଜନ ପଣ୍ଡା, ଇତିଶ୍ରୀ ସ୍ୱାଇଁ, ମମତା ମହାରଣା, ରବୀନ୍ଦ୍ର ବେହେରା, ଧନେଶ୍ୱର ନାୟକ, ଦୀପକ ବରାଳ, ମହେଶ ଦାସ, ଭୀମସେନ୍ ବେଉରା, ଭରତ ନାୟକ, ଦାମୋଦର ନାୟକ, ଯୁବେଶ ନାୟକ, ଯୁବନେତା ଅମୂଲ୍ୟ ଦାସ, ବିଜୟ ବଳ, ଗଣେଶ୍ୱର ବେହେରା, ଦୁର୍ଗାବତୀ ବର୍ଦ୍ଧନ ଚାରାରୋପଣ କରିଥିଲେ।

# ମାଲଗୋଦାମ ମଣ୍ଡିର ସମସ୍ୟା ପ୍ରତି ଉଦାସୀନ ପ୍ରଶାସନ

କଟକ, ୧୮।୭(ସମିସ)






● ସିଏମ୍‌ସି କମିଶନରଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର
● ଦାବି ପୂରଣ ନ ହେଲେ ଆନ୍ଦୋଳନ ଧମକ

ରାଜ୍ୟର ପୁରାତନ ମଣ୍ଡି ଭାବେ ପରିଚିତ ମାଲଗୋଦାମର ବହୁବିଧ ସମସ୍ୟା ରହିଥିବା ବେଳେ ପ୍ରଶାସନିକସ୍ତରରେ ଏହାର ସମାଧାନ କରାଯାଉ ନ ଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ମଣ୍ଡି ସରକାରଙ୍କୁ ବିଭିନ୍ନ ପ୍ରକାର କର ଯଥା ସିଏମସି କର, ଏଣ୍ଟ୍ରି କର, ଗୁଡସ ଆଣ୍ଡ ସର୍ଭିସ ଟ୍ୟାକ୍ସ, ଆୟକର, ପ୍ରଫେସନାଲ ଟ୍ୟାକ୍ସ ଆଦି ଦେଇ ଆସୁଛି। ତେବେ ଏହି ସର୍ବପୁରାତନ ମଣ୍ଡିକୁ ଅଣଦେଖା କରାଯିବା କ୍ଷୋଭର ବିଷୟ ବୋଲି ବ୍ୟବସାୟୀଙ୍କ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ସିଏମସି କମିଶନରଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯିବ। ଦାବି ଗୁଡ଼ିକର ସମାଧାନ ନ ହେଲେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ବ୍ୟବସାୟୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥି ଯୋଗୁଁ ବ୍ୟବସାୟ ପ୍ରଭାବିତ ହେଲେ ପ୍ରଶାସନ ଦାୟୀ ରହିବ ବୋଲି କୁହାଯାଇଛି।

ମାଲଗୋଦାମର ମାଲ ଆଣୁଥିବା ଗାଡ଼ି ଚାଳକଙ୍କ ପାଇଁ ପାର୍କିଂ ବ୍ୟବସ୍ଥା ଓ ଶୌଚାଳୟ ନାହିଁ। ମାଲଗୋଦାମ ଅଞ୍ଚଳ ମଧ୍ୟରେ ମୁଖ୍ୟ ରାସ୍ତା, ଗଳି ଓ ଉପଗଳିର ରାସ୍ତା ନିର୍ମାଣ କରିବା ଓ ଆଲୋକୀକରଣ ବ୍ୟବସ୍ଥା କରିବା ନିତ୍ୟାନ୍ତ ଜରୁରୀ। ମାତ୍ର ଏଥିରେ ବିଳମ୍ବ ଘଟୁଛି। ସେହିଭଳି ମାଲଗୋଦାମ ଅଞ୍ଚଳରେ ମୁଖ୍ୟରାସ୍ତା ଓ ଗଳିମାନଙ୍କରୁ ଜଳ ନିଷ୍କାସନର ବ୍ୟବସ୍ଥା କରିବା, ବ୍ୟବସାୟୀ, ଶ୍ରମିକ, ଡ୍ରାଇଭର ଓ ସର୍ବସାଧାରଣଙ୍କ ପାଇଁ ଶୌଚାଳୟ ନିର୍ମାଣ ହେବା, ମାଲଗୋଦାମରୁ ବାହାରୁଥିବା (ଗାର୍ବେଜ) କୁ ତୁରନ୍ତ ସଫାସୁତରା କରି ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା, ରେଲୱେ ଡକୟାର୍ଡକୁ ଅଳିଆ ଆବର୍ଜନାରୁ ମୁକ୍ତ ରଖିବା ସହ ପରିବେଶରେ ସ୍ୱଚ୍ଛତା ଆଣିବା। ବ୍ୟବସାୟୀ, ଶ୍ରମିକ ଓ ଜନସାଧାରଣଙ୍କ ପାଇଁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିବାକୁ ଦାବି ହୋଇଛି। ମାଲଗୋଦାମ ପୂଜା କମିଟି, କଟକ ବଣିକ ସଂଘ, ଓଡ଼ିଶା ଚାଉଳ ବ୍ୟବସାୟୀ ସଂଘ, ଖୁଚୁରା ବ୍ୟବସାୟୀ ସଂଘ, ପୁରୁଣା ଟ୍ରକ ମାଲିକ ସଂଘ ଓ ଶ୍ରମିକ ସଂଘ ମାଲଗୋଦାମ ପକ୍ଷରୁ ଦାବିଗୁଡ଼ିକୁ ଅବିଳମ୍ବେ ପୂରଣ କରିବା ପାଇଁ କୁହାଯାଇଛି। ମାଲଗୋଦାମ ଓଡ଼ିଶାର ବହୁ ପୁରାତନ ବ୍ୟବସାୟିକ ମଣ୍ଡି। ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷଠାରୁ, ବାତ୍ୟା, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ବେଳେ ନିରବଚ୍ଛିନ୍ନ ଭାବେ ସମସ୍ତ ପ୍ରକାରର ବାଧାବିଘ୍ନକୁ ଅତିକ୍ରମ କରି ଏହି ମଣ୍ଡି ସରକାର ଓ ଜନସାଧାରଣଙ୍କୁ ସହଯୋଗର ହାତ ବଢ଼ାଇ ଆସିଛି। ମାତ୍ର ଏହି ଦାବି ପ୍ରତି ପ୍ରଶାସନ ଉଦାସୀନ ମନୋଭାବ ପୋଷଣ କରୁଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷର ଦାନା ବାନ୍ଧିବାରେ ଲାଗିଛି। ତେଣୁ ତୁରନ୍ତ ଦାବି ପୂରଣ କରିବା ନିମନ୍ତେ ସିଏମସି କମିଶନରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ।

● ସୁନ୍ଦରଗ୍ରାମ ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ରରେ ନିଶାଡ଼ିଙ୍କ ଉତ୍ପାତ

## ରାତିରେ ରହୁ ନାହାନ୍ତି ମହିଳା ସ୍ୱାସ୍ଥ୍ୟକର୍ମୀ




କଣ୍ଟାପଡ଼ା, ୧୮।୭(ସମିସ): ସୁନ୍ଦରଗ୍ରାମ ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ର ଉଦ୍‌ଘାଟନକୁ ୩ ମାସ ପୂରିଲାଣି। ହେଲେ ନିଶାଡିଙ୍କ ଉତ୍ପାତ, ସୁରକ୍ଷା କର୍ମୀଙ୍କ ଅଭାବ ଓ ସୁରକ୍ଷା ପ୍ରାଚୀର ନ ଥିବାରୁ ଏଠାରେ ନିଯୁକ୍ତି ପାଇଥିବା ମହିଳା ସ୍ୱାସ୍ଥ୍ୟକର୍ମୀ ରାତିରେ ରହିପାରୁ ନାହାଁନ୍ତି। ଯେଉଁ ଉଦ୍ଦେଶ୍ୟ ନେଇ ଏଠାରେ ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ର ଖୋଲାଯାଇଥିଲା ସେ ଲକ୍ଷ୍ୟ ପୂରଣ ହୋଇ ନ ପାରିବାରୁ କଣ୍ଟାପଡ଼ା ବ୍ଲକର ୧୦ ଓ ବାରଙ୍ଗ ବ୍ଲକର ୬ଟି ଗ୍ରାମର ବାସିନ୍ଦା ରାତିରେ କୌଣସି ସ୍ୱାସ୍ଥ୍ୟ ସମସ୍ୟା ହେଲେ ମହୀଧରପଡ଼ା ଓ ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଯିବାକୁ ବାଧ୍ୟ ହେଉଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ମଇ ମାସ ୩ ତାରିଖରେ ନିଆଳି ବିଧାୟକ ଇଂ ଛବି ମଲ୍ଲିକ ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉଦଘାଟନ କରିଥିବାବେଳେ ଉଦଘାଟନ ଦିନ ଉପସ୍ଥିତ ଥିବା ମହିଳା ସ୍ୱାସ୍ଥ୍ୟ କର୍ମୀ ଓ ଜନସାଧାରଣ ଏହା ଏକ ନିଛାଟିଆ ଯାଗା ହୋଇଥିବାରୁ ଏଠାରେ ସୁରକ୍ଷା ବ୍ୟବସ୍ଥା ପାଇଁ ସୁରକ୍ଷା କର୍ମୀ ଓ ସୁରକ୍ଷା ପ୍ରାଚୀର ନିର୍ମାଣ କରିବାକୁ ବିଧାୟକଙ୍କୁ ଅନୁରୋଧ କରିଥିଲେ। ବିଧାୟକ ଏ ବିଷୟରେ କଣ୍ଟାପଡ଼ା ବ୍ଲକ ସହକାରୀ ଯନ୍ତ୍ରୀଙ୍କୁ ପ୍ରାଚୀର ନିର୍ମାଣ ପାଇଁ କହିଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ ନିର୍ମାଣ ହୋଇପାରି ନାହିଁ ନା’ ସୁରକ୍ଷାକର୍ମୀ ନିୟୋଜିତ ହୋଇପାରିଲେ। ଯାହାକୁ ନେଇ ବିଧାୟକଙ୍କ କଥାର ଦମ୍ କେତେ ତାହା ସାଧାରଣରେ ଆଲୋଚନା ହେଉଛି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୨୫ • ପାଉଣ୍ଡ ୧୧୫.୩୮
- ୟୁରୋ ୧୦୦.୬୯ • ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୧୪୦ (ନୂଆଦିଲ୍ଲୀ)
- ରୁପା : ୧,୧୩,୯୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୭୫୭.୦୦
- ନିଫ୍ଟି ୨୪,୯୬୮.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଭାରତରେ ୩୫% ବ୍ୟାଙ୍କ ଆକାଉଣ୍ଟ ନିଷ୍କ୍ରିୟ

- ନିଷ୍କ୍ରିୟ ଆକାଉଣ୍ଟରେ ମହିଳାଙ୍କ ଅଂଶ ସର୍ବାଧିକ
- ୨୦୨୧ଠାରୁ ଏକ ତୃତୀୟାଂଶ ବ୍ୟାଙ୍କ ଆକାଉଣ୍ଟ ଅକାମୀ

ନୂଆଦିଲ୍ଲୀ,୧୮।୭(ଏଜେନ୍ସି): ୨୦୨୧ଠାରୁ ଦେଶରେ ଏକ ତୃତୀୟାଂଶରୁ ଅଧିକ ବ୍ୟାଙ୍କ ଆକାଉଣ୍ଟ 'ନିଷ୍କ୍ରିୟ' ରହିଛି। ବୁଧବାର ପ୍ରକାଶିତ 'ଗ୍ଲୋବାଲ୍ ଫିଣ୍ଡେକ୍ସ ୨୦୨୫› ଶୀର୍ଷକ ଏକ ରିପୋର୍ଟ ଅନୁଯାୟୀ, ୨୦୨୧ରେ ଭାରତରେ ପ୍ରାୟ ୩୫ ପ୍ରତିଶତ ବ୍ୟାଙ୍କ ଆକାଉଣ୍ଟ 'ନିଷ୍କ୍ରିୟ' ଥିଲା। ବିଶ୍ୱର ବିକାଶଶୀଳ ଅର୍ଥନୀତିଗୁଡ଼ିକରେ ସର୍ବାଧିକ ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟ ରହିଛି, ଯେଉଁଥିରେ ଭାରତ ସାମିଲ। ତେଣୁ, ବିକାଶଶୀଳ ଅର୍ଥନୀତି ତୁଳନାରେ ଭାରତରେ ୭ ଗୁଣ ଅଧିକ ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟ ରହିଛି।




ରିପୋର୍ଟ ଅନୁଯାୟୀ, 'ଭାରତରେ ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟ ସଂଖ୍ୟାରେ ବୃଦ୍ଧିର ମୁଖ୍ୟ କାରଣ ହେଉଛି, ଜନ ଧନ ଯୋଜନା। ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଜରିଆରେ ସେମାନଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ସାମିଲ କରିବା ପାଇଁ ଭାରତ ସରକାର ଜନ ଧନ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନା ୨୦୧୪ ଅଗଷ୍ଟରେ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଭାରତର ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ୨୦୨୨ ଏପ୍ରିଲ ସୁଦ୍ଧା ୪୫ କୋଟି ଅତିରିକ୍ତ ଆକାଉଣ୍ଟ ଯୋଡାଯାଇଥିଲା। ଭାରତରେ ବୟସ୍କମାନଙ୍କ ମଧ୍ୟରେ ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟର ଅଂଶ ୨୦୧୭ ରୁ ୨୦୨୧ ପର୍ଯ୍ୟନ୍ତ ସମାନ ରହିଥିଲା। ମୋଟ ଜନସଂଖ୍ୟାର କେବଳ ୯ ପ୍ରତିଶତ ବୟସ୍କ-ମୋଟ ଆକାଉଣ୍ଟର ୧୩ ପ୍ରତିଶତକୁ ନିଷ୍କ୍ରିୟ ଆକାଉଣ୍ଟ ଭାବରେ ଧରାଯାଉଛି। ଅପରପକ୍ଷେ ବିଶ୍ୱର ବିକାଶଶୀଳ ଅର୍ଥନୀତିଗୁଡ଼ିକରେ ନିଷ୍କ୍ରିୟ ଆକାଉଣ୍ଟର ସ୍ତର ୨୦% ରୁ ୩୦%କୁ ବୃଦ୍ଧି ପାଇଛି।


ଅନ୍ୟପକ୍ଷରେ, ଉଚ୍ଚ-ଆୟ ଥିବା ବିଶ୍ୱର ଅର୍ଥନୀତିଗୁଡ଼ିକରେ ପ୍ରାୟ ସମସ୍ତ ବ୍ୟାଙ୍କ ଆକାଉଣ୍ଟଧାରୀ ସକ୍ରିୟ ଅଛନ୍ତି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ବିକାଶଶୀଳ ଅର୍ଥନୀତିଗୁଡ଼ିକରେ, ପୁରୁଷମାନଙ୍କ ତୁଳନାରେ ମହିଳାଙ୍କର ୫ ପ୍ରତିଶତ ଅଧିକ ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟ ରହିଛି। ତଥାପି, ଭାରତରେ, ପୁରୁଷ ଏବଂ ମହିଳାଙ୍କ ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟ ମଧ୍ୟରେ ପାର୍ଥକ୍ୟ ୭୨%। ଭାରତରେ, ମହିଳାଙ୍କର ଅଧିକ ନିଷ୍କ୍ରିୟ ଆକାଉଣ୍ଟ (୪୨%) ଥିବାବେଳେ ପୁରୁଷମାନଙ୍କର କ୍ଷେତ୍ରରେ ନିଷ୍କ୍ରିୟ କମ୍ ବ୍ୟାଙ୍କ ଆକାଉଣ୍ଟ ସଂଖ୍ୟା ୩୦ ପ୍ରତିଶତ ରହିଛି। ଏଠାରେ ସୂଚନାଯୋଗ୍ୟ ଯେ, ଯଦି ଗୋଟିଏ ବର୍ଷ ପାଇଁ କୌଣସି ବ୍ୟାଙ୍କ ଆକାଉଣ୍ଟରେ ଜମା କିମ୍ବା ଡିଜିଟାଲ କାରବାର କରାଯାଇ ନ ଥାଏ, ତେବେ ଏହାକୁ ନିଷ୍କ୍ରିୟ ବୋଲି ବିବେଚନା କରାଯାଏ। ଆର୍ଥିକ ଅନ୍ତର୍ଭୁକ୍ତିକରଣ ଉପରେ ବିଶ୍ୱ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏହି ସୂଚନା ଦିଆଯାଇଛି।

# ନିବେଶକ ହରାଇଲେ ଅଢ଼େଇ ଲକ୍ଷ କୋଟି

**୫୦୦ ପଏଣ୍ଟ ଖସିଲା ସେନ୍‌ସେକ୍ସ**

ମୁମ୍ବଇ,୧୮।୭(ଏଜେନ୍ସି): ଭାରତୀୟ ସେୟାର ବଜାର ସପ୍ତାହର ଶେଷ କାରବାର ଦିବସରେ ବଡ଼ ହ୍ରାସର ସମ୍ମୁଖୀନ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ( ବିଏସ୍‌ଇ) ସେନ୍‌ସେକ୍ସରେ ୫୦୧.୫୨ ପଏଣ୍ଟ ବା ୦.୬୧ ପ୍ରତିଶତ ହ୍ରାସ ଘଟି ୮୧,୭୫୭.୭୩ ପଏଣ୍ଟ ସ୍ତରରେ କାରବାର ଶେଷ କରିଛି। ଅନ୍ୟପଟେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟିରେ ୧୪୩.୦୫ ପଏଣ୍ଟ ବା ୦.୫୭ ପ୍ରତିଶତ ହ୍ରାସ ହୋଇ ୨୪,୯୬୪.୪୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସବୁଠୁ ଅଧିକ ହ୍ରାସ ବ୍ୟାଙ୍କିଙ୍ଗ ଓ ଏଫ୍‌ଏମ୍‌ସିଜି ସେୟାରରେ ଦେଖିବାକୁ ମିଳିଛି। ଏହି କାରଣରୁ ନିବେଶକମାନଙ୍କୁ ଆଜି ୨.୫୭ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ବିଶ୍ୱ ବଜାରରେ ଦୁର୍ବଳ ସଙ୍କେତ ଓ ଆକ୍ସିସ୍ ବ୍ୟାଙ୍କ ସମେତ ଅନେକ କମ୍ପାନିର ଦୁର୍ବଳ ଆର୍ଥିକ ଫଳାଫଳ ଆଜି ନିବେଶକଙ୍କ ମନୋଭାବ ଉପରେ ପ୍ରଭାବ ପକାଇଛି। ଏବେ ନିବେଶକଙ୍କ ନଜର ସୋମବାର ଜୁଲାଇ ୨୧ରେ କିଛି ବଡ଼ କମ୍ପାନୀର ଆର୍ଥିକ ଫଳାଫଳ ଉପରେ ରହିବ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ ଓ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏହି ଦିନ ନିଜର ଜୁନ୍ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରିବେ। ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ଆଜି ହ୍ରାସ ପାଇ ୪୮୦.୩୦ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଦିବସ ଅର୍ଥାତ୍ ଜୁଲାଇ ୧୭ରେ ଏହା ୪୬୦.୮୭ ଲକ୍ଷ କୋଟି ଟଙ୍କା ରହିଥିଲା। ସେହିପରି ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ବଜାର ପୁଞ୍ଜିରେ ୨.୫୭ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ସରଳ ଶବ୍ଦରେ ରହିବାକୁ ଗଲେ ନିବେଶକଙ୍କୁ ୨.୫୭ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ବିଏସ୍‌ଇ ସେନ୍‌ସେକ୍ସର ୩୦ ସେୟାର ମଧ୍ୟରୁ ୭ ସେୟାର ଆଜି ସବୁଜ ସଙ୍କେତ ସହ ବନ୍ଦ ହୋଇଛି। ଏଥିରେ ବଜାଜ ଫାଇନାନ୍ସର ସେୟାରରେ ସବୁଠୁ ଅଧିକ ୧.୯୪ ପ୍ରତିଶତ ବୃଦ୍ଧି ହୋଇଛି। ଅନ୍ୟପକ୍ଷେ ୨୩ ସେୟାର ଲାଲ୍ ସଙ୍କେତରେ ବନ୍ଦ ହୋଇଛି।

# ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର




ଭୁବନେଶ୍ୱର,୧୮।୭(ସିମସ): ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପ୍ରୋଜେକ୍ଟ ଆରୋଗ୍ୟ ଅନ୍ତର୍ଗତ ଏକ ବୃହତ ବହୁ - ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଅବହେଳିତ ଅଞ୍ଚଳଗୁଡ଼ିକୁ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିଛି। ଏହି ଶିବିର ଗୋବର୍ଦ୍ଧନପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୧୫ଟି ଗ୍ରାମର ବାସିନ୍ଦାଙ୍କୁ ସେବା ପ୍ରଦାନ କରିଥିଲା। ଯାହା ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ୩୫୦ରୁ ଅଧିକ ରୋଗୀ ଉପକୃତ ହୋଇଥିଲେ। ଶିଶୁରୋଗ, ସାଧାରଣ ଔଷଧ, ସ୍ତ୍ରୀ ରୋଗ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଚିକିତ୍ସା କ୍ଷେତ୍ରର ବିଶେଷଜ୍ଞଙ୍କ ସହାୟତାରେ ଶିବିରଟି ତୁରନ୍ତ ସେବା ପ୍ରଦାନ କରାଯିବା ସହ ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଅଭ୍ୟାସ ଉପରେ ସଚେତନତା ବୃଦ୍ଧି କରାଯାଇଥିଲା। ଏ ସମ୍ପର୍କରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ବେଦାନ୍ତ ଲାଞ୍ଜିଗଡ଼ରେ ଆମେ ସ୍ଥାୟୀ ସ୍ୱାସ୍ଥ୍ୟସେବା ପଦକ୍ଷେପ ମାଧ୍ୟମରେ ସମ୍ପ୍ରଦାୟର ଉନ୍ନତି ପାଇଁ ଦୃଢ ଭାବରେ ପ୍ରତିବଦ୍ଧ। ମେଗା ସ୍ୱାସ୍ଥ୍ୟ ଶିବିର ହେଉଛି ଆମର ପ୍ରତିରୋଧକ ପଦ୍ଧତିର ଏକ ଅଂଶ ଯାହା ଦୂରଦୂରାନ୍ତ ଗ୍ରାମଗୁଡ଼ିକରେ ସମୟୋଚିତ ଚିକିତ୍ସା ସହାୟତା ସୁନିଶ୍ଚିତ କରିଥାଏ। ପ୍ରୋଜେକ୍ଟ ଆରୋଗ୍ୟ ମାଧ୍ୟମରେ, ଆମେ ଅବହେଳିତ ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇ ଅର୍ଥପୂର୍ଣ୍ଣ ପ୍ରଭାବ ପକାଇବା ଜାରି ରଖିଛୁ।


# ୯ କ୍ୟାରେଟ୍ ସୁନାରେ ହଲ୍‌ମାର୍କିଂ ବାଧ୍ୟତାମୂଳକ

**ଘଣ୍ଟା ଏବଂ କଲମରେ ହଲ୍‌ମାର୍କିଂ ଆବଶ୍ୟକ ନାହିଁ**

ନୂଆଦିଲ୍ଲୀ,୧୮।୭(ଏଜେନ୍ସି)

ଏଣିକି ଗ୍ରାହକ ୯ କ୍ୟାରେଟ୍‌ରେ ବି ହଲମାର୍କିଂ ସୁନା ପାଇପାରିବେ। ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ଶୁକ୍ରବାର ୯ କ୍ୟାରେଟ୍ ସୁନାରେ ତିଆରି ସୁନା ଅଳଙ୍କାର ଉପରେ ହଲମାର୍କିଂକୁ ବାଧ୍ୟତାମୂଳକ କରିଛି। ଏଠାରେ ସୂଚନାଯୋଗ୍ୟ ଯେ, ଏ ପର୍ଯ୍ୟନ୍ତ କେବଳ ୨୪କେ, ୨୩କେ, ୨୨,କେ,୨୦କେ, ୧୮କେ ଏବଂ ୧୪କେ ସୁନାରେ ତିଆରି ଅଳଙ୍କାର ଉପରେ ହଲମାର୍କିଂ ଆବଶ୍ୟକ ହେଉଥିଲା। ହଲମାର୍କ ସୁନାର ଶୁଦ୍ଧତାକୁ ନିଶ୍ଚିତ କରିଥାଏ। ସେହି ସମୟରେ, ସୁନାରେ ତିଆରି ଘଣ୍ଟା ଏବଂ କଲମରେ ହଲମାର୍କିଂ ଆଉ ଆବଶ୍ୟକ ନାହିଁ।

ଅଲ୍ ଇଣ୍ଡିଆ ଜେମ୍ ଆଣ୍ଡ ଜୁଏଲାରୀ ଡୋମେଷ୍ଟିକ୍ କାଉନସିଲ୍ କହିଛି ଯେ ଏବେ ସମସ୍ତ ଅଳଙ୍କାର ବ୍ୟବସାୟୀ ଏବଂ ହଲମାର୍କିଂ କେନ୍ଦ୍ରଗୁଡ଼ିକୁ ବିଆଇଏସ୍‌ର ନୂତନ ନିୟମ ପାଳନ କରିବାକୁ ପଡିବ। ନୂତନ ନିୟମ ଅନୁଯାୟୀ, ୯ କ୍ୟାରେଟ୍ ସୁନା (୩୭୫ପିପିଟି) ମଧ୍ୟ ବାଧ୍ୟତାମୂଳକ ହଲମାର୍କିଂ ପରିସରକୁ ଆସିଛି। ପୂର୍ବରୁ ୯ କ୍ୟାରେଟ୍ ସୁନା ପାଇଁ ଏହା ଆବଶ୍ୟକ ନ ଥିଲା, କିନ୍ତୁ ଏବେ ଗ୍ରାହକମାନଙ୍କୁ ସୁନାର ଶୁଦ୍ଧତା ବିଷୟରେ ସଠିକ୍ ସୂଚନା ଦେବା ପାଇଁ ଏହାକୁ ହଲମାର୍କିଂ କରିବାକୁ ପଡିବ। ବିଆଇଏସ୍ ଆଇନ ୨୦୧୬ ଅନୁଯାୟୀ ସୁନା ଅଳଙ୍କରରେ ହଲମାର୍କିଂ କରାଯାଇଥାଏ। ଏହା ଅଳଙ୍କାର ଏବଂ କଳାକୃତିରେ ମୂଲ୍ୟବାନ ଧାତୁର ପରିମାଣକୁ ପ୍ରମାଣିତ କରେ। ଏହା ଗ୍ରାହକମାନଙ୍କୁ ଜଣାଏ ଯେ ସେମାନଙ୍କ ଅଳଙ୍କାରରେ ସୁନା କେତେ ଶୁଦ୍ଧ। ହଲମାର୍କିଂ ଗ୍ରାହକମାନଙ୍କୁ ଠକେଇରୁ ରକ୍ଷା କରିପାରିବ। ହଲମାର୍କିଂର ୮ଟି ଗ୍ରେଡ୍ ରହିଛି। ପ୍ରତ୍ୟେକ ଗ୍ରେଡ୍ ସୁନାର ଶୁଦ୍ଧତାକୁ ସୂଚାଇଥାଏ। ବର୍ତ୍ତମାନ ୯କେ ସୁନା ମଧ୍ୟ ଏହି ତାଲିକାରେ ଅନ୍ତର୍ଭୁକ୍ତ ହୋଇଛି। ଏହା ଗ୍ରାହକମାନଙ୍କୁ ଅଧିକ ବିକଳ୍ପ ଦେବ। ଏବେ ଘଣ୍ଟା ଏବଂ କଲମରେ ହଲମାର୍କିଂ ଆବଶ୍ୟକ ନାହିଁ, ବିଆଇଏସ୍ ମଧ୍ୟ ଏହାର ନିୟମରେ କିଛି ପରିବର୍ତ୍ତନ କରିଛି। ଏବେ ସୁନା ଘଣ୍ଟା ଏବଂ କଲମକୁ କଳାକୃତିର ପରିଭାଷାରୁ ବାଦ ଦିଆଯାଇଛି। ଏହାର ଅର୍ଥ ହେଉଛି ଏବେ ସେମାନଙ୍କ ଉପରେ ହଲମାର୍କିଂ ବାଧ୍ୟତାମୂଳକ ନୁହେଁ। ସ୍ୱର୍ଣ୍ଣ ମୁଦ୍ରା ସମ୍ପର୍କରେ ଏକ ନୂତନ ନିୟମ ମଧ୍ୟ କରାଯାଇଛି। ଏବେ କେବଳ ୨୪କେଏଫ୍ କିମ୍ବା ୨୪କେଏସ୍ ସୁନାର ପତଳା ଚାଦରରୁ ତିଆରି ମୁଦ୍ରାକୁ ଶତ ପ୍ରତିଶତ ଶୁଦ୍ଧ ବୋଲି ବିବେଚନା କରାଯିବ। ଏହି ମୁଦ୍ରା କେବଳ ମିଣ୍ଟ କିମ୍ବା ରିଫାଇନାରୀ ଦ୍ୱାରା ତିଆରି କରାଯିବା ଉଚିତ ଏବଂ ଏହାର କୌଣସି ଆଇନଗତ ମୁଦ୍ରା ମୂଲ୍ୟ ରହିବା ଉଚିତ୍ ନୁହେଁ।




ବ୍ୟାଙ୍କ ଅଫ୍ ଆମେରିକା ସର୍ଭେ ରିପୋର୍ଟ

# କମିଲା ଭାରତୀୟ ଷ୍ଟକ୍ ବଜାରର ଚମକ

**ପସନ୍ଦଯୋଗ୍ୟ ଏସୀୟ ବଜାର ତାଲିକାରେ ୪ର୍ଥ ସ୍ଥାନକୁ ଖସିଲା ଦଲାଲ ଷ୍ଟ୍ରିଟ୍**

ମୁମ୍ବଇ,୧୮।୭(ଏଜେନ୍ସି): କମିଲା ଭାରତୀୟ ଷ୍ଟକ୍ ବଜାରର ଚମକ। ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ନିବେଶକଙ୍କ ପସନ୍ଦଯୋଗ୍ୟ ଷ୍ଟକ୍ ବଜାର ମଧ୍ୟରେ ଭାରତର ଦଲାଲ ଷ୍ଟ୍ରିଟ୍ ୪ର୍ଥ ସ୍ଥାନକୁ ଖସିଆସିଛି। ବ୍ୟାଙ୍କ ଅଫ୍ ଆମେରିକା (ବୋଫା)ର ସଦ୍ୟତମ ସର୍ଭେ ରିପୋର୍ଟରେ ଏହି ତଥ୍ୟ ସାମ୍ନାକୁ ଆସିଛି। ଗତ କିଛି ମାସ ମଧ୍ୟରେ ଭାରତୀୟ ଇକ୍ୱିଟି ପ୍ରତି ନିବେଶକଙ୍କ ଆଗ୍ରହ ହ୍ରାସ କମିଥିବା ବୋଫା ସିକ୍ୟୁରିଟିଜ୍ କହିଛି।

ଭାରତର ନିଫ୍ଟି ସୂଚକାଙ୍କ ଦୁଇ ମାସ ଧରି ଏକତ୍ରୀକରଣ (କନସୋଲିଡେସନ) ପର୍ଯ୍ୟାୟରେ ଫସି ରହିଛି ଏବଂ ବ୍ରେକଆଉଟର କୌଣସି ସ୍ପଷ୍ଟ ସଙ୍କେତ ମିଳିନାହିଁ। ବିଶ୍ୱ ନିବେଶକମାନେ ଭଲ ରିଟର୍ଣ୍ଣ ଖୋଜୁଥିବା ବେଳେ ଭାରତୀୟ ଷ୍ଟକ୍ ବଜାର ସେମାନଙ୍କର ଇଣ୍ଟରେଷ୍ଟ କମିଯାଇଛି। ତେବେ ଜାପାନ, ତାଇୱାନ ଏବଂ ଦକ୍ଷିଣ କୋରିଆର ଷ୍ଟକ୍ ମାର୍କେଟ ଭଲ ପ୍ରଦର୍ଶନ କରିଛି। ସେମିକଣ୍ଡକ୍ଟର ଭଳି କ୍ଷେତ୍ରରେ ଦୃଢ଼ ପ୍ରଦର୍ଶନ ଏବଂ ଆଶାତୀତ ଆର୍ଥିକ ସଂସ୍କାର ପାଇଁ ଏମାନଙ୍କର ଷ୍ଟକ୍ ମାର୍କେଟ୍‌ରେ ନିବେଶକମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ଜାପାନ ସବୁଠାରୁ ପ୍ରିୟ ବଜାର ହୋଇ ରହିଛି, ତା' ପଛକୁ ତାଇୱାନ ଏବଂ କୋରିଆ ରହିଛନ୍ତି। ଭାରତ ଚତୁର୍ଥ ସ୍ଥାନକୁ ଖସି ଆସିଛି ବୋଲି ସର୍ଭେରେ କୁହାଯାଇଛି। ନୂଆ ନେତୃତ୍ୱଙ୍କ ନୀତିଗତ ସଂସ୍କାରକୁ ନେଇ ଆଶା ଉଜ୍ଜିବୀତ ହୋଇଥିବା ଯୋଗୁ କୋରିଆ ଅତିରିକ୍ତ ଲାଭ ମିଳିଛି। କିନ୍ତୁ ଚୀନ୍ ଆଲୋକେସନ ପୁଣି ହ୍ରାସ ପାଇଛି। ଏବେ କେବଳ ଅଷ୍ଟ୍ରେଲିଆ ଏବଂ ଥାଇଲ୍ୟାଣ୍ଡ ଚୀନ ପଛରେ ରହିଛନ୍ତି ବୋଲି ସର୍ଭେରେ କୁହାଯାଇଛି। ବୋଫାର ସର୍ଭେ ଅନୁଯାୟୀ, କେବଳ ୧୦% ପାଣ୍ଠି ପରିଚାଳକ ଏବେ ଭାରତ ପ୍ରତି ଅଧିକ ଭରସା କରୁଛନ୍ତି। ଏହି ତୁଳନାରେ, ୩୨% ଜାପାନକୁ ପସନ୍ଦ କରୁଥିବା ବେଳେ ୧୯% ତାଇୱାନକୁ ପସନ୍ଦ କରନ୍ତି, ଏବଂ ୧୬% ଦକ୍ଷିଣ କୋରିଆକୁ ପସନ୍ଦ କରନ୍ତି ବୋଲି ସର୍ଭେରେ କୁହାଯାଇଛି। ଏହି ତଥ୍ୟ ଦର୍ଶାଉଛି ଯେ ଅନେକ ନିବେଶକ ଭାରତରୁ ସେମାନଙ୍କର ଟଙ୍କା କାଢ଼ି ନେଉଛନ୍ତି। ସେମିକଣ୍ଡକ୍ଟର-ସମ୍ବନ୍ଧୀୟ ଷ୍ଟକର ଚାହିଦା ବୃଦ୍ଧି ପାଇବା ଯୋଗୁ ଏହାର ବୃଦ୍ଧି ପାଉଥିବା ବଜାରରେ ଟଙ୍କା ନିବେଶ କରୁଛନ୍ତି। ଏହି ଖବର ଭାରତର ଆଇଟି ସେବା କ୍ଷେତ୍ର ପାଇଁ ବିଶେଷ ଭାବରେ ନିରାଶାଜନକ। କାରଣ ଏ କ୍ଷେତ୍ରରେ ନିବେଶକଙ୍କ ଆଗ୍ରହରେ ତୀବ୍ର ହ୍ରାସ ଘଟିଛି। ବୋଫା କହିଛି ଯେ ଏହାର ଭାରତ ଆଇଟି ସେବା ସୂଚକ ୨୦ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଆଇଟି ସେକ୍ଟରକୁ ପାରମ୍ପରିକ ଭାବରେ ଏକ ଦୃଢ଼ ପ୍ରଦର୍ଶନକାରୀ କ୍ଷେତ୍ର ଭାବରେ ଦେଖାଯାଉଥିଲା। ହେଲେ ନିବେଶକମାନେ ଭାରତର ଏହି ପ୍ରମୁଖ ଶିଳ୍ପ ଉପରେ ବିଶ୍ୱାସ ହରାଇବା ନିହାତି ଭାବେ ଚିନ୍ତାଜନକ।

# କାଇନେଟିକ୍ ଗ୍ରୀନ୍-ଟୋନିନୋ ଲାମ୍ବୋର୍ଘିନି ସହଭାଗିତା

ଭୁବନେଶ୍ୱର,୧୮।୭(ସମିସ)

ଭାରତର- କାଇନେଟିକ୍ ଗ୍ରୀନ୍ ଏନର୍ଜି ଆଣ୍ଡ ପାୱାର ସଲ୍ୟୁସନ୍ସ ଲିମିଟେଡ୍ ଏବଂ ଇଟାଲୀର ଟୋନିନୋ ଲାମ୍ବୋର୍ଘିନି ସ୍ପା ବିଶ୍ୱ ବଜାର ପାଇଁ ସେମାନଙ୍କର ସ୍ୱତନ୍ତ୍ର ଲଗ୍‌ଜ୍ୟୁରୀ ଗଲ୍ଫ ଏବଂ ଲାଇଫ୍‌ଷ୍ଟାଇଲ୍ କାର୍ଟର ବଜାର ପ୍ରବେଶ କରାଇବା ପରସ୍ପର ସହ ସହଭାଗିତା ସ୍ଥାପନ କରିଛନ୍ତି। ଏହି ସୁନ୍ଦର ଭାବରେ ଡିଜାଇନ୍ ହୋଇଥିବା ଗଲ୍ଫ ଏବଂ ଲାଇଫ୍‌ଷ୍ଟାଇଲ୍ କାର୍ଟ୍ ଲଗ୍‌ଜ୍ୟୁରୀ ମୋବିଲିଟିର ପୁନଃ ପରିଭାଷିତ କରିବ। ଏହା କାଇନେଟିକ୍ ଗ୍ରୀନ୍‌ର ୪-ଚକିଆ ଯାନବାହାନ ମୋବିଲିଟି କ୍ଷେତ୍ରରେ ପ୍ରଥମ ପ୍ରବେଶ ଏବଂ ବୈଦ୍ୟୁତିକ ଯାନ ନିର୍ମାତାଙ୍କ ବିଶ୍ୱ ସମ୍ପ୍ରସାରଣର ଆରମ୍ଭ। ଏହି ସହଭାଗିତା ଟୋନିନୋ ଲାମ୍ବୋର୍ଘିନି ସ୍ପାର ଅତୁଳନୀୟ ଇଟାଲୀୟ ଡିଜାଇନ୍ ଏବଂ କାଇନେଟିକ୍ ଗ୍ରୀନ୍‌ର ବୈଦ୍ୟୁତିକ ଯାନ ପ୍ରଯୁକ୍ତିବିଦ୍ୟାକୁ ଏକତ୍ରିତ କରେ। ବଜାର ପ୍ରବଶେ ଉତ୍ସବରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ୍ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଯେତେବେଳେ ଭାରତରେ ଇଟାଲୀର ରାଷ୍ଟ୍ରଦୂତ ଡକ୍ଟର ଆଣ୍ଟୋନିଓ ବାର୍ଟୋଲି ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ଏହି ଅନନ୍ୟ ମିଳିତ ଉଦ୍ୟମ ଦ୍ୱାରା ନିର୍ମିତ ଗଲ୍ଫ ଏବଂ ଜୀବନଶୈଳୀ କାର୍ଟଗୁଡ଼ିକ ସୁନ୍ଦର ଏବଂ ଆକର୍ଷଣୀୟ। ଟୋନିନୋ ଲାମ୍ବୋର୍ଗିନି ଗଲ୍ଫ ଏବଂ ଲାଇଫଷ୍ଟାଇଲ୍ କାର୍ଟଗୁଡ଼ିକ ୨-ସିଟ୍, ୪-ସିଟ୍, ୬-ସିଟ୍ ଏବଂ ୮-ସିଟ୍‌ରେ ଉପଲବ୍ଧ ହେବ।



# ରାଷ୍ଟ୍ରପତି ଭବନରେ ପ୍ରଦର୍ଶିତ ହେଲା ଶ୍ରୀଜଗନ୍ନାଥଙ୍କ 'ନବକଳେବର'



ନୂଆଦିଲ୍ଲୀ, ୧୮।୭: ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀଙ୍କ ପ୍ରେରଣା ଓ ଆଶୀର୍ବାଦରେ ପବିତ୍ର ବାହୁଡ଼ା ଯାତ୍ରାରେ ଓଡ଼ିଶାର ପ୍ରମୁଖ ପ୍ରେକ୍ଷାଳୟରେ ରିଲିଜ୍ ହୋଇଥିବା ଫିଲ୍ମ 'ଶ୍ରୀଜଗନ୍ନାଥଙ୍କ ନବକଳେବର'କୁ ଆଜି ରାଷ୍ଟ୍ରପତିଭବନରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଦେଖିଛନ୍ତି। ଏଥିପାଇଁ ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ଶୋ'ର ଆୟୋଜନ କରାଯାଇଥିଲା। ରାଷ୍ଟ୍ରପତି ଭବନ ପକ୍ଷରୁ ଏଥିନିମନ୍ତେ ଫିଲ୍ମର ସମ୍ପୂର୍ଣ୍ଣ ଟିମ୍‌କୁ ନିମନ୍ତ୍ରଣ କରାଯାଇଥିଲା। ରାଷ୍ଟ୍ରପତିଙ୍କ ସହ ଏହି କାର୍ଯକ୍ରମରେ ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀଙ୍କ ସମେତ ଚଳଚ୍ଚିତ୍ରର ଉପଦେଷ୍ଟା ବିଭୁପ୍ରସାଦ ମହାପାତ୍ର, ମେଜର୍ ଜେନେରାଲ ଭୂଦେବ ପରିଡ଼ା, ରାଷ୍ଟ୍ରପତିଙ୍କ ଭିଏସଏମ୍ ସାମରିକ ସଚିବ ବିଜୟ ନାୟକ, ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ଓ ଅତିରିକ୍ତ ପ୍ରେସ୍ ସଚିବ ଜ୍ଞାନ ରଞ୍ଜନ ନନ୍ଦ, ରାଷ୍ଟ୍ରପତିଙ୍କ ସଚିବ ଶ୍ରୀମତୀ ଦୀପ୍ତି ଉମାଶଙ୍କର, ପ୍ରେସ୍ ସଚିବ ଅଜୟ କୁମାର ସିଂହ, ସ୍ୱତନ୍ତ୍ର ଦାୟିତ୍ୱରେ ଥିବା ଅଧିକାରୀ ସୁନୀଲ କୁମାର ତ୍ରିବେଦୀ, କ୍ୟାପ୍ଟେନ୍ ରଭନୀତ ସିଂହ ରନ୍ଧାୱା ନିୟନ୍ତ୍ରକ, କର୍ଣ୍ଣେଲ (ଡକ୍ଟର) କିରଣ କୁମାର କମ୍ପେଲା, ଶ୍ରୀମତୀ ଦେବସ୍ୱେତା ବଣିକ (ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ସଚିବ), ଡକ୍ଟର ସୁନିଶ ଏସ. (ଆଇଫ୍‌ଏ) ଓ ଓଡ଼ିଶାର ସାଂସଦ ମୁନା ଖାଁଙ୍କ ସହ ଫିଲ୍ମର ପ୍ରଯୋଜିକା ତଥା ନିର୍ଦ୍ଦେଶିକା ବିନି ସାମଲ, ପ୍ରଯୋଜକ ଦିଲ୍ଲୀପ ଜେନା, କାର୍ଯ୍ୟକାରୀ ପ୍ରଯୋଜକ ପ୍ରଣୟ ଜେଠୀ, ବିତରକ ପ୍ରକାଶ ଫିଲ୍ମସର ନିର୍ଦ୍ଦେଶକ ସଚ୍ଚିକାନ୍ତ ଜେନା, ସଂଗୀତ ନିର୍ଦ୍ଦେଶକ ମଳୟ ମିଶ୍ର,କାହାଣୀ ଓ ସଂଳାପକାର ଶଙ୍କର ତ୍ରିପାଠିଙ୍କ ସହ ଫିଲ୍ମର ମୁଖ୍ୟ କଳାକାର ସିଦ୍ଧାନ୍ତ ମହାପାତ୍ର,ଜ୍ୟୋତି ରଞ୍ଜନ ନାୟକ, ଶ୍ରୀତମ ଦାସ, ଶିବାନୀ ସଙ୍ଗୀତା, ପିଙ୍କି ପ୍ରଧାନ, ଓ ଅଂଶୁମାନ ପ୍ରମୁଖ ଉପସ୍ଥିତ ଥିଲେ। ମହାପ୍ରଭୁଙ୍କ ଏହି ଫିଲ୍ମ ଦେଖି ସମସ୍ତେ ଭାବବିହ୍ୱଳ ହୋଇପଡ଼ିଥିଲେ ଓ ଶ୍ରୀଜଗନ୍ନାଥ ସଂସ୍କୃତିକୁ ପ୍ରଚାରପ୍ରସାର କରୁଥିବାରୁ ଫିଲ୍ମର ଟିମ୍‌କୁ ଅନେକ ପ୍ରଶଂସା କରିଥିଲେ।

ସହଯୋଗ ଦେଲାନାହିଁ ପୁଲିସ ଓ ପ୍ରଶାସନ

# ଟ୍ରଲିରେ ବାପା ବୋହିଲା ଝିଅର ଶବ



ବାଲେଶ୍ୱର/ବାଲିଆପାଳ, ୧୮।୭(ସମିସ): ପୁଣି ଶବକୁ ଅସମ୍ମାନ। ମାନବିକତା ହରାଇ ବସିଲା ପ୍ରଶାସନ। ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଜଣେ ଝିଅର ଶବକୁ ପୁଲିସ୍ ଉଦ୍ଧାର କଲା; କିନ୍ତୁ ବ୍ୟବଚ୍ଛେଦ ପାଇଁ କୌଣସି ବ୍ୟବସ୍ଥା ନକରି ପରିବାରଲୋକଙ୍କୁ ଦାୟିତ୍ୱ ଦେଇ ନିଜ କର୍ତ୍ତବ୍ୟ ସାରିଦେଲା। ପୁଲିସ୍ ଏବଂ ପ୍ରଶାସନର ସହଯୋଗ ବି ମିଳିଲାନି। ଆମ୍ବୁଲାନ୍ସରେ ଶବ ନେବା ପାଇଁ ପାଖରେ ଅର୍ଥ ନଥିବାରୁ ଶେଷରେ ଗରିବ ଆଦିବାସୀ ବାପା ଏକ ଟ୍ରଲିରେ ଝିଅର ଶବକୁ ପକାଇ ୬ କିମି ଦୂର ବାଲିଆପାଳ ଡାକ୍ତରଖାନାକୁ ଟାଣି ଟାଣି ନେଲା। ବାଲେଶ୍ୱର ଜିଲ୍ଲା ବାଲିଆପାଳରେ ଘଟିଥିବା ଏପରି ଏକ ଘଟଣା ଆଜି ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ମୁତାବକ, ବାଲିଆପାଳ ବ୍ଲକ୍ ଦେଉଳା ପଞ୍ଚାୟତ ବିନ୍ଧାଣୀ ସାହିର ମଧୁ ବିନ୍ଧାଣୀଙ୍କ ଝିଅ ନନ୍ଦିନୀ ଘର ଭିତରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ବାଲିଆପାଳ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ତଳକୁ ଓହ୍ଲାଇଥିଲା। କିନ୍ତୁ ବ୍ୟବଚ୍ଛେଦ ପାଇଁ ହସ୍ପିଟାଲ ନେବାକୁ ପରିବାରଲୋକଙ୍କୁ ଦାୟିତ୍ୱ ଦେଇ ପଳାଇଲା। ମଧୁ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଆମ୍ବୁଲାନ୍ସରେ ଶବ ନେବାକୁ ୧୨ଶହ ଟଙ୍କା ଯୋଗାଡ଼ କରିପାରି ନଥିଲେ। ତେଣୁ ବାଧ ହୋଇ ଗ୍ରାମର ଜଣେ ବ୍ୟକ୍ତିଙ୍କଠାରୁ ଟ୍ରଲି ମାଗି ଝିଅର ଶବକୁ ଡାକ୍ତରଖାନାକୁ ନେବାର ବ୍ୟବସ୍ଥା କରିଥିଲେ। ମଧୁ ଟ୍ରଲିରେ ଝିଅର ଶବକୁ ଟାଣିଟାଣି ନେଉଥିବା ବେଳର ଏକ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେହିପରି ଶବ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାରେ ମଧୁଙ୍କୁ ୧୫ଶହରୁ ୨ହଜାର ଟଙ୍କା ଦାବି କରାଯାଇଥିବା ସେ କହିଛନ୍ତି। ଏଥିପାଇଁ ସେ ସ୍ଥାନୀୟ କିଛି ନେତାଙ୍କ ସାହାଯ୍ୟ ଲୋଡ଼ିଥିବା ଜଣାଯାଇଛି। ଏ ସଂପର୍କରେ ବାଲିଆପାଳ ଆଇଆଇସିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ


- ୧୮୨୭- କ୍ରାନ୍ତିକାରୀ ମଙ୍ଗଳ ପାଣ୍ଡେଙ୍କ ଜନ୍ମ।
- ୧୯୦୦- ପ୍ୟାରିସ୍‌ରେ ପ୍ରଥମ ମେଟ୍ରୋ ଟ୍ରେନ୍ ଚାଲିଲା।
- ୧୯୬୯- ଭାରତ ସରକାର ଦେଶର ୧୪ଟି ବଡ଼ ବ୍ୟାଙ୍କର ରାଷ୍ଟ୍ରୀୟକରଣ କଲେ।
- ୧୯୭୬- ନେପାଳରେ ସାଗରମାଥା ରାଷ୍ଟ୍ରୀୟ ଉଦ୍ୟାନ ନିର୍ମାଣ କରାଗଲା।
- ୨୦୦୫- ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଆମେରିକୀୟ କଂଗ୍ରେସକୁ ସମ୍ବୋଧନ କଲେ।

## ନିଆରା ମେଳା
# ରୁଟି ଦେଇ ସାମଗ୍ରୀ କ୍ରୟ



ଆମ ଦେଶର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପରମ୍ପରା ଦେଖିବାକୁ ମିଳେ। ତନ୍ମଧ୍ୟରୁ କିଛି ପରମ୍ପରା ବେଶ୍ ଅଜବ ଲାଗେ। ଏମିତି ଏକ ପରମ୍ପରାର ଝଲକ ଛତିଶଗଡ଼, ବଲୋଦାବଜାର, କୋରଦା ଗାଁରେ ଦେଖିବାକୁ ମିଳେ। ଏହି ଗାଁରେ ପ୍ରତିବର୍ଷ ପୋରା ପର୍ବକୁ ସ୍ଥାନୀୟ ଲୋକେ ବେଶ୍ ଉତ୍ସାହର ସହ ପାଳି ଆସୁଛନ୍ତି। ଏହି ଅବସରରେ ଏଠାରେ ଏକ ନିଆରା ମେଳା ଆୟୋଜିତ ହୋଇଥାଏ। ସାଧାରଣତଃ ପର୍ବାପର୍ବାଣୀଗୁଡ଼ିକରେ ଆୟୋଜିତ ହେଉଥିବା ମେଳାରେ ଲୋକେ ଟଙ୍କା ଦେଇ ଜିନିଷ କିଣନ୍ତି। ଛତିଶଗଡ଼ର ଏହି ମେଳାରେ ଲୋକେ ଟଙ୍କା ବଦଳରେ ରୁଟି ଦେଇ ଜିନିଷ କିଣନ୍ତି। ଦୋକାନୀକୁ ଲୋକେ ରୁଟି ଦେଇ ଜିନିଷ ନେଇଥାନ୍ତି। ଏହି ମେଳାକୁ ବେଶ୍ ମଜାମସ୍ତିରେ ଲୋକେ ଉପଭୋଗ କରନ୍ତି। ରୁଟି ବଦଳରେ ହେଉଥିବା ଏହି ବ୍ୟବସାୟର ପରମ୍ପରା ୧୨୭ ବର୍ଷର ପୁରୁଣା। ଏହି ମେଳାରେ କୋରଦା ସମେତ ଆଖପାଖ ଗାଁର ଲୋକେ ମଧ୍ୟ ଭିଡ଼ ଜମାନ୍ତି। ଅପରାହ୍ନ ୩ଟାରୁ ରାତି ୮ଟା ପର୍ଯ୍ୟନ୍ତ ଏହି ମେଳା ଚାଲିଥାଏ। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଗାଁର ପୁରୁଷମାନେ ମେଳାରେ ବିକ୍ରି ପାଇଁ ମାଟିରେ କଣ୍ଢେଇ, ଖେଳନା ଓ କାଗଜରେ ଫୁଲ ତିଆରି କରି ରଖିଥାନ୍ତି। ଏହାକୁ ମହିଳାମାନେ ରୁଟି ଓ ଅନ୍ୟ ଖାଦ୍ୟ ସାମଗ୍ରୀ ଦେଇ କିଣିଥାନ୍ତି। ଏହି ମେଳାରେ ସାମାଜିକ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯାଇଥାଏ। ଏଠାରେ ପଶୁପକ୍ଷୀଙ୍କ ସୁରକ୍ଷାଠୁ ନେଇ, ବିଲୁପ୍ତ ହୋଇଯାଉଥିବା ପକ୍ଷୀଙ୍କ ସଂରକ୍ଷଣ, ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥାଏ। ସେହିପରି ଦଶମ ଏବଂ ଦ୍ୱାଦଶ ପରୀକ୍ଷାରେ ଯେଉଁ ଛାତ୍ରଛାତ୍ରୀମାନେ ଭଲ ପ୍ରଦର୍ଶନ କରିଥାନ୍ତି ସେମାନଙ୍କୁ ଏଠାରେ ସମ୍ମାନିତ କରାଯାଏ।

# 'ଡନ୍-୩'କୁ ବିକ୍ରାନ୍ତଙ୍କ ନା



ଫରହାନ୍ ଅଖତର୍‌ଙ୍କ ନିର୍ଦ୍ଦେଶିତ 'ଡନ୍-୩'ର ରିଲିଜ୍‌କୁ ଦର୍ଶକେ ଅପେକ୍ଷା କରିଛନ୍ତି। ଏହି ଫିଲ୍ମରେ ରଣବୀର ସିଂହ ଡନ୍ ଭୂମିକାରେ ନଜର ଆସିବେ। ତେବେ ଏଥିରେ ବିକ୍ରାନ୍ତ ମେସି ଖଳନାୟକ ଭାବେ ଦେଖାଯିବେ ବୋଲି କିଛି ଦିନ ପୂର୍ବରୁ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ଏବେ ବିକ୍ରାନ୍ତ ଏଥିରୁ ନିଜେ ଓହରି ଯାଇଥିବା ଜଣାପଡ଼ିଛି। ଏଥିରେ ବିକ୍ରାନ୍ତ ଜଣେ ସ୍ମାର୍ଟ ସ୍କାମର ଭୂମିକାରେ ନଜର ଆସିଥାନ୍ତେ। ତେବେ ଏହି ଭୂମିକା ବିକ୍ରାନ୍ତଙ୍କୁ ପସନ୍ଦ ନ ଆସିବାରୁ ସେ ଫିଲ୍ମଟିକୁ ଛାଡ଼ି ଦେଇଥିବା କୁହାଯାଉଛି। ଏହାପୂର୍ବରୁ କିଆରା ଆଡଭାନୀ ମଧ୍ୟ ଏହି ଫିଲ୍ମ ଛାଡ଼ିଛନ୍ତି। କିଆରା ଏଥିରେ ରଣବୀରଙ୍କ ବିପକ୍ଷରେ ନଜର ଆସିଥାନ୍ତେ। ସେ ଗର୍ଭବତୀ ଥିବାରୁ ଏହି ଫିଲ୍ମ ଛାଡ଼ି ଦେଇଥିଲେ। ଏହାପରେ ଏଥିରେ କ୍ରିତି ସାନନ୍‌ଙ୍କୁ ସୁଯୋଗ ମିଳିଥିଲା। ତେବେ ଏଥିରୁ ବିକ୍ରାନ୍ତ ହଟିବା ପରେ ଏଥିରେ ଆଦିତ୍ୟ ରାୟ କପୁର କିମ୍ବା ବିଜୟ ଦେବରକୋଣ୍ଡାଙ୍କୁ ସୁଯୋଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ଜାନୁୟାରୀ, ୨୦୨୬ରୁ ଏହାର ସୁଟିଂ ଆରମ୍ଭ ହେବ।

## ଅଧିକ ଲୁଣ ଅପକାରୀ



ଖାଦ୍ୟକୁ ସ୍ୱାଦିଷ୍ଟ କରିଥାଏ ଲୁଣ। ହେଲେ ଆବଶ୍ୟକତାଠୁ ଅଧିକ ଲୁଣ ଖାଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ଏବେ ଚିପ୍ସଠୁ ଆରମ୍ଭ କରି ଅନେକ ପ୍ରୋସେସଡ୍ ଫୁଡ୍‌ରେ ଅଧିକ ମାତ୍ରାରେ ଲୁଣ ମିଶିକି ରହୁଛି। ଯାହାକି ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ। ଏନେଇ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଏପିଡେମିୟୋଲୋଜିର ବିଶେଷଜ୍ଞଙ୍କ କହିବା କଥା, ଭାରତୀୟମାନଙ୍କର ଅଧିକ ଲୁଣ ଖାଇବା ଅଭ୍ୟାସ ଏବେ 'ସାଇଲେଣ୍ଟ ସଲ୍ଟ ଏପିଡେମିକ୍'ର କାରଣ ହୋଇଛି। ଯାହାକି ଧୀରେ ଧୀରେ ଦେଶରେ ଲକ୍ଷାଧିକ ଲୋକଙ୍କ ପାଇଁ ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ ତଥା ହୃଦ୍‌ଘାତ ଭଳି ଗମ୍ଭୀର ରୋଗର କାରଣ ସାଜୁଛି। ତେଣୁ ଠିକ୍ ସମୟରୁ ସଚେତନ ନ ହେଲେ ସ୍ୱାସ୍ଥ୍ୟ ଉପରେ ଏହାର ଖରାପ ପ୍ରଭାବ ପଡ଼ିପାରେ ବୋଲି ସେମାନେ ଚେତାଇ ଦେଇଛନ୍ତି। ଲୁଣକୁ ନେଇ କରାଯାଇଥିବା ଅଧ୍ୟୟନଗୁଡ଼ିକରୁ ଜଣାପଡ଼ିଛି ଯେ, ଭାରତରେ ଅଧିକ ଲୋକ ଆବଶ୍ୟକତା ଠୁ ଅଧିକ ଲୁଣ ଖାଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଜଣେ ବ୍ୟକ୍ତିଙ୍କୁ ପ୍ରତିଦିନ ୫ ଗ୍ରାମରୁ କମ୍ ଲୁଣ ଖାଇବା ଆବଶ୍ୟକ। ହେଲେ ଭାରତର ସହରୀ ଲୋକମାନେ ପ୍ରତିଦିନ ୯.୨ ଗ୍ରାମ୍ ଲୁଣ ଖାଉଥିବା ବେଳେ ଗ୍ରାମାଞ୍ଚଳର ଲୋକେ ନିତିଦିନ ପାଖାପାଖି ୫.୬ ଗ୍ରାମ୍ ଲୁଣ ଖାଉଛନ୍ତି। ଆବଶ୍ୟକତାଠାରୁ ଅଧିକ ଲୁଣ ଖାଇବା ଜନସ୍ୱାସ୍ଥ୍ୟ ନିମନ୍ତେ ଏକ ଗମ୍ଭୀର ସମସ୍ୟା ପାଲଟିଛି। ଏହି ସମସ୍ୟାରୁ ମୁକ୍ତି ପାଇବା ଲାଗି ବୈଜ୍ଞାନିକମାନେ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ନିତିଦିନ ଖାଦ୍ୟରେ ଲୁଣର ମାତ୍ରାକୁ କମ୍ କରିବା। ଏଥିରେ ଲୋକଙ୍କୁ କମ୍ ସୋଡିୟମ ଯୁକ୍ତ ଲୁଣ ବ୍ୟବହାର କରିବାକୁ କୁହାଯାଉଛି। ଏହା ରକ୍ତଚାପକୁ କମ୍ କରିବା ସହ ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ।

# ସୁମନ

### ସକାଳ ଶିଶୁ କୁଇଜ୍-୧୭୨

(୧) 'ଗୋବିନ୍ଦ ଚନ୍ଦ୍ର ଟିକା'ର ଲେଖକ କିଏ?
ଉତ୍ତର: ____________

(୨) ଚୀନ୍‌ର ମୁଦ୍ରାକୁ କ'ଣ କୁହାଯାଏ?
ଉତ୍ତର: ____________

(୩) କ୍ଷୀରଚୋରା ଗୋପୀନାଥ ମନ୍ଦିର ଓଡ଼ିଶାର କେଉଁ ଜିଲ୍ଲାରେ ଅବସ୍ଥିତ?
ଉତ୍ତର: ____________

(୪) ଭାରତରେ ପ୍ରଥମେ କେଉଁଠି ମେଟ୍ରୋ ଟ୍ରେନ୍ ଚାଲିଥିଲା?
ଉତ୍ତର: ____________

(୫) ସାର୍କ(SAARC)ର ମୁଖ୍ୟାଳୟ କେଉଁଠାରେ ଅଛି?
ଉତ୍ତର: ____________

**ଗତ ସପ୍ତାହର କୁଇଜ୍ ବିଜେତା**
- ଦେବାଶିଷ କର, ଆଙ୍କପଦା, ଭଦ୍ରକ
- ତପସ୍ୱିନୀ ପାଣି, ଚୌଦ୍ୱାର, କଟକ
- ପ୍ରାଚୀ ପରମିତା ପଟ୍ଟନାୟକ, ପାତ୍ରପଡ଼ା, ଭୁବନେଶ୍ୱର

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

### ସାଧବ ବୋହୂ



ସୁଧାକର ରାଉତ

ନାଲି ଟୁକୁ ଟୁକୁ ସାଧବ ବୋହୂ
ଝଡ଼ି ବରଷାରେ କୁଆଡ଼େ ଯାଉ।
କେଉଁଠି ତୋ ସାଧବ ଅଛି ବସି
ଯା ପାଇଁ ଧାଉଁ ତୁ ହୋଇଣ ଖୁସି।
କେଡ଼େ ଥିରି ଥିରି ଚାଲିଟି ତୋର
ଜାଣେନା କେହି କେଉଁଠି ତୋ ଘର।
ନାଲିଆ ଦେହ ତୋ ସବୁଜ ଘାସେ
ସିନ୍ଦୂର ଟୋପାଟିଏ ଭଳି ଦିଶେ।
ଦେଖିନେଲେ ତୋ କଅଁଳିଆ ରଙ୍ଗ
ଭାରି ଇଚ୍ଛା ହୁଏ ହେବାକୁ ସାଙ୍ଗ।
ହେଲେ ତୁ ଆମଠି କରିଛୁ ରାଗ
ସେପାଇଁ ବାଟ ଭାଙ୍ଗି ଯାଉ ଆଗ।
ମାନୁଛୁ ପରିବେଶ କରି ନଷ୍ଟ
ନାଶୁଛୁ ତୋ ବଂଶ ହୋଇଣ ଦୁଷ୍ଟ।
କହୁଛୁ ସତ ଖାଇ ତୋର ରାଣ
ବଦଳାଇବୁ ଆମର ସେ ଗୁଣ।

ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

### ଶ୍ରାବଣର ଇଏ ବରଷାର ଧାରା



ତପନ କୁମାର ସ୍ୱାଇଁ

ସକାଳ ସୂରୁଜ ନିଦରୁ ଉଠିନି
ପୂରୁବ ଆକାଶ ହସିନି,
ଫୁଲ ବଗିଚାରେ ପ୍ରଜାପତି କାହିଁ
ଫୁଲଟି ଉପରେ ବସିନି।
ସାରା ରାତି କାଲି ବରଷୁଛି ମେଘ
ଥମିବାର ନାଆଁ ଧରୁନି,
ଓଲେଇ ଗାଈଟା କୁଆଡ଼େ ଯାଇଛି
ସକାଳ ହେଲାଣି ଫେରୁନି।
ଭିଜେଇ ଦେଇଛି ବରଷାର ଧାରା
ସାରା ଧରଣୀକୁ ଏମିତି,
ପଚର ପଚର ପାଣି କାଦୁଅରେ
କିଏ ବାହାରିବ କେମିତି।
କଳା ବଉଦରୁ ମୋତି ମାଳା ପରି
ମାଟିରେ ବରଷା ଝରୁଛି,
ଗଛ ଡାଳେ ଭିଜି କୁନି ଚଢ଼େଇଟି
ପତର ପରିକା ଥରୁଛି।
କଟର କଟର କି ଗୀତ ଗାଉଛି
ବେଙ୍ଗୁଲୀ ଖୁସିରେ ଏମିତି,
ଭୋକ ଶୋଷ ସତେ ଭୁଲି ଯାଇଅଛି
କାଲି ଠାରୁ ଅବା ଯେମିତି।
କଳା ମେଘ ଆଜି ସାରା ଆକାଶକୁ
ପଣତ କାନିରେ ଢାଙ୍କିଛି,
ଶ୍ରାବଣର ଇଏ ବରଷାର ଧାରା
ନୂଆ ଛବିଟିଏ ଆଙ୍କିଛି।

ଅଇବିଲି, ତିର୍ତ୍ତୋଲ, ଜଗତସିଂହପୁର
ମୋ-୯୪୩୭୫୯୬୭୫୧

### ବଡ଼ କିଏ





ଅର୍ଜୁନ ଦାସ

ଥରେ ମହାକାଳ ଫଳ ଆଉ ପଣସ ମଧ୍ୟରେ ଯୁକ୍ତି ତର୍କ ଆରମ୍ଭ ହେଲା। ମହାକାଳ ଫଳ ପଣସକୁ ଦେଖାଇ କହିଲା, "ଦେଖିଲୁ ମୁଁ କେଡ଼େ ସୁନ୍ଦର। ଯିଏ ଦେଖୁଛି ସିଏ ଭଲ ନ କହି ରହି ପାରିବନି। ହେଲେ ତୋ ଚେହେରା କେବେ ଦେଖିଛୁ। ଦେହ ସାରା ଆବଡ଼ା ଖାବଡ଼ା ତ ପୁଣି କଣ୍ଟାମୟ। ଲୋକେ ତତେ କେତେ ହତାଦର କରୁଥିବେ ଭାବିଲୁ।" ମହାକାଳ ଫଳର ଏପରି କଥା ଶୁଣି ପଣସ କହିଲା, "ଆରେ ଭାଇ ଭଗବାନ ଯାହାକୁ ଯେମିତି କରିଛନ୍ତି ସେଥିରେ ଆମେ ବା କ'ଣ କରିପାରିବା। ଖାଲି ତ ଦେଖିବାକୁ ସୁନ୍ଦର ହେଲେ ହେବ ନାହିଁ ଗୁଣ ବି ସୁନ୍ଦର ହେବା ଦରକାର। ଯଦି ତୁମ ଭଳି ଉପର ଦେଖିବାକୁ ସୁନ୍ଦର ଥାଇ ବି କାହାର କାମରେ ନ ଆସିବ ସେଥିରେ କି ଲାଭ। ମୋର ସିନା ଉପର ଅସୁନ୍ଦର ହେଲେ ମୋତେ କେତେ ପ୍ରାଣୀ ଖାଦ୍ୟ ରୂପେ ଖାଉଛନ୍ତି। ଭଗବାନଙ୍କ ପାଖରେ ବି ଭୋଗ ଲାଗିହେଉଛି। ତୁମକୁ କିଏ ବ୍ୟବହାର କରୁଛି କହିଲ। ବାସ୍ ତୁମେ ସେମିତି ସେଇଠି ରହିଛ ପୁଣି ତଳେ ପଡ଼ି ମାଟିରେ ମିଶୁଛ। କାହାର ବି କାମରେ ଆସୁନାହଁ।" ମହାକାଳ ଫଳ ବି ନଛୋଡ଼ବନ୍ଧା। ସେ ମୁହେଁ ମୁହେଁ ଶୁଣାଇ ଦେଲା, ମନକୁ ବୁଝାଇବା ଲାଗି ତୁ ଏପରି କହୁଛୁ। ପ୍ରକୃତ କଥା କ'ଣ ଏ ସଂସାର ଜାଣିଛି। କିଏ ଏଠି ବଡ଼ ଆଉ କିଏ ସାନ ଅନ୍ୟମାନଙ୍କୁ ପଚାରି ବୁଝିବା। ପ୍ରକୃତ ସତ୍ୟ ସେମାନେ କହିବେ। ମହାକାଳ ଫଳ ଆଉ ପଣସ କିଛି ବାଟ ଯିବାପରେ ଆମ୍ବ ସହ ଦେଖାହେଲା। ତାକୁ ଦେଖି ମହାକାଳ ଫଳ କହିଲା, "ଭାଇ ଏ ଦୁନିଆରେ କିଏ ସବୁଠାରୁ ବଡ଼ ଯାହାର ଗୁଣ ନା ଯାହାର ରୂପ ସୁନ୍ଦର।" ଆମ୍ବ ଟିକେ ହସିଦେଇ କହିଲା, "ଭାଇ ଆଜି ନୁହେଁ ଯୁଗେ ଯୁଗେ ସାରା ଜଗତ ଗୁଣକୁ ଭଲ ପାଆନ୍ତି ରୂପକୁ ନୁହେଁ। କାରଣ ରୂପ କିଛି ନିର୍ଦ୍ଦିଷ୍ଟ ସମୟ ପରେ ବଦଳିଯାଏ। କିନ୍ତୁ ଗୁଣ ସର୍ବଦା ଜୀବିତ ଆଉ ପୂଜା ମଧ୍ୟ ପାଇଥାଏ। ବାଇଡଙ୍କ ଫଳକୁ ଦୂରରୁ ଦେଖିଲେ କେତେ ସୁନ୍ଦର ଦେଖାଯାଏ କିନ୍ତୁ ଯାହା ଦେହରେ ଥରେ ଲାଗେ ସେ କେତେ ଭୟଙ୍କର ହୋଇପାରେ ସମସ୍ତେ ଜାଣିଛନ୍ତି। ଆମ୍ବ କଥା ଶୁଣି ମହାକାଳ ଫଳ ମନ ଦୁଃଖରେ ଫେରିଗଲା। ମନେ ମନେ ଭାବିଲା ନିଜକୁ କ'ଣ ବୋଲି ଭାବୁଛି କି? ଫଳମାନଙ୍କର ରାଜା ବୋଲି କ'ଣ ଏତେ ଗର୍ବ? ଆଗକୁ ଆଗକୁ ଚାଲିଥାଏ। ଅନ୍ୟ ଦିଗରୁ ବିଲୁଆଟେ ଆସିବାର ଦେଖି ତାକୁ ଅଟକାଇ ଦେଲା ମହାକାଳ ଫଳ। ବିଲୁଆ ଭାଇ କହିଲୁ ଦୁନିଆରେ ରୂପ ବଡ଼ ନା ଗୁଣ ବଡ଼। ବିଲୁଆ ଟିକେ ତେରେଛା ନଜର ପକାଇ କହିଲା। ତୁମ ପାଖରୁ ଏ ପ୍ରଶ୍ନ ପାଇବାଟା ସ୍ୱାଭାବିକ। ନିଜକୁ କ'ଣ କିଏ ଖରାପ ବୋଲି ଭାବିପାରେ ଯେ ତୁମେ ଭାବିବ। ଆଚ୍ଛା କହିଲୁ, ଆମ ସିଂହ ରାଜା ଖରାପ ନା ଭଲ। ବିଲୁଆ କଥା ଶୁଣି ମହାକାଳ ଫଳ କହିଲା, "ହେ ଭାଇ ତା କଥା କୁହନି। ଏପରି ରାଜା ମୁଁ ଜୀବନ କାଳରେ ଦେଖିନାହିଁ। ତା' ପାଇଁ ତ ଏବେ ଜଙ୍ଗଲୀଜନ୍ତୁମାନେ ଚିନ୍ତାରେ ପଡ଼ି ଯାଇଛନ୍ତି। କେହି ଘରୁ ବାହାରିଲେ ଡରି ଡରି ବାହାରୁଛି କାଳେ ରାଜା ଲୁଚି କି ଥିବେ ସଙ୍ଗେ ସଙ୍ଗେ ଆକ୍ରମଣ କରିବେ।" ବିଲୁଆ ଟିକେ ଅଟକାଇ କହିଲା, "ସେ ଦେଖିବାକୁ କିପରି ସୁନ୍ଦର ନା ଅସୁନ୍ଦର।" ବିଲୁଆଠାରୁ ଏଭଳି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମହାକାଳ ଫଳ ଟିକେ ଅଟକି ଯାଇ କହିଲା, "ସେ ତ ଦେଖିବାକୁ ବହୁତ ସୁନ୍ଦର।" ଏବେ ସେ ଠିକ୍‌ସେ ବୁଝି ସାରିଥିଲା ପ୍ରକୃତରେ କିଏ ବଡ? ବିଲୁଆର ପ୍ରଶ୍ନରେ ତା ଆଖି ଖୋଲିଯାଇଥିଲା। ସେ ନିଜର ଭୁଲ୍ ବୁଝିପାରି ଜାଣିପାରିଲା ଯେ, "ପ୍ରକୃତରେ ଗୁଣ ହିଁ ବଡ଼। ରାଜା ଏତେ ସୁନ୍ଦର ହୋଇବି ଗୁଣ ଖରାପ ହେତୁ ସାରା ବନ୍ୟଜଗତ ଘୃଣା କରୁଛି। ପଣସ ପାଖରେ ନିଜର ଭୁଲ ସ୍ୱୀକାର କରି କହିଲା ଭାଇ, ମୁଁ ଜାଣିପାରିଲି ଏ ଦୁନିଆ ରେ ଗୁଣ ହିଁ ବଡ। ଗୁଣ ହିଁ ଚିରସ୍ଥାୟୀ"

ମାଧବ, ନିଆଳୀ, କଟକ।

## ପ୍ରହେଳିକା

- ଏମିତି ଅଟଇ ମାସଟି ସିଏ
ମୁଷଳ ଧାରାରେ ବରଷା ହୁଏ
ଶିବ ମନ୍ଦିରରେ ଭିଡ଼ ଲାଗଇ
ପାଣି ଢାଳୁଥାନ୍ତି କାଉଡ଼ିଆ ଭାଇ
ଚାଷ ବେଉଷଣ ବିଲରେ ହୁଏ
ନାମଟି ତାହାର କହିବ କିଏ ?

ଉ-ଶ୍ରାବଣ ମାସ



- ଶ୍ରାବଣ ମାସର ସୋମବାରରେ
ପାଣି ନେଉଥାନ୍ତି ସିଏ ଭାରରେ
ଶୁଦ୍ଧ ନିରାମିଷ କରି ଭୋଜନ
ତୁଣ୍ଡେ ନେଉଥାନ୍ତି ଶିବ ଭଜନ
ଗେରୁଆ ବସ୍ତ୍ର ଦେହର ନାଇ
ଶିବ ମନ୍ଦିରକୁ ଯାଆନ୍ତି ଧାଇଁ
ବୋଲବମ୍ ବୋଲି ଡାକନ୍ତି ସିଏ
ନାମଟି ତାଙ୍କର କହିବ କିଏ ?

ଉ-କାଉଡ଼ିବାଲା

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ-୮୩୧୦୩୨୮୩୪୫

## ମୋ ଆଙ୍କା ଛବି





ଦେବହୁତି ବରଦାଲକ୍ଷ୍ମୀ ରାଉତ
ଦ୍ୱିତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡ଼ା





ଆରାଧ୍ୟା ପୁଷ୍ପାଳକ
ଷଷ୍ଠ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡ଼ା, ପୁରୀ





ଆର୍ଶୀତ ମିଶ୍ର
ଚତୁର୍ଥ ଶ୍ରେଣୀ
ଏକଲବ୍ୟ ଶିକ୍ଷା କେନ୍ଦ୍ର
ନିମାପଡ଼ା





ଋତଭିକ ସାହୁ
ସପ୍ତମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ନିଆଳି, କଟକ

## ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍
# ନରମ ଡ୍ୟୁକ୍ ବଲ୍‌ର ସମୀକ୍ଷା କରାଯିବ

ଲଣ୍ଡନ,୧୮।୭ (ଏଜେନ୍ସି)




ଡ୍ୟୁକ୍ ବଲ୍‌ର ନିର୍ମାତା ଏବେ ଚାପରେ। ଇଂଲଣ୍ଡରେ ଖେଳାଯାଉଥିବା ଟେଷ୍ଟ ମ୍ୟାଚ ଡ୍ୟୁକ୍ ବଲ୍‌ରେ ଖେଳାଯାଇଥାଏ। ଭାରତ ସହ ଚାଲିଥିବା ଟେଷ୍ଟ ମ୍ୟାଚ୍‌ରେ ଏହି ବଲ ସଫ୍ଟ ବା ନରମ ହେବା ନେଇ ଉଭୟ ଦଳର ଅଧିନାୟକ ବାରମ୍ବାର ଅଭିଯୋଗ କରିବା ପରେ ଏହା ଏବେ ବିବାଦୀୟ ହୋଇପଡ଼ିଛି। ଏହି ଅଭିଯୋଗକୁ ଆଧାର କରି ଡ୍ୟୁକ୍ ବଲ୍ ନିର୍ମାତା ଏହାର ସମୀକ୍ଷା କରିବେ ବୋଲି ଘୋଷଣା କରିଛି। ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍‌ରେ ଏହି ବଲ ୩୦ ଓଭର ଖେଳ ପରେ ସଫ୍ଟ ବା ନରମ ହୋଇଯାଉଥିବା ଦେଖାଯାଇଛି। ଯାହା ଫଳରେ ବାରମ୍ବାର ବଲ ପରିବର୍ତ୍ତନ କରାଯାଇ ସମୟ ତ ନଷ୍ଟ ହେଉଛି, ତାହା ସହ ଖେଳର ସମୀକରଣ ବଦଳିଯାଇଛି। ତୃତୀୟ ଟେଷ୍ଟରେ ଦୁଇଥର ଏଭଳି ହୋଇଥିଲା ଓ ଏଥିରେ ଭାରତ ବହୁ ପରିମାଣରେ କ୍ଷତିଗ୍ରସ୍ତ ହୋଇଥିଲା। ଯାହା ଫଳରେ ଦଳ ମ୍ୟାଚ୍ ହାରିଥିଲା। ଭାରତୀୟ ଅଧିନାୟକ ଶୁବମନ୍ ଗିଲ୍ ଏ ପ୍ରସଙ୍ଗ ବାରମ୍ବାର ଗଣମାଧ୍ୟମ ଓ ଆଇସିସିକୁ ଜଣାଇଥିଲେ।

ଡ୍ୟୁକ୍ ବଲ ନରମ ହେବା ବାରମ୍ବାର ଅଭିଯୋଗକୁ ଭିତ୍ତିକରି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ୩ଟି ଯାକ ଟେଷ୍ଟରେ ବ୍ୟବହାର ହୋଇଥିବା ଡ୍ୟୁକ୍ ବଲ୍‌କୁ ସଂଗ୍ରହ କରି ନିର୍ମାତା ବ୍ରିଟିଶ କ୍ରିକେଟ ବଲ୍ସ ଲିମିଟେଡ୍ କମ୍ପାନୀକୁ ଦେବେ। ଚଳିତ ସପ୍ତାହରେ ବଲ ମିଳିବା ପରେ କମ୍ପାନୀ ଏହାକୁ ନେଇ ସମୀକ୍ଷା କରିବ। 'ଆମେ ଏ ସବୁ ବଲ୍‌କୁ ନେଇ ତନଖି ପରୀକ୍ଷା କରିବୁ। ଏଥିରେ ବ୍ୟବହାର ହେଉଥିବା ସାମଗ୍ରୀ ସହ ସେଥିରେ ଯାହା କିଛି ବ୍ୟବହାର କରାଯାଇଛି ତାହର ମାନ ମଧ୍ୟ ପରୀକ୍ଷା କରାଯିବ' ବୋଲି ଡ୍ୟୁକ୍ ବଲ ନିର୍ମାତାର ମାଲିକ ଦିଲୀପ ଜାଜୋଡିଆ କହିଛନ୍ତି। ତନ୍ନ ତନ୍ନ କରି ଏ ସବୁ ପରୀକ୍ଷା କରିବା ପରେ ଆବଶ୍ୟକତା ଅନୁଯାୟୀ ପରିବର୍ତ୍ତନ କରାଯିବ ବୋଲି ଜାଜୋଡିଆ କହିଛନ୍ତି। ଏଥର ଯେପରି କିଛି ଅସୁବିଧା ନ ହୁଏ ତାହା ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

ବ୍ରିଟିଶ କ୍ରିକେଟ ବଲ୍ସ ଲିଃ ୧୭୬୦ରୁ ଡ୍ୟୁକ୍ ବଲ୍ ତିଆରି କରି ଆସୁଛି। ଏହା ଇଂଲଣ୍ଡର ଘରୋଇ କାଉଣ୍ଟି କ୍ରିକେଟ ଓ ଏହି ଦେଶରେ ଖେଳାଯାଉଥିବା ସମସ୍ତ ଟେଷ୍ଟ ଓ ଅନ୍ୟାନ୍ୟ ମ୍ୟାଚ୍‌ରେ ବ୍ୟବହାର କରାହୋଇଆସୁଛି। ଭାରତରେ ଏସ୍‌ଜି ବଲ୍ ଓ ଅଷ୍ଟ୍ରେଲିଆରେ କୁକାବୁରା ବଲ ବ୍ୟବହାର କରାଯାଇଥାଏ। ଇଂଲଣ୍ଡ ସହ ଲର୍ଡ୍ସରେ ଖେଳାଯାଇଥିବା ତୃତୀୟ ଟେଷ୍ଟରେ ଭାରତୀୟ ଅଧିନାୟକ ଶୁବମାନ ଗିଲ୍ ଡ୍ୟୁକ୍ ବଲ ବିରୋଧରେ ଖୋଲାଖୋଲି ଅଭିଯୋଗ ଆଣିବା ସହ ଅସନ୍ତୋଷ ପ୍ରକାଶ କରିଥିଲେ। ଦ୍ୱିତୀୟ ଦିନ ଖେଳ ଏକ ଘଣ୍ଟା ପରେ ବଲ ସଫ୍ଟ ବା ନରମ ହୋଇଯାଇଥିଲା। ଯାହା ଫଳରେ ବଲକୁ ବଦଳାଇବାକୁ ପଡ଼ିଥିଲା। ଏହାର ସିଧାସଳଖ ପ୍ରଭାବ ପଡ଼ିଥିଲା ପୂରା ଲୟରେ ବୋଲିଂ କରୁଥିବା ଯଶପ୍ରୀତ୍ ବୁମ୍‌ରାଙ୍କ ଉପରେ। ପୂର୍ବରୁ ବ୍ୟବହାର ହୋଇଥିବା ବଲ୍‌ରେ ବୁମ୍‌ରା ଶୀଘ୍ର ଶୀଘ୍ର ୩ଟି ୱିକେଟ ନେଇଥିଲେ। ବଲ ବଦଳିବା ପରେ ବୁମ୍‌ରାଙ୍କ୍ ସମେତ ଭାରତୀୟ ବୋଲର ପ୍ରଭାବ ବିହୀନ ହୋଇପଡ଼ିଥିଲେ। ଯାହା ଫଳରେ ଇଂଲଣ୍ଡ ଏକ ସମ୍ମାନଜନକ ସ୍କୋର କରିବାକୁ ସମର୍ଥ ହୋଇଥିଲା। ବଦଳାଯାଇଥିବା ବଲ ପୂର୍ବ ବଲର ସମାନ ନ ଥିଲା। ଯାହାକୁ ନେଇ ଅଧିନାୟକ ଗିଲ ଖୁବ୍ ଅସନ୍ତୋଷ ବ୍ୟକ୍ତ କରିବା ପରେ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ ଏଭଳି ନିଷ୍ପତ୍ତି ନେଇଛନ୍ତି।

ଏତେ ଦିନ ହେଲା ଇଂଲଣ୍ଡରେ ଡ୍ୟୁକ ବଲ୍ ବ୍ୟବହାର କରାଯାଉଛି। କିନ୍ତୁ ଚଳିତ ଟେଷ୍ଟ ସିରିଜ୍ ଭଳି ଏହା ପୂର୍ବରୁ ହୋଇ ନ ଥିଲା। ଭାରତୀୟ ୱିକେଟ ରକ୍ଷକ ଋଷଭ ପନ୍ତ୍ ମଧ୍ୟ ଏହି ବଲ ପରିବର୍ତ୍ତନକୁ ନେଇ ଆଇସିସି ଦ୍ୱାରା ଚେତାବନୀ ପାଇଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା ଜଣେ ଭାରତୀୟ ଜୟ ଶାହ ଆଇସିସିର ସଭାପତି ଥିଲେ ମଧ୍ୟ ବଲ ବିବାଦ ସମ୍ପର୍କରେ ମୁହଁ ଖୋଲି ନାହାନ୍ତି। ଆଇସିସି ନିୟମ ଅନୁଯାୟୀ ଟେଷ୍ଟ ସିରିଜ୍ ଆୟୋଜନ କରୁଥିବା ଦେଶର ନିଷ୍ପତ୍ତି ଅନୁଯାୟୀ ବଲ ବ୍ୟବହାର କରାଯିବ।

କେବଳ ଗିଲ ନୁହଁନ୍ତି, ଇଂଲଣ୍ଡର କିଂବଦନ୍ତୀ ଫାଷ୍ଟ ବୋଲର ଷ୍ଟୁଆର୍ଟ ବ୍ରଡ୍ ମଧ୍ୟ ଡ୍ୟୁକ୍ ବଲ ବିରୋଧରେ ଅସନ୍ତୋଷ ଜାହିର କରିଛନ୍ତି। ଇଂଲଣ୍ଡ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ସିରିଜ୍‌ରେ ବଲ୍‌ର ନମନୀୟତା ଯୋଗୁଁ ଭାରତକୁ ମଧ୍ୟ କିଛି ଫାଇଦା ମିଳିଛି। କିନ୍ତୁ ବଲ ପରିବର୍ତ୍ତନ ଯୋଗୁଁ ଇଂଲଣ୍ଡ ଅଧିକ ସଫଳ ହୋଇଛି। ଯାହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍ ଶେଷ ସୁଦ୍ଧା ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ଲଣ୍ଡନ ଓ ଲିଡ୍ସରେ ଇଂଲଣ୍ଡ ଜିତିଥିଲାବେଳେ ଏଜ୍‌ବାଷ୍ଟନରେ ଭାରତ ଜିତ୍ ହାସଲ କରିଛି। ସିରିଜ୍‌ର ଚତୁର୍ଥ ଟେଷ୍ଟ ମ୍ୟାଚ୍ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୨୩ରୁ ଆରମ୍ଭ ହେବ।

# ସଚିନ ତେନ୍ଦୁଲକର ଇନ୍‌ଡୋର୍ ହଲ୍ ହେବ ସ୍ପୋର୍ଟସ ସାଇନ୍ସ ସେଣ୍ଟର



କଟକ,୧୮।୭(ସମିସ): ଖେଳାଳିମାନଙ୍କ ଆହତ ଜନିତ ସମସ୍ୟାକୁ ଗୁରୁତ୍ୱ ଦିଆଯିବ। ଆଥଲେଟିକ ମନିଟରିଂ ଜରିଆରେ ଖେଳାଳିମାନେ ସ୍ୱତନ୍ତ୍ର ନିରୀକ୍ଷଣରେ ରହିବେ। ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ଖେଳାଳିଙ୍କୁ ପ୍ରଶିକ୍ଷଣ ଦିଆଯିବା ସହ ପୁର୍ନନିବାସ ବ୍ୟବସ୍ଥା ଉପଲବ୍ଧ କରାଯିବ।

- ମହତାବଙ୍କ ନାମରେ ଫିଡର ସେଣ୍ଟର
- ଓସିଏ ଆପେକ୍ସ କାଉନସିଲ ବୈଠକରେ ନିଷ୍ପତ୍ତି

ବାରବାଟୀ ଷ୍ଟାଡିୟମ ପରିସରସ୍ଥ ସଚିନ ତେନ୍ଦୁଲକର ଇନଡୋର ହଲ୍‌କୁ ସ୍ପୋର୍ଟସ ସାଇନ୍ସ ସେଣ୍ଟରରେ ରୂପାନ୍ତରୀକରଣ କରି ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଏଭଳି ବ୍ୟବସ୍ଥା ଆପଣାଇବାକୁ ଯାଉଛି। ଇନଡୋର ହଲ୍‌ର ଭିତ୍ତିଭୂମିର ବିକାଶ କରାଯାଇ ଏଠାରେ ଅତ୍ୟାଧୁନିକ କ୍ରୀଡ଼ା ବିଜ୍ଞାନର ଆବଶ୍ୟକୀୟ ଉପକରଣ ମହଜୁଦ କରାଯିବ। ଆଜି ଓସିଏର ଆପେକ୍ସ କାଉନସିଲ ବୈଠକରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାଜ୍ୟରେ କ୍ରିକେଟର ବିକାଶ ନେଇ ଏକାଧିକ ପ୍ରସ୍ତାବ ଓ ଯୋଜନା ବାବଦରେ ଆପେକ୍ସ କାଉନସିଲ ବୈଠକରେ ଆଲୋଚନା ହୋଇଥିଲା। ଓସିଏ ସେଣ୍ଟର ଅଫ ଏକ୍ସିଲେନ୍ସର ସଫଳ ରୂପାୟନ ନିମନ୍ତେ ଦୁଇଟି କେନ୍ଦ୍ର ପ୍ରତିଷ୍ଠା ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସଚିନ ତେନ୍ଦୁଲକର ସ୍ପୋର୍ଟସ ସାଇନ୍ସ ସେଣ୍ଟର ସହ ଖୁବଶୀଘ୍ର ଏଠାରେ ଆବାସିକ କ୍ରିକେଟ ଏକାଡେମୀ ମଧ୍ୟ ପ୍ରତିଷ୍ଠା ହେବ। ଯାହାର ନାଁ ରହିବ ଡଃ ହରେକୃଷ୍ଣ ମହତାବ କ୍ରିକେଟ ଫିଡର ସେଣ୍ଟର। ଏଠାରେ ୧୪ବର୍ଷରୁ କମ୍ ବୟସ ବର୍ଗର ମୋଟ ୮୦ଜଣ ଖେଳାଳି ରହିବେ। ଖେଳାଳିଙ୍କ ପ୍ରଶିକ୍ଷଣ, ଶିକ୍ଷା, ସ୍ୱାସ୍ଥ୍ୟ ସମସ୍ତ ଦିଗ ପ୍ରତି ଓସିଏ ଯତ୍ନବାନ ରହିବ। ରାଜ୍ୟର ପ୍ରଥମ ମୁଖ୍ୟମନ୍ତ୍ରୀ ଏବଂ ଓସିଏର ପ୍ରଥମ ସଭାପତି ଡଃ ମହତାବଙ୍କ ଉଦ୍ଦେଶ୍ୟରେ ଏକାଡେମୀଟି ସମର୍ପିତ ହେବ। ସେହିପରି ସେପ୍ଟେମ୍ବରରେ ହେବାକୁ ଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ସଫଳ ଆୟୋଜନ ବାବଦରେ ଆଲୋଚନା ହୋଇଥିଲା। ଆପେକ୍ସ କାଉନସିଲ ବୈଠକରେ ସଭାପତି ପଙ୍କଜ ଲୋଚନ ମହାନ୍ତି, ଉପସଭାପତି ଜଗମୋହନ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ରାକେଶ ମହାନ୍ତି, ଗୀତା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ସମ୍ପାଦକ ସଞ୍ଜୟଙ୍କ ଅଧ୍ୟକ୍ଷତାରେ ଫାଇନାନ୍ସ କମିଟି ବୈଠକ ମଧ୍ୟ ଆଜି ଅନୁଷ୍ଠିତ ହୋଇଥିଲା।

## ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା
## ନଟରାଜଙ୍କ ଜାତୀୟ ରେକର୍ଡ

ଭୁବନେଶ୍ୱର, ୧୮।୭ (ସମିସ): ଜର୍ମାନୀର ରୁର-ରାଇନ୍‌ରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଶୁକ୍ରବାର ଖେଳାଯାଇଥିବା ଇଭେଣ୍ଟରେ ଭାରତୀୟ ପ୍ରତିଯୋଗୀମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ପୁରୁଷ ସନ୍ତରଣରେ ଅଲିମ୍ପିଆନ ଶ୍ରୀହରି ନଟରାଜ ପୁରୁଷ ୨୦୦ ମିଟର ଫ୍ରିଷ୍ଟାଇଲ ରେସ୍‌କୁ ୧:୪୮.୨୨ ସେକେଣ୍ଡରେ ଅତିକ୍ରମ କରି ଏହି ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ନିଜ ନାମରେ ଏହି ରେକର୍ଡ ଥିଲା। ନଟରାଜଙ୍କ ବ୍ୟତୀତ ଟିଟି, ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ ଓ ଭଲିବଲ୍‌ରେ ଭାରତୀୟ ପ୍ରତିଯୋଗୀମାନେ ବିଜୟୀ ହୋଇଛନ୍ତି। ଡସେଲଡର୍ଫରେ ଖେଳାଯାଇଥିବା ଟେବୁଲ ଟେନିସର ଦଳଗତ ବିଭାଗରେ ଭାରତ ଉଭୟ ପୁରୁଷ ଓ ମହିଳା ବିଭାଗ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବ୍ୟାଡମିଣ୍ଟନରେ ଭାରତର ସମସ୍ତ ପ୍ରତିଯୋଗୀ ବିଜୟୀ ହୋଇଛନ୍ତି। ଏହି ବିଶ୍ୱସ୍ତରୀୟ ଇଭେଣ୍ଟରେ ଓଡ଼ିଶାର ବିଶ୍ୱବିଦ୍ୟାଳୟରୁ ୪୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି।

## ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜ
## ନ୍ୟୁଜିଲାଣ୍ଡର କ୍ରମାଗତ ୨ୟ ବିଜୟ



ହରାରେ, ୧୮।୭ (ଏଜେନ୍ସି): ଚଳିତ ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ନ୍ୟୁଜିଲାଣ୍ଡ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଶୁକ୍ରବାର ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଅନୁଷ୍ଠିତ ଏକ ମ୍ୟାଚରେ ନ୍ୟୁଜିଲାଣ୍ଡ ୮ ୱିକେଟ୍‌ରେ ଆୟୋଜକ ଜିମ୍ବାୱେକୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମ ମ୍ୟାଚରେ ୨୧ ରନରେ ଦକ୍ଷିଣ ଆଫ୍ରିକାକୁ ହରାଇଥିବା ନ୍ୟୁଜିଲାଣ୍ଡ ଏଥିସହ ୪ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିଛି। ଆସନ୍ତା ରବିବାର ଜିମ୍ବାୱେ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସିରିଜର ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ।

ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଜିମ୍ବାୱେ ୨୦ ଓଭରରେ ୭ ୱିକେଟ୍ ହରାଇ ୧୨୦ ରନ କରିଥିଲା। ଦଳ ପକ୍ଷରୁ ଦୁଇ ଓପନର୍ ୱେସଲୀ ମାଧେଭେରେ ୩୬, ବ୍ରାଏନ ବେନେଟ୍ ୨୧, ଅଧିନାୟକ ସିକନ୍ଦର ରାଜା ଓ ର୍‌ୟାନ ବର୍ଲ ୧୨ ରନ ଲେଖାଏ କରିଥିଲେ। ନ୍ୟୁଜିଲାଣ୍ଡ ପାଇଁ ମ୍ୟାଟ୍ ହେନରୀ ସବୁଠୁ ସଫଳ ବୋଲର ରହିଥିଲେ। ସେ ୨୬ ରନ ବ୍ୟୟରେ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଜବାବରେ ୧୨୧ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ନ୍ୟୁଜିଲାଣ୍ଡ ୨ ୱିକେଟ ହରାଇ ୩୭ ବଲ୍ ପୂର୍ବରୁ ବିଜୟୀ ହୋଇଥିଲା। ଓପନର୍ ଡେଭନ କନୱେ ୪୦ ବଲରେ ଅପରାଜିତ ୫୯ ରନ କରିଥିଲେ। ସେହିଭଳି ରାଚିନ ରବୀନ୍ଦ୍ର ୩୦, ଟିମ୍ ସେଇଫର୍ଟ ୩ ଓ ଡାରୀଲ ମିଚେଲ ଅପରାଜିତ ୨୬ ରନର ପାଳି ଖେଳିଥିଲେ। କନୱେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ମହିଳା କବାଡ଼ି ବିଶ୍ୱକପ୍ ୩ରୁ

ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି): ମହିଳା କବାଡ଼ି ବିଶ୍ୱକପ୍‌ର ୨ୟ ସଂସ୍କରଣ ହାଇଦରାବାଦ୍‌ରେ ଅଗଷ୍ଟ ୩ରୁ ଆରମ୍ଭ ହେବ। ମହିଳା କବାଡ଼ି ବିଶ୍ୱକପ୍ ମୂଳତଃ ଜୁନ୍‌ରେ ବିହାରରେ ଆୟୋଜିତ ହେବାର ଥିଲା। କିନ୍ତୁ ବିହାର ଆୟୋଜନରୁ ଓହରିଯିବା ଫଳରେ ତେଲଙ୍ଗାନା ବିଶ୍ୱକପ୍ ଆୟୋଜନ କରିବାକୁ ଭାରତୀୟ କବାଡ଼ି ମହାସଂଘ ନିକଟରେ ଅନୁରୋଧ କରିଥିଲା। ୧୩ ବର୍ଷ ତଳେ ଅନୁଷ୍ଠିତ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଥିଲା।

## ଭାରତର ବିଜୟ ଅଭିଯାନ

ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି): ଇଣ୍ଡୋନେସିଆରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଜୁନିଅର ମିକ୍ସଡ ଟିମ୍ ଚାମ୍ପିଅନସିପ୍‌ରେ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ମ୍ୟାଚରେ ଭାରତ ୧୧୦-୬୯ ପଏଣ୍ଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚରେ ମିକ୍ସଡ ଡବଲ୍ସରେ ବିଷ୍ଣୁ କୋଡେ ଓ ରିଷିକା ଯୋଡ଼ି ୧୧-୫ରେ କେନେଥ୍ ଅରୁଗୋଡା ଓ ଇଶୁରୀ ଅଟ୍ଟାନାୟକେ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହାପରେ ଖେଳାଯାଇଥିବା ମହିଳା ଡବଲ୍ସରେ ଗାୟତ୍ରୀ ଓ ମାନସ ରାୱତ ଯୋଡ଼ି ଓ ପରେ ମହିଳା ସିଙ୍ଗଲ୍ସରେ ତନଭୀ ଶର୍ମା ବିଜୟୀ ହୋଇଥିଲେ।

## ଜାତୀୟ ଆଥଲେଟିକ୍ ଚାମ୍ପିଅନସିପ୍ ପାଇଁ ୨ରୁ ଟ୍ରାଏଲ୍

କଟକ,୧୮।୭(ସମିସ): ଅଗଷ୍ଟ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ତାମିଲନାଡୁର ଚେନ୍ନାଇରେ ୬୪ତମ ବରିଷ୍ଠ ଜାତୀୟ ଆନ୍ତଃରାଜ୍ୟ ଆଥଲେଟିକ ଚାମ୍ପିଅନସିପ୍ ଆୟୋଜନ ହେବ। ଏଥିନିମନ୍ତେ ଅଗଷ୍ଟ ୨ରୁ କଟକର ରିଜର୍ଭ ପୁଲିସ ଗ୍ରାଉଣ୍ଡରେ ସିଲେକ୍ସନ ଟ୍ରାଏଲ କରାଯିବ। ଓଡ଼ିଶା ଆଥଲେଟିକ ଆସୋସିଏସନ(ଓଏଏ) ପକ୍ଷରୁ ଶୁକ୍ରବାର ଏନେଇ ପ୍ରେସବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ଓଏଏ ସହ ଅନୁବନ୍ଧିତ ସମସ୍ତ ଜିଲ୍ଲା ସଂଘକୁ ଅବଗତ କରାଯାଇଛି। ଚଳିତ ମାସ ୨୮ ତାରିଖ ପୂର୍ବରୁ ପ୍ରତ୍ୟେକ ସଂଘ ଖେଳାଳି ତାଲିକା ପଠାଇବେ। ଟ୍ରାଏଲରେ ଭାଗ ନେବା ନିମନ୍ତେ ଖେଳାଳିମାନଙ୍କ ପାଇଁ ଓଏଏ ଏକ ମାନଦଣ୍ଡ ପ୍ରସ୍ତୁତ କରିଛି। ଟ୍ରାଏଲରୁ ଜାତୀୟ ଚାମ୍ପିଅନସିପ୍ ନିମନ୍ତେ ରାଜ୍ୟ ଦଳ ଗଠନ କରାଯିବ।

## ବିସିସିଆଇର ରେକର୍ଡ ଆୟ

ନୂଆଦିଲ୍ଲୀ,୧୮।୭ (ଏଜେନ୍ସି): ଆର୍ଥିକବର୍ଷ ୨୦୨୪ରେ ବିସିସିଆଇ ଆୟ କରିଛି ରେକର୍ଡ ୯.୭୪୧ କୋଟି ଟଙ୍କା। ଏହା ମଧ୍ୟରୁ ଦେଶର ସବୁଠାରୁ ବଡ଼ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରୁ ମିଳିଛି ୫୯ ଭାଗ ଅର୍ଥ ବା ୫,୭୬୧ କୋଟି ଟଙ୍କା। ମ୍ୟାଚ୍ ଗୁଡିକର ଟେଲିଭିଜନ ପ୍ରସାରଣ, ବିଜ୍ଞାପନ ଓ ଅନ୍ୟ ଟୁର୍ଣ୍ଣାମେଣ୍ଟ ଗୁଡିକରୁ ଏହି ଅର୍ଥ ଆୟ ହୋଇଛି ବୋଲି ଆର୍ଥିକ ଦେଣନେଣ କରୁଥିବା ବିଜ୍ଞାପନ ସଂସ୍ଥା ରେଡିଫ୍ୟୁଜନ ପକ୍ଷରୁ କୁହାଯାଇଛି। ଅଣ ଆଇପିଏଲ ପ୍ରସାରଣ ଅଧିକାରରୁ ୩୬୧ କୋଟି ଟଙ୍କା ମିଳିଛି। ୨୦୦୭ରୁ ଆଇପିଏଲ୍ ଆରମ୍ଭ ହେବା ପରଠାରୁ ବିସିସିଆଇର ସମ୍ପତ୍ତି ବହୁଗୁଣା ବୃଦ୍ଧି ପାଇଛି। ଏବେ ମିଳିଥିବା ସୂଚନା ଅନୁଯାୟୀ ବିସିସିଆଇ ୩୦,୦୦୦ କୋଟି ଟଙ୍କା ଫିକ୍ସଡ ଡିପୋଜିଟ କରିଛି। ଏଥିରୁ ବର୍ଷରୁ ୧,୦୦୦ କୋଟି ଟଙ୍କାର ସୁଧ ମିଳୁଛି। କ୍ରିକେଟକୁ ନେଇ ବିସିସିଆଇ ଏକ ଭଲ ବିଜ୍‌ନେସ ମଡେଲ ତିଆରି କରିପାରିଛି। ଭାରତ ତଥା ଭାରତ ବାହାରେ ଆଇପିଏଲ୍‌ରେ କ୍ରେଜ୍‌କୁ ନେଇ ଏହା ସମ୍ଭବ ହୋଇଛି।

୨୦୨୩-୨୪ରେ ୯,୭୪୧ କୋଟି ଟଙ୍କା

## ପ୍ରଶାନ୍ତ, ରମଜାନଙ୍କ ହ୍ୟାଟ୍ରିକ୍‌ରେ ସମ୍ବଲପୁର ବିଜୟୀ



ସାହାଣୀ କପ୍-୨୦୨୫

କଟକ,୧୮।୭(ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍ ରାଜ୍ୟର ୪ଟି ଜୋନ୍‌ରେ ଖେଳାଯାଉଛି। ଶୁକ୍ରବାର ବୌଦ୍ଧ ଜୋନ୍‌ରେ ଖେଳାଯାଇଥିବା ଏକ ମ୍ୟାଚ୍‌ରେ ସମ୍ବଲପୁର ଏକତରଫା ଭାବେ ୯-୦ ଗୋଲ୍‌ରେ ନୂଆପଡ଼ାକୁ ପରାସ୍ତ କରିଥିଲା। ପ୍ରଥମାର୍ଦ୍ଧରେ ୨ଟି ଗୋଲ ସ୍କୋର କରିଥିବା ସମ୍ବଲପୁର ଦ୍ୱିତୀୟାର୍ଦ୍ଧରେ ୭ଟି ଗୋଲ ଦେଇ ସହଜ ବିଜୟ ହାସଲ କରିଥିଲା। ବିଜୟୀ ଦଳ ତରଫରୁ ପ୍ରଶାନ୍ତ ଓରାମ ଏବଂ ରମଜାନ ମୁଣ୍ଡା ଉଭୟ ହ୍ୟାଟ୍ରିକ ଗୋଲ୍ ସ୍କୋର କରିଥିଲେ। ବିଜୁ ଓରାମ ଓ ବଣ୍ଟି ମୁଣ୍ଡା ଯଥାକ୍ରମେ ୨ଟି ଓ ଗୋଟିଏ ଗୋଲ ଦେଇଥିଲେ। ଏହି ଜୋନ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍ ମଧ୍ୟ ଏକତରଫା ଭାବେ ଶେଷ ହୋଇଥିଲା। ନରେଶ ଧାନଙ୍କ ଦୁଇଟି ଗୋଲ ସହାୟତାରେ ବଲାଙ୍ଗିର ୪-୦ ଗୋଲ୍‌ରେ ଘରୋଇ ବୌଦ୍ଧକୁ ହରାଇଥିଲା। କେନ୍ଦୁଝର ଜୋନ୍‌ରେ ଘରୋଇ କେନ୍ଦୁଝର ଓ ଯାଜପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୨-୨ ଗୋଲ୍‌ରେ ଅମୀମାଂସିତ ରହିଛି। ଅନ୍ୟ ଏକ ମ୍ୟାଚ୍‌ରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ୪-୩ ଗୋଲରେ ଅନୁଗୋଳକୁ ହରାଇଛି। ବ୍ରହ୍ମପୁର ଜୋନ୍‌ରେ ନବରଙ୍ଗପୁର ୭-୦ ଗୋଲରେ ଗଜପତିକୁ, ଭୁବନେଶ୍ୱର ୧-୦ ଗୋଲରେ ଗଞ୍ଜାମକୁ, କେନ୍ଦ୍ରାପଡ଼ା ଜୋନ୍‌ରେ ଭଦ୍ରକ ୨-୦ ଗୋଲରେ ଜଗତସିଂହପୁରକୁ ଏବଂ ଝାରସୁଗୁଡ଼ା ୬-୧ ଗୋଲ୍‌ରେ କେନ୍ଦ୍ରପଡ଼ାକୁ ହରାଇଥିଲା।

## ସିଏଏସ୍‌ରେ ସର୍ବଭାରତୀୟ ଫୁଟବଲ ମହାସଂଘକୁ ଧକ୍କା
# ଇଣ୍ଟର କାଶୀ ଆଇ-ଲିଗ୍ ଚାମ୍ପିଅନ

ନୂଆଦିଲ୍ଲୀ,୧୮।୭ (ଏଜେନ୍ସି)



ଇଣ୍ଟର କାଶୀ କ୍ଲବ୍ ନୂଆ ଆଇ-ଲିଗ୍ ଚାମ୍ପିଅନ୍ ହୋଇଛି। ବିଦେଶୀ ଖେଳାଳି ମାରିଓ ବାର୍କୋଙ୍କୁ ଗୋଟିଏ ବର୍ଷରେ ଦୁଇଥର ପଞ୍ଜିକରଣ କରି ଦଣ୍ଡିତ ହୋଇଥିବା କାଶୀ କ୍ଲବ୍ କ୍ରୀଡ଼ାରେ ବିବାଦ ଲାଗି ଥିବା ସର୍ବୋଚ୍ଚ ଅଦାଲତ କୋର୍ଟ ଅଫ୍ ଆର୍ବିଟ୍ରେସନ ଫର ସ୍ପୋର୍ଟ୍ସ (ସିଏଏସ୍)ରେ କରିଥିବା ମୋକଦ୍ଦମାରେ ବିଜୟୀ ହୋଇଛି। ଏହା ଫଳରେ ଦଳ ଚଳିତ ସିଜନରେ ଆଇ-ଲିଗ୍ ଚାମ୍ପିଅନ ହୋଇଛି। ପଏଣ୍ଟ ଟେବଲରେ ପ୍ରଥମସ୍ଥାନରେ ଥିବା ଚର୍ଚ୍ଚିଲ ବ୍ରଦର୍ସ ଓ ଇଣ୍ଟର କାଶୀର ପଏଣ୍ଟ ସଂଖ୍ୟା ସମାନ ହୋଇଥିଲା। ଫଳରେ ଉନ୍ନତ ଗୋଲ ବ୍ୟବଧାନରେ କାଶୀକୁ ୨୦୨୪-୨୫ ସିଜନ ଲାଗି ଚାମ୍ପିଅନ ଘୋଷିତ କରିଛି ସିଏଏସ୍। ସିଏଏସ୍‌ର ଏହି ନିଷ୍ପତ୍ତି ଫଳରେ ସର୍ବଭାରତୀୟ ଆପିଲ୍ସ କମିଟି ଦେଇଥିବା ଆଦେଶ ରଦ୍ଦ ହୋଇଛି।

ସ୍ପାନୀଶ ଖେଳାଳି ମାରିଓ ବାର୍କୋଙ୍କ ପଞ୍ଜିକରଣକୁ ନେଇ ଇଣ୍ଟର କାଶୀ ଓ ଏଆଇଏଫଏଫ୍ ମଧ୍ୟରେ ସୃଷ୍ଟି ହୋଇଥିଲା ବିବାଦ। ସିଜନ ଆରମ୍ଭ ପୂର୍ବରୁ ବାର୍କୋଙ୍କୁ ଦଳରେ ନେଇଥିବା କାଶୀ। କିନ୍ତୁ ସେ ଆହତ ହେବା ପରେ ଆଉ ଜଣେ ବିଦେଶୀ ଖେଳାଳିଙ୍କୁ ସାମିଲ କରିଥିଲା। ଦୁଇମାସ ପରେ ବାର୍କୋ ଫିଟ୍ ହେବା ପରେ ତାଙ୍କୁ ପୁନର୍ବାର ଆଉ ଜଣେ ବିଦେଶୀ ଖେଳାଳିଙ୍କ ବଦଳରେ କ୍ଲବ୍ ବାର୍କୋଙ୍କୁ ସାମିଲ କରିଥିଲା। ଆଇ-ଲିଗ୍‌ର ନିୟମ ଅନୁଯାୟୀ ଏହାକୁ ଗ୍ରହଣ କରି ନ ଥିଲା ଏଆଇଏଫ୍‌ଏଫ୍ ଆପିଲ କମିଟି। ଆଇ-ଲିଗ୍‌ର ଧାରା ୬.୫.୭ ଅନୁଯାୟୀ ଜଣେ ବିଦେଶୀ ଖେଳାଳି କେବଳ ଆଉ ଜଣେ ବିଦେଶୀ ଖେଳାଳିଙ୍କ ସ୍ଥାନରେ ବଦଳ ହୋଇପାରିବେ। ଗୋଟିଏ ସିଜନରେ ଆଘାତ, ଅସୁସ୍ଥ କିମ୍ବା ଆପୋଷ ବୁଝାମଣା ମଧ୍ୟରେ ଗୋଟିଏ ଆଇ-ଲିଗ୍ କ୍ଲବ୍ ୩ଥର ବିଦେଶୀ ଖେଳାଳି ବଦଳାଇପାରିବେ। କିନ୍ତୁ ଜଣେ ବିଦେଶୀ ଖେଳାଳି ଥରେ ବଦଳିଗଲେ ସେ ସେହି ସିଜନରେ ଆଉ ଖେଳିପାରିବେ ନାହିଁ ବୋଲି ଆଇନ୍ ରହିଛି। ଏହାକୁ ଆଧାର କରି ଏଆଇଏଫଏଫ୍ ଆପିଲ କମିଟି କାଶୀକୁ ଦଣ୍ଡିତ କରିବା ସହ ଏହାର ୪ ପଏଣ୍ଟ କାଟିଦେଇଥିଲେ। ଏହା ବିରୋଧରେ ଇଣ୍ଟର କାଶୀ ସିଏଏସ୍‌ର ଦ୍ୱାରସ୍ଥ ହୋଇଥିଲା। ସିଏଏସ୍ ଆପିଲ୍ସ କମିଟିର ରାୟକୁ ରଦ୍ଦ କରିଦେଇଥିଲା। ଏହାକୁ ମିଶାଇ କାଶୀ ଚଳିତବର୍ଷ ଦ୍ୱିତୀୟଥର ସିଏଏସ୍‌ରେ ମକଦ୍ଦମା କରି ବିଜୟୀ ହୋଇଛି। ପୂର୍ବରୁ ନାମଧାରୀ ଏକାଦଶ ବାସନ୍ଦ ହୋଇଥିବା ଜଣେ ଖେଳାଳିଙ୍କୁ ଦଳରେ ସାମିଲ କରିଥିଲା। ଏହା ବିରୋଧରେ କାଶୀ ସିଏଏସ୍‌ର ଦ୍ୱାରସ୍ଥ ହୋଇଥିଲା ଓ ମକଦ୍ଦମାରେ ବିଜୟୀ ହେବା ପରେ ଦଳକୁ ୩ ପଏଣ୍ଟ ମିଳିଥିଲା। ଏ ସବୁ ନିଷ୍ପତ୍ତି ବଳରେ ଇଣ୍ଟର କାଶୀ ଚାମ୍ପିଅନ ଓ ଚର୍ଚ୍ଚିଲ ବ୍ରଦର୍ସ ରନର୍ସ ଅପ୍ ହୋଇଥିଲା।

### ଆଇଏସ୍‌ଏଲ୍‌ରେ କାଶୀ ଖେଳିପାରିବ କି

ଗତ ୫ ବର୍ଷ ହେଲା ଭାରତରେ ନଂ-୧ ଫୁଟବଲ ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିବା ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଆୟୋଜନ ନେଇ ସନ୍ଦେହ ସୃଷ୍ଟି ହୋଇଛି। ନିକଟରେ ଆଇଏସ୍‌ଏଲ ଆୟୋଜନ କରୁଥିବା ନୀତା ଆମ୍ବାନିଙ୍କ ଫୁଟବଲ ସ୍ପୋର୍ଟ୍ସ ଡେଭଲେପମେଣ୍ଟ ଲିମିଟେଡ୍ ସହ ଏଆଇଏଫଏଫ୍ ସମ୍ବିଧାନ ଉପରେ ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ ସମସ୍ତ ପ୍ରକାର ଆଲୋଚନାକୁ ସ୍ଥଗିତ ରଖିବାକୁ ସୁପ୍ରିମ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଇନତଃ ଏବେ ଆଇଏସ୍‌ଏଲ୍‌ର ପରବର୍ତ୍ତୀ ସଂସ୍କରଣ ଆୟୋଜନ ନେଇ କିଛି ସ୍ପଷ୍ଟ ହୋଇନାହିଁ। ଏଣୁ ଇଣ୍ଟର କାଶୀ ଆଇଏସ୍‌ଏଲକୁ ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ ଖେଳିବ କି ନାହିଁ ସନ୍ଦେହରେ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS